

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, June 19/2025 Page 14 | ₹ 7.00 | DHENKANAL
୫୧ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 204 | ମୂଲ୍ୟ ₹୭/-

# ୬ ଦିନରେ ୬୦୦ ଇରାନୀୟ ମୃତ

## ଆତ୍ମସମର୍ପଣ ଆହ୍ୱାନକୁ ଖାମେନେଇଙ୍କ ପ୍ରତ୍ୟାଖ୍ୟାନ, ଟ୍ରମ୍ପଙ୍କୁ ଓଲଟା ଚେତାବନୀ



ଇସ୍ରାଏଲ୍‌ର ଇରାନ୍ ଆକ୍ରମଣ ଏକ ବଡ଼ ଭୁଲ୍। ଏଥିପାଇଁ ଇସ୍ରାଏଲ୍‌କୁ ଦଣ୍ଡ ଭୋଗିବାକୁ ପଡ଼ିବ। ଇରାନ୍ ଉପରେ ଶାନ୍ତି କିମ୍ବା ଯୁଦ୍ଧ ଲଦି ଦିଆଗଲେ ଏହାକୁ ତେହରାନ୍ ଗ୍ରହଣ କରିବ ନାହିଁ। ଯେଉଁମାନେ ଇରାନ୍‌ର ଇତିହାସ ଜାଣନ୍ତି, ସେମାନେ ଏହା ମଧ୍ୟ ଜାଣିଛନ୍ତି ଯେ, ତେହରାନ୍ ଧମକପୂର୍ଣ୍ଣ ଭାଷାର ଉତ୍ତର ଦେବା ଜାଣିଛି। ଇରାନୀୟମାନେ ଆତ୍ମସମର୍ପଣ କରନ୍ତି ନାହିଁ। ଆମେରିକା ପକ୍ଷରୁ କୌଣସି ପ୍ରକାର ଷ୍ଟ୍ରାଇକ୍ କରାଗଲେ ଏହାର ପରିଣାମ ଅପୂରଣୀୟ କ୍ଷତି ଆଣିଦେବ।

**-ଆୟାତୋଲ୍ଲା ଅଲୀ ଖାମେନେଇ, ଇରାନ୍ ସୁପ୍ରିମ ଲିଡର**

ତେହରାନ୍/ୱାଶିଂଟନ୍,୧୮।୬

ଇସ୍ରାଏଲ୍-ଇରାନ୍ ଯୁଦ୍ଧ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ଏଥିସହ ଇସ୍ରାଏଲ୍ ଆକ୍ରମଣରେ ଇରାନ୍‌ରେ ମୃତ୍ୟୁସଂଖ୍ୟା ୬୦୦ ଅତିକ୍ରମ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତେହରାନ୍‌କୁ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେବା ପରେ ଇରାନ୍ ତେଲ୍‌ଆଭିଭ୍‌କୁ ଟାର୍ଗେଟ କରି ଫତହ-୧ ମିଶାଇଲ୍ ଛାଡ଼ିଥିବା କହିଛି। ଇସ୍ରାଏଲ୍‌ରେ ଅଦ୍ୟାବଧି ୨୫ ଜଣ ନିହତ ହୋଇଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଇରାନ୍ ସୁପ୍ରିମଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ନିଃସର୍ତ୍ତ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହାର ଦିନକ ପରେ ଖାମେନେଇ ଟ୍ରମ୍ପଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି ଆମେରିକାକୁ ଓଲଟା ଧମକ ଦେଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଖାମେନେଇ କହିଛନ୍ତି, ଆମେରିକା ଯଦି ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ସାମିଲ ହୁଏ ତେବେ ଏହାକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ। ସେହିପରି ଇରାନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଆମେରିକୀୟ ହସ୍ତକ୍ଷେପକୁ ଯୁଦ୍ଧ ଜରିଆରେ ମୁକାବିଲା କରାଯିବ ବୋଲି କହିଛି। ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର ମିଶାଇଲ୍ ନିର୍ମାଣ କେନ୍ଦ୍ର ଉପରେ ଆକ୍ରମଣ ପାଇଁ ୫୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟ ନିୟୋଜିତ କରାଯାଇଛି। ଆକ୍ରମଣରେ ଇରାନ୍‌ର ତବ୍‌ରିଜ ମିଶାଇଲ୍ ବେସ୍ ଓ ମଶାହଦ ଏୟାରଫିଲ୍ଡର ପ୍ରଭୁତ କ୍ଷତି ସାଧିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଇରାନ୍ ଦାବି କରିଛି ଯେ, ଇସ୍ରାଏଲ୍ ଆଡ଼କୁ ଏକ ଫତହ-୧ ମିଶାଇଡ୍ ଛଡ଼ାଯାଇଛି। ଏହା ସତ ହୋଇଥିଲେ ୨୦୨୩ ପରେ ସଦ୍ୟ ଯୁଦ୍ଧରେ ଇରାନ୍ ପକ୍ଷରୁ

### ତେଲ୍ ଆଭିଭ୍‌କୁ ଇରାନ୍ ଛାଡ଼ିଲା ଫତହ-୧ ମିଶାଇଲ୍

ଏହା ଇସ୍ରାଏଲ୍-ଷ୍ଟ୍ରାଇକର୍‌ର ପ୍ରଥମ ପ୍ରୟୋଗ। ଇତିମଧ୍ୟରେ ଆମେରିକାର ୨ ଜଣ ଅଧିକାରୀ କହିଛନ୍ତି, ଟ୍ରମ୍ପ୍ ଇରାନୀୟ ନ୍ୟୁକ୍ଲିୟର ଫାସିଲଟିଗୁଡ଼ିକ ଉପରେ ଆମେରିକୀୟ ସାମରିକ ଉପକରଣ ବ୍ୟବହାର କରିବା ପାଇଁ ଅତ୍ୟନ୍ତ ଆଗ୍ରହୀ। ୩୦ରୁ ଅଧିକ ୟୁଏସ୍ ମିଲିଟାରି ଏରିଆଲ୍ ରିଫ୍ୟୁଲିଙ୍ଗ୍ ଟ୍ୟାଙ୍କରକୁ ମଧ୍ୟପ୍ରାଚ୍ୟକୁ ଛଡ଼ାଯାଇଛି। ଇରାନ୍ ୬ ଦିନ ଭିତରେ ତେଲ୍‌ଆଭିଭ୍ ଆଡ଼କୁ ୪୦୦ରୁ ଅଧିକ ମିଶାଇଲ୍ ଓ ଅନେକ ଶହ ଡ୍ରୋନ୍ ଛାଡ଼ିସାରିଲାଣି। ଏଥିରେ ଇସ୍ରାଏଲ୍‌ର ୪୦ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି।

ଇରାନ୍‌ର ଶେଷ ରାଜାଙ୍କ ପୁଅ ତଥା ନିର୍ବାସନରେ ଥିବା ବିରୋଧୀ ବ୍ୟକ୍ତିତ୍ୱ ରେଜା ପହଲଭି କ୍ଷମତା ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଛନ୍ତି। ଖାମେନେଇ ଅଣ୍ଡରଗ୍ରାଉଣ୍ଡ୍ ହୋଇଯାଇଛନ୍ତି ଏବଂ ଇସ୍‌ଲାମିକ୍ ସାଧାରଣତନ୍ତ୍ର ଭୁଶୁଡ଼ିପଡ଼ିଥିବା ସେ ଦାବି କରିଛନ୍ତି। ଇତିମଧ୍ୟରେ ଇରାନ୍‌ରୁ ୧୧୦ ଭାରତୀୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବିମାନ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି। ଛାତ୍ରୀଛାତ୍ରମାନେ ଆର୍ମେନିଆରୁ ଦୋହା ଯିବା ପରେ ସେଠାରୁ ବିମାନରେ ଆସୁଥିବା ଜଣାପଡ଼ିଛି।



ତେହରାନରେ ଇସ୍ରାଏଲ୍‌ର ମିଶାଇଲ୍ ମାଡ଼ ପରେ ଧୂଆଁ ଉଠୁଛି।

ଇରାନ୍ ବର୍ତ୍ତମାନ ଆତ୍ମରକ୍ଷା ପାଇଁ ସମ୍ପୂର୍ଣ୍ଣ ରୂପେ ଅକ୍ଷମ ହୋଇଗଲାଣି। ଏହା ନିକଟରେ ଆଉ ଏୟାର ଡିଫେନ୍ସ ନାହିଁ। ଇରାନ୍ ହ୍ୱାଇଟ୍ ହାଉସ୍ ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛି।

**-ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି**



### ୧୦-୧୨ ଦିନରେ ସରିଯିବ ଇସ୍ରାଏଲୀ ମିଶାଇଲ

ତେହରାନ୍‌ରୁ ନେଇ ତେଲ୍‌ଆଭିଭ୍ ପର୍ଯ୍ୟନ୍ତ ଚାଲିଛି ମିଶାଇଲ ମାଡ଼ର ପ୍ରତିଯୋଗିତା। ଇରାନ୍ ଉପରେ ଆକ୍ରମଣ ବେଳେ ଇସ୍ରାଏଲ୍ ଭାବି ନ ଥିଲା ଏପରି ପ୍ରତିରୋଧର ସମ୍ମୁଖୀନ ହେବ ବୋଲି। ଇସ୍ରାଏଲୀ ଇଣ୍ଟରସେପ୍ଟରଗୁଡ଼ିକ ବର୍ତ୍ତମାନ ଚାପଗ୍ରସ୍ତ। ଏରୋ ମିଶାଇଲ ପିଛା ୩ ନିୟୁତ ଡଲାର। ଇସ୍ରାଏଲ୍‌କୁ ଡିଫେନ୍ସ ଅପରେଶନ୍ ପାଇଁ ପ୍ରତି ରାତିରେ ୨୮୫ ନିୟୁତ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଇରାନ୍‌ର ପ୍ରତିଆକ୍ରମଣକୁ ଇସ୍ରାଏଲ୍ ଆଉ କେତେଦିନ ବରଦାସ୍ତ କରିପାରିବ ତାକୁ ନେଇ ବଡ଼ ପ୍ରଶ୍ନ ଉଠିଲାଣି। ଏଭଳି ସ୍ଥିତିରେ ଇସ୍ରାଏଲ୍ ଆମେରିକାଠାରୁ ଯୁଦ୍ଧାସ୍ତ୍ର ସହଯୋଗ ନ ପାଇଲେ ଏହାର ସାମରିକ ଭିତ୍ତିଭୂମି ଦୋହଲିଯିବ ବୋଲି ଅନେକେ ମତ ଦେଉଛନ୍ତି। କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏତେ ଶୀଘ୍ର ଇସ୍ରାଏଲ୍ ସହ ଇରାନ୍ ବିରୋଧୀ ଯୁଦ୍ଧରେ ଆମେରିକାକୁ ସାମିଲ କରି ତେହରାନ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ନ ପାରନ୍ତି ବୋଲି ଅନ୍ୟ କେତେକ ସୂତ୍ରରୁ ଜଣାପଡ଼ିଛି।



## ସଂକ୍ଷେପରେ

### ମହାରାଷ୍ଟ୍ର ସ୍କୁଲ ପିଲାଙ୍କ ପାଇଁ ହିନ୍ଦୀ ବାଧ୍ୟ ନୁହେଁ

ମୁମ୍ବାଇ, ୧୮।୬

ମହାରାଷ୍ଟ୍ରରେ ଚାଲିଥିବା ଭାଷା ବିବାଦକୁ ନେଇ ବୁଧବାର ରାଜ୍ୟର ଦେବେନ୍ଦ୍ର ଫଡ୍‌ନବିସ୍ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଥିବା ମରାଠୀ ଏବଂ ଇଂଲିଶ ମିଡିୟମ ସ୍କୁଲଗୁଡ଼ିକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ତୃତୀୟ ଭାଷା ଭାବେ ହିନ୍ଦୀ ଶିକ୍ଷାଦାନ ବାଧ୍ୟତାମୂଳକ ନୁହେଁ ବୋଲି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ତ୍ରିଭାଷା ନୀତିରେ ମହାରାଷ୍ଟ୍ର ସରକାର ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ମହାରାଷ୍ଟ୍ରର ସ୍କୁଲଗୁଡ଼ିକରେ ତୃତୀୟ ଭାଷା ଭାବେ ହିନ୍ଦୀ ପାଠପଢ଼ା ଜାରି ରହିବ। ତେବେ ଯଦି କୌଣସି ଶ୍ରେଣୀରେ ୨୦ରୁ ଅଧିକ ଛାତ୍ରୀଛାତ୍ର ହିନ୍ଦୀ ବଦଳରେ ଅନ୍ୟ କୌଣସି ଭାରତୀୟ ଭାଷାକୁ ତୃତୀୟ ଭାଷା ଭାବେ ଶିଖିବାକୁ ଚାହିଁବେ, ସେମାନଙ୍କୁ ଉକ୍ତ ଭାଷାରେ ଶିକ୍ଷକ ଉପଲବ୍ଧ କରାଯିବ କିମ୍ବା ଅନ୍‌ଲାଇନରେ ଉକ୍ତ ଭାଷାର ଶିକ୍ଷା ଦିଆଯିବ।

### ଋଣ ଶୁଝି ନ ପାରିବାରୁ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼

ଅମରାବତୀ, ୧୮।୬

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ନିର୍ବାଚନମଣ୍ଡଳୀ କୁପ୍ପମ ଅନ୍ତର୍ଗତ ନାରାୟଣପୁରମ ଗ୍ରାମରେ ଋଣ ପରିଶୋଧ କରିପାରି ନ ଥିବାରୁ ସିରିଶି ନାମ୍ନୀ ଜଣେ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼ ମରାଯାଇଛି। ଅଭିଯୁକ୍ତ ଜଣକ ଆନ୍ଧ୍ର ପ୍ରଦେଶରେ ଶାସନରେ ଥିବା ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଜଣେ କର୍ମୀ ମନିକପ୍ପା ବୋଲି ଜଣାପଡ଼ିଛି। ମାମଲାକୁ ନେଇ ପୋଲିସ ବୁଧବାର ମନିକପ୍ପା, ତାଙ୍କ ସ୍ତ୍ରୀ ମୁନେମ୍ମା ଏବଂ ତାଙ୍କ ପରିବାରର ୪ ସଦସ୍ୟଙ୍କୁ ଗିରଫ କରିଛି। ପୋଲିସର ସୂଚନା ମୁତାବକ, ସିରିଶିଙ୍କ ସ୍ୱାମୀ ଆର୍ ତିମପ୍ପା ୨ ବର୍ଷ ତଳେ ଗ୍ରାମର ମନିକପ୍ପାଙ୍କଠାରୁ ଋଣରେ ୮୦ ହଜାର ଟଙ୍କା ନେଇଥିଲେ। ତିମପ୍ପା ଏହି ଋଣକୁ ଛୋଟ ଛୋଟ କିସ୍ତିରେ ପରିଶୋଧ କରୁଥିଲେ। ତେବେ କିଛିଦିନ ତଳେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରିବା ପାଇଁ ସେ ଗାଁ ଛାଡ଼ି ବେଙ୍ଗାଲୁରୁ ଚାଲିଯାଇଥିଲେ। ବେଙ୍ଗାଲୁରୁ ଯିବା ପରେ ସେ ମନିକପ୍ପାଙ୍କୁ ଟଙ୍କା ଦେବା ବନ୍ଦ କରିଦେଇଥିଲେ। ଫଳରେ ମନିକପ୍ପା ଏବଂ ତାଙ୍କ ସ୍ତ୍ରୀ ମୁନେମ୍ମା ସିରିଶିଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିଲେ।

### ଗୋରକ୍ଷକଙ୍କ ମାଡ଼ରେ ଜଣେ ମୃତ, ଜଣେ ଗୁରୁତର

ଭୋପାଳ,୧୮।୬

ମଧ୍ୟପ୍ରଦେଶର ମେହଗାଁଓ ସହରରେ ଗୋରୁ ଚୋରାଚାଲାଣ ଅଭିଯୋଗରେ ଗତ ୫ ତାରିଖ ରାତିରେ ୨ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେମାନଙ୍କ ମଧ୍ୟରେ ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଜୁନେଦ୍ ଓ ତାଙ୍କର ଜଣେ ସହଯୋଗୀ ୬ରୁ ୧୦ଟି ଗାଈ ନେଇ ଯାଉଥିବାବେଳେ ତଥାକଥିତ ଗୋରକ୍ଷକମାନେ ମେହଗାଁଓ ମନ୍ଦିର ନିକଟରେ ସେମାନଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ।

## ୨୨କୁ ଘୁଞ୍ଚିଲା ଆକ୍ସିଓମ ୪ ମିଶନ

### ଆଇଏସ୍ଏସ୍‌ରେ ହୋଇଥିବା ମରାମତି କାର୍ଯ୍ୟର ମୂଲ୍ୟାଙ୍କନ କରିବ ନାସା

ଫ୍ଲୋରିଡା, ୧୮।୬

ଆମେରିକୀୟ ମହାକାଶ ସଂସ୍ଥା ନାସା ପୁଣିଥରେ ଆକ୍ସିଓମ ୪ ମିଶନର ଲଞ୍ଚିଂକୁ ଘୁଞ୍ଚାଇଛି। ରବିବାର ପୂର୍ବରୁ ଏହି ମିଶନ ଲଞ୍ଚ୍ ହୋଇପାରିବ ନାହିଁ ବୋଲି ନାସା ସ୍ପଷ୍ଟ କରିଛି। ଯଦି ସବୁକିଛି ଯୋଜନା ମୁତାବକ ରହେ, ତେବେ ଆସନ୍ତା ୨୨ରେ ଆକ୍ସିଓମ ୪ ମିଶନର ଲଞ୍ଚିଂ ହେବ। ନିକଟରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ର ଜେଭେଜ୍‌ଦା ସର୍ଭିସ୍ ମଡ୍ୟୁଲର ପଛ ପାର୍ଶ୍ୱରେ ମରାମତି କାର୍ଯ୍ୟ ହୋଇଥିବାରୁ ଏହାର ମୂଲ୍ୟାଙ୍କନ ପାଇଁ ରବିବାର ପର୍ଯ୍ୟନ୍ତ ନାସା ସମୟ ପାଇବ ବୋଲି ଆକ୍ସିଓମ୍ ସ୍ପେସ୍ କହିଛି। ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ମଧ୍ୟ ଏନେଇ ଏକ୍ସ'ରେ ସୂଚନା ଦେଇଛି। ନାସା, ସ୍ପେସ୍‌ଏକ୍ସ', ଇସ୍ରୋ ଏବଂ ଆକ୍ସିଓମ୍ ସ୍ପେସ୍‌ର ଏହି ମିଳିତ ମିଶନ ପୂର୍ବରୁ ମେ ୨୯ରେ ଲଞ୍ଚ୍ ହେବାର ଥିଲା। ପରେ ଭିନ୍ନ ଭିନ୍ନ କାରଣ ପାଇଁ ଏହାକୁ ଜୁନ୍ ୮, ୯, ୧୧ ଏବଂ ୧୯କୁ ଘୁଞ୍ଚାଯାଇଥିଲା। ଏହି ମିଶନରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଏବଂ ୩ ଅନ୍ୟ ଆଷ୍ଟ୍ରୋନଟ ଆଇଏସ୍ଏସ୍‌କୁ ଯିବେ। ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍ଏସ୍‌ରେ ପହଞ୍ଚିବେ। ସେହିପରି ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ସେ ଦ୍ୱିତୀୟ ଭାରତୀୟ ହେବେ।

## ୟୁପି ପୋଲିସରେ ଏକସଙ୍ଗେ ଭର୍ତ୍ତିହେଲେ ବାପପୁଅ

ଲକ୍ଷ୍ନୌ, ୧୮।୬

ଉତ୍ତର ପ୍ରଦେଶର ହାପୁର ଜିଲା ଉଦୟରାମପୁର ନଙ୍ଗଲା ଗ୍ରାମର ବାପପୁଅଙ୍କ ଯୋଡ଼ି ଏକସଙ୍ଗେ ରାଜ୍ୟ ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ଲକ୍ଷ୍ନୌସ୍ଥିତ ଡିଫେନ୍ସ ଏକ୍ସପୋ ଭେନ୍ୟୁରେ ପହଞ୍ଚି ଅବସରପ୍ରାପ୍ତ ସେନା ହାବିଲଦାର ୟଶପାଲ ସିଂ ନାଗର (୪୧) ଏବଂ ତାଙ୍କ ପୁଅ ଶେଖର ନାଗର (୨୧) ନିଜ ନିଯୁକ୍ତି ପତ୍ର ଆଣିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଭୟଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ୟଶପାଲ ୨୦୦୩ରେ ଭାରତୀୟ ସେନାରେ ଭର୍ତ୍ତି ହୋଇଥିଲେ। ୧୬ ବର୍ଷ ଧରି ସେବା ଯୋଗାଇବା ପରେ ୨୦୧୯ରେ ସେ ସେନାରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାପରେ ଦିଲ୍ଲୀରେ ଥିବା ଆର୍ମି ଅର୍ଡିନାନ୍ସ କର୍ପ୍ସରେ ସେ କିଛିଦିନ ପାଇଁ କାର୍ଯ୍ୟ କରିଥିଲେ। ୨୦୨୪ରେ ଉତ୍ତର ପ୍ରଦେଶର କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷା ପାଇଁ ୟଶପାଲ ପୁଅ ଶେଖରଙ୍କ ସହ ମିଶି ଆବେଦନ କରିଥିଲେ। ଉଭୟ ବାପପୁଅ ଏକସଙ୍ଗେ ଉକ୍ତ ପରୀକ୍ଷା ଦେଇଥିଲେ ଏବଂ ଏକସଙ୍ଗେ ଉଭୟଙ୍କର ସିଲେକ୍ସନ ମଧ୍ୟ ହୋଇଛି। ଦୁହେଁ ୨ ବର୍ଷ ଧରି ଏହି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଉଭୟେ ଦିଲ୍ଲୀର ଏକ କୋଚିଂ ସେଣ୍ଟରରେ ମିଳିତ ଭାବେ ୟୁପି ପୋଲିସ କନଷ୍ଟେବଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି ଶେଖର କହିଛନ୍ତି।



ୟଶପାଲ ସିଂ ନାଗର ଓ ତାଙ୍କ ପୁଅ ଶେଖର।

ଏବେ ୟଶପାଲ ଶାହଜହାନ୍‌ପୁର ଏବଂ ପୁଅ ଶେଖର ବରେଲିରେ ୟୁପି ପୋଲିସ କନଷ୍ଟେବଲ ଭାବେ ଟ୍ରେନିଂ ନେବେ। ଚଳିତ ମାସ ଶେଷ ଆଡ଼କୁ ଉଭୟେ ଟ୍ରେନିଂ ପାଇଁ ଯିବେ। ୟୁପି ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହେବା ପରେ ଶେଖର କହିଛନ୍ତି, ସେ ଆଗକୁ ମଧ୍ୟ କମ୍ବାଇନ୍‌ଡ ଡିଫେନ୍ସ ସର୍ଭିସ୍ ଏକ୍ସାମିନେଶନ (ସିଡିଏସ୍) ଏବଂ ୟୁପି ଇନ୍ସପେକ୍ଟର ପରୀକ୍ଷା ପରି ବିଭିନ୍ନ ସରକାରୀ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିବେ। ସେହିପରି ୟଶପାଲ କହିଛନ୍ତି, ଶେଖର ଉଚ୍ଚ ମାଧ୍ୟମିକ ପାଠପଢ଼ା ଶେଷ କରିବା ପରେ ସେ ତାଙ୍କୁ ୟୁପି ପୋଲିସ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ତେବେ ଧୀରେ ଧୀରେ ପୁଅକୁ ପ୍ରସ୍ତୁତିରେ ସହଯୋଗ କରିବା ସହ ସେ ନିଜେ ମଧ୍ୟ ପ୍ରସ୍ତୁତିରେ ଲାଗିପଡ଼ିଥିଲେ ବୋଲି ୟଶପାଲ କହିଛନ୍ତି। ଫଳରେ ସେ ପୁଅ ସହ ମିଶି ୟୁପି ପୋଲିସ କନ୍‌ଷ୍ଟେବଲ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ସେହିପରି କୋଚିଂ ସେଣ୍ଟରରେ ପୁଅ ସହ ମିଶି ଗୋଟିଏ ଶ୍ରେଣୀରେ ବସିବା ତାଙ୍କୁ ପ୍ରଥମେ ଅଜବ ଲାଗିଥିଲା ବୋଲି ୟଶପାଲ କହିଛନ୍ତି। ତେବେ ପରେ ସେ ଏଥିରେ ଅଭ୍ୟସ୍ତ ହୋଇଯାଇଥିଲେ।

## ଫୁରସତ୍

### ଅତିଥିଙ୍କ ସଂଖ୍ୟା ମେଳ ନ ଖାଇଲେ ଜରିମାନା ଲଗାଇବ ରେଷ୍ଟୁରାଣ୍ଟ

ପ୍ୟାରିସ୍

ଫ୍ରାନ୍ସର ଆମ୍ବୋଇଜ୍‌ଠାରେ ଥିବା ଲିଲୋଟ୍ ନାମକ ଏକ ରେଷ୍ଟୁରାଣ୍ଟ ପକ୍ଷରୁ ନିକଟରେ ନିଜ ଗ୍ରାହକଙ୍କ ପାଇଁ ନୂତନ ଜରିମାନା ନୀତି ଘୋଷଣା କରାଯାଇଛି। ଏହି ନୀତି ଅନୁଯାୟୀ, ଗ୍ରାହକମାନେ ଅର୍ଡର ଦେଉଥିବା ପାର୍ଟିରେ ପୂର୍ବରୁ ଦର୍ଶା ଯାଇଥିବା ସଂଖ୍ୟାଠାରୁ ଯଦି କମ୍ କିମ୍ବା ଅଧିକ ଅତିଥି ଆସିଲେ, ତେବେ ଏଥିପାଇଁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଲିଲୋଟ୍ ରେଷ୍ଟୁରାଣ୍ଟର ମାଲିକ ତଥା ମ୍ୟାନେଜର ଅଲିଭିୟର ଭିନ୍‌ସେଣ୍ଟ କହିଛନ୍ତି, ତାଙ୍କ ରେଷ୍ଟୁରାଣ୍ଟରେ କେବଳ ୨୦ଟି ସିଟ୍ ରହିଛି। ଯେତେବେଳେ ଲୋକମାନେ ଏଠାରେ ପାର୍ଟି ଆୟୋଜନ କରନ୍ତି, ସେମାନେ ପୂରା ୨୦ ସିଟ୍ ବୁକ୍ କରି ଦିଅନ୍ତି। କିନ୍ତୁ ଅନେକ ସମୟରେ ପାର୍ଟିରେ କମ୍ ଲୋକ ଆସିଥାନ୍ତି, ଯାହାଫଳରେ ରେଷ୍ଟୁରାଣ୍ଟକୁ କ୍ଷତି ସହିବାକୁ ପଡ଼େ। ସେହିପରି କେବେକେବେ ବୁକ୍ ହୋଇଥିବା ସିଟ୍ ସଂଖ୍ୟାଠାରୁ ଅଧିକ ଅତିଥି ମଧ୍ୟ ଆସିଯାଆନ୍ତି, ଯାହା ମଧ୍ୟ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ବୋଲି ଭିନ୍‌ସେଣ୍ଟ କହିଛନ୍ତି। ପ୍ରତି ସପ୍ତାହରେ ସେ ଏପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏବଂ ଏହି ସମସ୍ୟା ତାଙ୍କ ବ୍ୟବସାୟକୁ ପ୍ରଭାବିତ କରୁଥିବାରୁ ସେ ବାଧ୍ୟହୋଇ ଗ୍ରାହକଙ୍କ ପାଇଁ ଜରିମାନା ନୀତି ଘୋଷଣା କରିଥିବା ଭିନ୍‌ସେଣ୍ଟ କହିଛନ୍ତି। ନୂତନ ନିୟମ ଅନୁଯାୟୀ, ଲିଲୋଟ୍ ରେଷ୍ଟୁରାଣ୍ଟରେ ପାର୍ଟି ବୁକ୍ କରିବା ସମୟରେ ଉଲ୍ଲେଖ କରାଯାଇଥିବା ଅତିଥିଙ୍କ ସଂଖ୍ୟାଠାରୁ ଯଦି ପାର୍ଟିକୁ ଆସିଥିବା ଅତିଥିଙ୍କ ସଂଖ୍ୟା ମେଳ ଖାଇବ ନାହିଁ, ତେବେ ଅର୍ଡର ଦେଇଥିବା ଗ୍ରାହକଙ୍କଠାରୁ ପ୍ରତି କମ୍ କିମ୍ବା ଅତିରିକ୍ତ ଅତିଥିଙ୍କ ପାଇଁ ୧୫ ୟୁରୋ (ପ୍ରାୟ ୧୪୦୦ ଟଙ୍କା) ଜରିମାନା ଆକାରରେ ଆଦାୟ କରାଯିବ। ତେବେ ଏହାକୁ ଏକ ଅଜବ ନିୟମ ବୋଲି କହି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଭିନ୍‌ସେଣ୍ଟଙ୍କୁ ସମାଲୋଚନା କରିଛନ୍ତି।




### ଦିନକର ବାଇକ୍ ପାର୍କିଂ ଭଡ଼ା ୨,୪୦୦ ଟଙ୍କା

ବାରାଣସୀ

ଉତ୍ତର-ପୂର୍ବ ରେଳପଥର ବାରାଣସୀ ରେଳ ଷ୍ଟେଶନରେ ଏକ ବାଇକ୍ ପାର୍କିଂର ଟିକେଟ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଟିକେଟ ଅନୁଯାୟୀ, ଘଣ୍ଟାଏରୁ ଅଧିକ ସମୟ ଧରି ଗାଡ଼ି ପାର୍କିଂ ହୋଇ ରହିଲେ, ଘଣ୍ଟା ପ୍ରତି ୧୦୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ଅର୍ଥାତ୍ ଯଦି ଗୋଟିଏ ବାଇକ୍ ୨୪ ଘଣ୍ଟା ପାଇଁ ପାର୍କିଂ ହୋଇ ରହିବ, ତେବେ ଭଡ଼ା ଆକାରରେ ୨,୪୦୦ ଟଙ୍କା ଦେବାକୁ ପଡିବ। ଘଟଣାକୁ ନେଇ ରେଳ ପ୍ରଶାସନ ପାର୍କିଂ ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରେଳ ଷ୍ଟେଶନ ପ୍ରଶାସନ ସମ୍ପୃକ୍ତ ଠିକାଦାର ସଂସ୍ଥାର ପାର୍କିଂ ଚୁକ୍ତିନାମା ବାତିଲ କରିବା ସହ ଠିକାଦାରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି।

ଏନେଇ ସ୍ଥାନୀୟ ମହମୁର୍‌ଗଞ୍ଜ ବାସିନ୍ଦା ଡାକ୍ତର ରାଜେଶ କୁମାର ଶ୍ରୀବାସ୍ତବ ରେଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଶ୍ରୀବାସ୍ତବ ତାଙ୍କ ଅଭିଯୋଗରେ କହିଛନ୍ତି, ବାରାଣସୀ ରେଳ ଷ୍ଟେଶନର ପ୍ଲାଟଫର୍ମ-୧ରେ ଥିବା ପାର୍କିଂ ଷ୍ଟାଣ୍ଡରେ ୨୪ ଘଣ୍ଟା ବାଇକ୍ ରଖିବା ପାଇଁ ୨,୪୦୦ ଟଙ୍କା ଆଦାୟ କରାଯାଉଛି। ସେହିପରି ୨୪ ଘଣ୍ଟା ସାଇକେଲ ରଖିବା ପାଇଁ ୧,୨୦୦ ଟଙ୍କା ଆଦାୟ କରାଯାଉଛି। ଶ୍ରୀବାସ୍ତବଙ୍କ ଅଭିଯୋଗ ପରେ ରେଳ ପ୍ରଶାସନ ପକ୍ଷରୁ ଘଟଣାକୁ ନେଇ ତଦନ୍ତ କରାଯାଇଥିଲା। ମନମାନି କରି ପାର୍କିଂ ଫି ଆଦାୟ କରୁଥିବାରୁ ପାର୍କିଂ ଅପରେଟରଙ୍କ ଉପରେ ରେଳ ପ୍ରଶାସନ ୫ ହଜାର ଟଙ୍କାର ଜରିମାନା ଲଗାଇଥିଲା।



# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୯/୨୦୨୫ | Bhubaneswar, Thursday, June 19/2025 | ପୃଷ୍ଠା-୧



ବର୍ଷ ଏକ ଉପଲବ୍ଧି ଅନେକ

ବିକଶିତ ଓଡ଼ିଶା ପାଇଁ ସମୁନ୍ନତ ଶିକ୍ଷା ବ୍ୟବସ୍ଥା

- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଶୁଭାରମ୍ଭ
- ୪୫୦୦୦ରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିଶୁ ବାଟିକା କାର୍ଯ୍ୟକ୍ଷମ
- ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ଗୁରୁତ୍ୱ



DADLS - 33

OIPR-15001/13/0712/2526


# ଅଗଷ୍ଟ ୧୫ରୁ ବର୍ଷିକିଆ ଫାସ୍‌ଟାଗ୍

## ଘରୋଇ ଯାନବାହନ ପାଇଁ ୩ ହଜାର ଟଙ୍କା

ନୂଆଦିଲ୍ଲୀ, ୧୮।୬

କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ଏକ୍ସ'ରେ ଦେଶବ୍ୟାପୀ ବର୍ଷିକିଆ ଫାସ୍‌ଟାଗ୍‌ର ଘୋଷଣା କରିଛନ୍ତି। ଏହି ବର୍ଷିକିଆ ପାସ୍ ପାଇଁ ୟୁଜର୍ସମାନଙ୍କୁ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ପାସ୍ ଦେଖାଇ ଯାତ୍ରୀମାନେ ବର୍ଷକୁ ସର୍ବାଧିକ ୨୦୦ ଥର ଯାତ୍ରା କରିପାରିବେ। ତେବେ ସମୟସୀମା ପୂର୍ବରୁ ୨୦୦ ଯାତ୍ରା ପୂରା ହୋଇଗଲେ କିମ୍ବା ପାସ୍‌ର ଅବଧି ବର୍ଷେ ପୂରା ହେବାପରେ ୟୁଜର୍ସମାନଙ୍କୁ ସେମାନଙ୍କ ପାସ୍ ରିନ୍ୟୁ କରିବାକୁ ପଡ଼ିବ। ଆସନ୍ତା ଅଗଷ୍ଟ ୧୫ଠାରୁ ଏହି ବର୍ଷିକିଆ ଫାସ୍‌ଟାଗ୍ ପାସ୍ କାର୍ଯ୍ୟକାରୀ ହେବ ବୋଲି ଗଡ଼କରୀ କହିଛନ୍ତି। ☞ପୃଷ୍ଠା-୨



ନବଯୌବନ ଦର୍ଶନର ଅବ୍ୟବହିତ ପୂର୍ବରୁ କଟକ ଦରଘାବଜାର ଚିତ୍ରକର ସାହିରେ ଶ୍ରୀଜୀଉଙ୍କ ପ୍ରତିମାକୁ ରଙ୍ଗତୂଳୀରେ ସଜାଉଛନ୍ତି ଜଣେ ଶିଳ୍ପୀ।

# ଝିଅ ଜନ୍ମହେବାରୁ ମାରିଦେଲେ

**ଏବେବି ଝିଅ ଜନ୍ମକୁ କେତେଜଣ ଲୋକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଜନ୍ମ ଦେଇଥିବା ମା'ଙ୍କୁ ବିଭିନ୍ନ ପ୍ରକାର ମାନସିକ ଏବଂ ଶାରୀରିକ ଯନ୍ତ୍ରଣା ଦିଆଯାଉଛି। ଉପାନ୍ତ ଅଞ୍ଚଳଠାରୁ ଆରମ୍ଭ କରି ସହର ଯାଏ ଏଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପରିବାର ବିରୋଧରେ ମଧ ଏଭଳି ଏକ ସଙ୍ଗିନ ଅଭିଯୋଗ ଆସିଛି। ଉପାଧ୍ୟକ୍ଷାଙ୍କ ପୁତ୍ରବଧୂ ନମିତା ୧୦ଦିନ ତଳେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବାବେଳେ ବୁଧବାର ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଅପରପକ୍ଷରେ କନ୍ୟାସନ୍ତାନ ଜନ୍ମ ଦେବା କାରଣରୁ ନବଜାତକର ମା'ଙ୍କୁ ମାନସିକ ନିର୍ଯାତନା ଦିଆଯିବା ସହ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ଅଭିଯୋଗ ହୋଇଛି। ଜଳେଶ୍ୱର ପୋଲିସ ଅଭିଯୋଗକୁ ଆଧାର କରି ଏକ ହତ୍ୟା ମାମଲା ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ, ଶ୍ୱଶୁର, ଦାଦା ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।**

## ପୌର ଉପାଧ୍ୟକ୍ଷାଙ୍କ ପରିବାର ବିରୋଧରେ ଅଭିଯୋଗ



ନମିତା

### ସ୍ୱାମୀ, ଶ୍ୱଶୁର, କକାଶ୍ୱଶୁରଙ୍କୁ ଉଠାଇ ନେଲା ପୋଲିସ

ଜଳେଶ୍ୱର,୧୮।୬(ନବୀନ ସାହୁ)

ଜଳେଶ୍ୱର ପୌରପାଳିକାର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପୁଅ ରିତେଶ କାମିଲା ୨୦୨୨ରେ ନିକଟସ୍ଥ ଚକବିଷ୍ଣୁ ଗ୍ରାମର ଜଳଧର ପ୍ରଧାନଙ୍କ କନ୍ୟା ନମିତା(୨୪)ଙ୍କୁ ଭଲ ପାଇ ବୈଦିକ ରୀତିନୀତିରେ ବିବାହ କରିଥିଲେ। ଘରେ ଶାଶୁ, ଶ୍ୱଶୁର, କକା, କାକୀ ଶାଶୁ, ନଣନ୍ଦ ଏବଂ ସ୍ୱାମୀଙ୍କ ସହିତ ନମିତା ଏକ ଯୌଥ ପରିବାରରେ ରହୁଥିଲେ। ସ୍ୱାମୀ ରିତେଶଙ୍କ ଜଳେଶ୍ୱର ବଜାରରେ ଏକ ବାସନ ଦୋକାନ ରହିଛି। ନମିତା ୧୦ ଦିନ ତଳେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେ ଶିଶୁକନ୍ୟା ଜନ୍ମ ଦେଇଥିବାରୁ ଶାଶୁ ଘର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ନମିତାଙ୍କୁ ତାଙ୍କ ଶୋଇବା ଘରେ ଝୁଲନ୍ତା ଅବସ୍ଥାରେ ଶ୍ୱଶୁର ଘର ଲୋକ ଦେଖିବାକୁ ପାଇଥିଲେ। ନମିତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନମିତା ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ କହୁଥିବାବେଳେ ବାପଘର ଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଝିଅ ଜନ୍ମ ଦେବା ପରଠାରୁ ନମିତାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ନମିତାଙ୍କ ସମ୍ପର୍କୀୟା ଭଉଣୀ ସୁମିତ୍ରା ପାଲ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୮୦ (ଯୌତୁକଜନିତ ମୃତ୍ୟୁ), ୮୫ (ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ନିର୍ଯାତନା), ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା), ୧୦୩ (ହତ୍ୟା), ୩(୫) (ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି)ରେ ଏକ ମାମଲା(ନଂ.୨୮୦/୨୫) ରୁଜୁ କରି ମୃତାଙ୍କ ସ୍ୱାମୀ, ଶ୍ୱଶୁର ଏବଂ ଦାଦା ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ଜୟନ୍ତ ବେହେରା କହିଛନ୍ତି। ଏହି ଘଟଣା ସମ୍ପର୍କରେ ପୌର ଉପାଧ୍ୟକ୍ଷା କିମ୍ବା ତାଙ୍କ ପରିବାର କାହାରି ପ୍ରତିକ୍ରିୟା ମିଳିପାରି ନାହିଁ। ମିଳିଥିବା ସୂଚନା ଅନୁସାରେ ଗତ ୫ରୁ ୬ବର୍ଷ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟାଙ୍କ ବଡ଼ବୋହୂଙ୍କ ମଧ ସନ୍ଦେହଜନକ ମୃତ୍ୟୁ ଘଟିଥିଲା।

# ୧୫ ଦିନରେ ମିଳିବ ଭୋଟର କାର୍ଡ

ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ରବିନାରାୟଣ ଜେନା),୧୮।୬

ପୂର୍ବରୁ ଦେଶର ମତଦାତାଙ୍କୁ ଇଲେକ୍ଟର ଫଟୋ ଆଇଡେଣ୍ଟିଟି କାର୍ଡ (ଇପିଆଇସି) ପାଇବାକୁ ହେଲେ ମାସେରୁ ଅଧିକ ସମୟ ଲାଗୁଥିଲା। ଏଣିକି ଭୋଟର କାର୍ଡ ୧୫ ଦିନ ଭିତରେ ମିଳିଯିବ ବୋଲି ବୁଧବାର ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ଇସି କହିଛନ୍ତି, ଭାରତର ନୂଆ ଭୋଟରଙ୍କ ନାମ ପଞ୍ଜୀକରଣ ଓ ପଞ୍ଜୀକୃତ ଭୋଟରଙ୍କ ତଥ୍ୟ ସଂଶୋଧନ ଯେମିତି ୧୫ ଦିନ ଭିତରେ ହୋଇପାରିବ ତାହା ସୁନିଶ୍ଚିତ କରିବା ପାଇଁ ଏକ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜ୍ୟୁର (ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ନୂଆ ବ୍ୟବସ୍ଥା ଅନୁସାରେ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ୍ ଅଫିସର (ଇଆର୍‌ଓ)ଙ୍କ ଦ୍ୱାରା କରାଯାଉଥିବା ଇପିଆଇସି ଜେନେରେଶନ୍‌ଠାରୁ ନେଇ ଭୋଟରଙ୍କୁ ☞ପୃଷ୍ଠା-୨

# ଆଉ ୧୬ ନମୁନାରେ ହଇଜା

ଯାଜପୁର,୧୮।୬ (ହର୍ଷବର୍ଦ୍ଧନ ବେହେରା)

**ଯାଜପୁର**

- **ଜଣେ ଶିଶୁର ଜୀବନ ଗଲା, ମୃତ୍ୟୁସଂଖ୍ୟା ୨୦ ହେଲା**
- **ଦୂଷିତ ଜଳ, ଖାଦ୍ୟ ପ୍ରମୁଖ କାରଣ**

ଯାଜପୁର ଜିଲାରେ ହଇଜା(କଲେରା) ବ୍ୟାପିବାରେ ଲାଗିଛି। ବୁଧବାର ଆଉ ୧୬ ନମୁନାରେ ହଇଜା (ଭିବ୍ରିଓ କଲେରା) ଚିହ୍ନଟ ହୋଇଥିବା କେନ୍ଦ୍ରୀୟ ଦଳ ପକ୍ଷରୁ ସୂଚନା ମିଳିଛି। ମୋଟ ୪୯ ନମୁନା ଯାଞ୍ଚ ହୋଇଥିବାବେଳେ ସେଥିରୁ ୩୩% ହଇଜା ସଂକ୍ରମିତ ବୋଲି ସ୍ପଷ୍ଟ ହୋଇଛି। ପୂର୍ବରୁ ୧୧ଜଣ ହଇଜାରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ରିପୋର୍ଟକୁ ମିଶାଇ ହଇଜା ପଜିଟିଭ୍ ରୋଗୀଙ୍କ ସଂଖ୍ୟା ୨୭ ହୋଇଛି। ଅନ୍ୟପକ୍ଷେ ହଇଜା ଓ ଡାଇରିଆ ବ୍ୟାପିବାର ଧାରାରେ ପରିବର୍ତ୍ତନ ଆସିଛି। ପୂର୍ବରୁ ବୟସ୍କ ଲୋକମାନେ ହଇଜା ଓ ଡାଇରିଆରେ ଆକ୍ରାନ୍ତ ହେଉଥିବା ବେଳେ ଗତ ୨ ଦିନ ହେଲା ଶିଶୁ ଓ କିଶୋରମାନେ ଏଥିରେ ସଂକ୍ରମିତ ହେଉଛନ୍ତି। ବୁଧବାର ବ୍ୟାସନଗର ପୌରାଞ୍ଚଳର ନହକା ୱାର୍ଡର ଜଣେ ୧ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଜନିକ ମୁର୍ମୁ। ଏହାକୁ ମିଶାଇ ଜିଲାରେ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଛି। ନୂଆ ରୋଗୀ ଏବଂ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉ ନ ଥିଲେ ହେଁ ମୃତକଙ୍କ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ସ୍ୱାସ୍ଥ୍ୟ ବିଭାଗ ଏକପ୍ରକାର ବିଫଳ ହୋଇଛି ବୋଲି ମତପ୍ରକାଶ ପାଇଛି।

ଜିଲାରେ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ହଇଜା ବ୍ୟାପୁଥିବା କେନ୍ଦ୍ରୀୟ ଦଳ ପରୋକ୍ଷରେ ସ୍ୱୀକାର କରିଛନ୍ତି। ମଙ୍ଗଳବାର ସୁଦ୍ଧା ଜିଲାର ବିଭିନ୍ନ ଡାକ୍ତରଖାନାରେ ୧୭୪ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ବୁଧବାର ୧୦୪ ଜଣ ନୂଆ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେଥିରୁ ୯ଜଣ ଗୁରୁତରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହାବାଦ୍ ୧୧୨ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।


**ଆଜିର ସମ୍ପାଦକୀୟ**

ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ


# ମଧ୍ୟସ୍ଥତାକୁ ଗ୍ରହଣ କରିବନି ଭାରତ

**ମୋଦି-ଟ୍ରମ୍ପ ଆଲୋଚନା**

- ଆତଙ୍କବାଦକୁ ଯୁଦ୍ଧ ବିବେଚନା କରୁଛି ନୂଆଦିଲ୍ଲୀ
- ପାକିସ୍ତାନର ଅନୁରୋଧ କ୍ରମେ ହୋଇଥିଲା ଅସ୍ତ୍ରବିରତି
- କ୍ୱାଡ୍ ସମିଟ୍‌ରେ ଯୋଗଦେବା ପାଇଁ ଆସିବେ ଟ୍ରମ୍ପ୍



କନାନକସ୍କିସ(କାନାଡା),୧୮।୬

ଗତମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟକ୍ଷ ପାରସ୍ପରିକ ଆଲୋଚନା ଜରିଆରେ ବନ୍ଦ ହୋଇଥିଲା। ଏଥିରେ କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତା କରି ନ ଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅବଗତ କରାଇଛନ୍ତି। ଟ୍ରମ୍ପ୍ ମଧ୍ୟସ୍ଥତା କରି ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଆସୁଥିବାବେଳେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ତାଙ୍କୁ ଏହି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ପ୍ରାୟ ୩୫ ମିନିଟ୍ ଧରି ପ୍ରଧାନମନ୍ତ୍ରୀ ମୋଦି ଫୋନ୍‌ରେ କଥା ହୋଇଛନ୍ତି। ଆଲୋଚନା ବେଳେ ମୋଦି ଟ୍ରମ୍ପଙ୍କୁ କହିଛନ୍ତି, ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଇସ୍‌ଲାମାବାଦର ଅନୁରୋଧକ୍ରମେ ଭାରତୀୟ ସେନା ଓ ପାକିସ୍ତାନ ପ୍ରତିପକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତ ହୋଇଥିଲେ। ଭାରତର ବହିର୍ବ୍ୟାପାର ସଚିବ ☞ପୃଷ୍ଠା-୨

# ଆଦିବାସୀଙ୍କ ଉନ୍ନତି ବିନା ବିକାଶ ଅସମ୍ଭବ: ମୁଖ୍ୟମନ୍ତ୍ରୀ

## ବାରିପଦାରେ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶ

ବାରିପଦା,୧୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାଂସ୍କୃତିକ ବୈଭବ ଚିତ୍ରପଟ୍ଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ବର୍ଷ ଭିତରେ ଏହି ଲକ୍ଷ୍ୟ ସାକାର କରିବାକୁ ହେଲେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ। ଆଦିବାସୀଙ୍କ ସାମଗ୍ରିକ ଉନ୍ନତି ବିନା ବିକାଶ ଅସମ୍ଭବ ବୋଲି ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବାରିପଦାର ଛଉ ପଡ଼ିଆଠାରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଓଡ଼ିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି। ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟ। ମୟୂରଭଞ୍ଜରୁ ୮ଜଣ ଆଦିବାସୀ ସମ୍ପ୍ରଦାୟର ବିଧାୟକ ପ୍ରତିନିଧିତ୍ୱ କରୁଛନ୍ତି। ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଛନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି। କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ୫ ହଜାର ଆଦିବାସୀ ଯୁବତୀଯୁବକ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭକରି ଉପକୃତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ଟି ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ଟି ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଏବଂ ୨୨୯ ଗୋଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଆଦିବାସୀ ସଶକ୍ତୀକରଣରେ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ। ପ୍ରତ୍ୟେକ ଆଦିବାସୀ ପରିବାରରେ ଶିକ୍ଷାର ପ୍ରସାର ହେଲେ ହିଁ ଆଦିବାସୀ ସମାଜର ବିକାଶ ହେବ ବୋଲି କହିଛନ୍ତି। ସେହିପରି ଗରିବ, ଅବହେଳିତ ଆଦିବାସୀ ଭଉଣୀଭାଇଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂରଣକରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ☞ପୃଷ୍ଠା-୨



ବାରିପଦାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି। ।


SIKSHA 'O' ANUSANDHAN

SIKSHA 'O' ANUSANDHAN (DEEMED TO BE UNIVERSITY)

Empowering students for a brighter future

M.Sc. PROGRAMMES OFFERED
- M.Sc. (Physics)
- M.Sc. (Chemistry)
- M.Sc. (Mathematics)
- M.Sc. (Biotechnology)

APPROVAL & RECOGNITIONS
- Approved by UGC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 50th Best in Research Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through CUET (PG) - 2025, Please visit: www.soa.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରଜ ମହୋତ୍ସବ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍ସ ପକ୍ଷରୁ ବିଶ୍ୱ ଆନେମିଆ ଦିବସ, ସ୍ଥାନ: ଓପିଡ଼ି, ଏମ୍ସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ
- ଜମିପଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଭାଜପା ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବ୍ଲକସ୍ତରୀୟ ମକ୍‌ଡ୍ରିଲ, ସ୍ଥାନ: ନୂଆସାହି, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମକ୍‌ଡ୍ରିଲ୍, ସ୍ଥାନ: ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ବିକଶିତ ବାହନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର, ସ୍ଥାନ: ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ, କଲେଜ ରୋଡ୍, ବେତନଟୀ, ସମୟ: ପୂର୍ବାହ୍ନ ୯ଟା।
- ମକ୍ ଡ୍ରିଲ, ସ୍ଥାନ ରଙ୍ଗପାଣି ବନ୍ୟା ଆଶ୍ରୟସ୍ଥଳୀ, ବଡ଼ସାହି, ସମୟ:ସକାଳ ୯ଟା।
- ବିଶ୍ୱ ସିକିଲ ସେଲ୍ ସଚେତନତା ଦିବସ ପାଳନ, ସ୍ଥାନ:ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ବିକାଶ ବାହନ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ପରିକ୍ରମା, ସ୍ଥାନ: ବାଲିଗୁଡ଼ା ଏନ୍‌ଏସି ଅଞ୍ଚଳ, ସମୟ: ସକାଳ ୯ ଟା।
- ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପରମ ପଙ୍ଗା ଓ ଲଣ୍ଡାଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା
- ଶନିଶ୍ଚରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ–ଶନିଶ୍ଚର ମନ୍ଦିର ପରିସର, ମୁନିଖୋଲ,ମୁନିଗୁଡା, ସମୟ: ମଧ୍ୟାହ୍ନ ୧ଟା।

## ନବରଙ୍ଗପୁର
- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ, ସ୍ଥାନ: ଡିଏନ୍‌କେ ଆଶ୍ରୟ ସ୍ଥଳୀ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ମେଦନା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ
- ବିକାଶ ବାହନ ଶୁଭାରମ୍ଭ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ସକାଳ ୯ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ସକାଳ ୫ଟା।
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ୍, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବିକାଶ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ୯ଟି ବ୍ଲକ ଅର୍ନ୍ତଗତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ସକାଳ : ୯ଟା।
- ଜିଲା କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଓ ଆଲୋଚନା, ସ୍ଥାନ : ଜିଲା କଗ୍ରେସ ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ ଓ ଗଣ ଶୋଭାଯାତ୍ରା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୮ଟା ।

## ରାଉରକେଲା
- ଜଳଅବରୋଧ ନେଇ ବିଶ୍ୱକର୍ମାବସ୍ତି କଲୋନୀବାସୀ ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା
- ଆଦର୍ଶ ପାଠାଗାର ପକ୍ଷରୁ ସାହିତ୍ୟ ଆସର କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ପାଠାଗାର ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ୮ତମ ସର୍ବଭାରତୀୟ ଟ୍ରାଇବାଲ ଥିଏଟର ଏବଂ ନୃତ୍ୟ ମହୋତ୍ସବ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର–୫ ଆଦର୍ଶ ସାହିତ୍ୟଘର, ସମୟ: ସନ୍ଧ୍ୟା ୬ଟା ୪୫।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା,ସ୍ଥାନ:ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼, ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ନିଶା ନିବାରଣ ସଚେତନତା କର୍ମଶାଳା, ସ୍ଥାନ: କର୍ଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ, ସ୍ଥାନ: ଜୁନାଗଡ଼ ବ୍ଲକ କୁଟେନ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ବିକାଶ ମେଳା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରୋଡ: ସମୟ: ଅପରାହ୍ନ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିକାଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରୋଡ, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ନିଶା କାରବାର ବିରୋଧରେ ସଚେତନତା ପଦଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ସର୍ବୋଦୟ ସଙ୍କଳ୍ପ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ଚନ୍ଦ୍ରମା ହୋଟେଲ, ସମୟ: ସକାଳ ୯ଟା ୩୦।
- ମକଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସର, ଦିଗସିରା, ଡୁଙ୍ଗୁରିପାଲି, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକର ଝାରତରଭାରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: ଝାରତରଭା ଗ୍ରାମପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକର କଟାପାଲିରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: କଟାପାଲି ପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇ ନେବାରେ ସମର୍ଥ ହେବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ଉଚ୍ଚଶିକ୍ଷା, ସନ୍ତାନଙ୍କ ସ୍ୱାସ୍ଥ୍ୟ, ରଚନାତ୍ମକ କାମ ସାଙ୍ଗକୁ ଋଣ ପରିଶୋଧର ଯୋଜନା କରିବେ। ବ୍ୟବସାୟରେ ଉନ୍ନତି ସାଙ୍ଗକୁ ଲୋକସମ୍ପର୍କ ବୃଦ୍ଧି ଦିଗରେ ଚେଷ୍ଟିତ ହେବେ।

**ବୃଷ** ପରିସ୍ଥିତିକୁ ଆଖିଆଗରେ ରଖି ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡିପାରେ। ନତୁବା ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ ପ୍ରତ୍ୟେକ କାମରେ କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ** କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଥିବା କାରଣରୁ ସେହିକଥା ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, ସଂସ୍କୃତି ପ୍ରତି ଅନୁରାଗୀ ହୋଇପାରନ୍ତି।

**କର୍କଟ** ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ଅଭିଜ୍ଞତା ଓ ଦୂରଦର୍ଶିତା ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କର୍ମକ୍ଷେତ୍ରରେ ସାମୟିକ ପ୍ରତିବନ୍ଧକ କାରଣରୁ ଆଜିର କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। କର୍ମଜଞ୍ଜାଳ ବୃଦ୍ଧି ପାଉଥିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ଭଲ କଥା କହିଲେ ମଧ୍ୟ ଭୁଲ୍ ବୁଝାମଣା କାରଣରୁ ପରିବାରରେ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ବନ୍ଧୁମେଳରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ସନ୍ତୋଷଜନକ ରହିବ।

**କନ୍ୟା** ଅତୀତର କେତେକ ଘଟଣା ମନରେ ଆଲୋଡନ ସୃଷ୍ଟିକରିବା ଫଳରେ ସ୍ଥିର ଭାବରେ ରହିପାରିବେ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ପ୍ରତ୍ୟେକ କ୍ଷେତ୍ରରେ ବିଜାତୀୟ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**ତୁଳା** ବିଭିନ୍ନ ପ୍ରତିବନ୍ଧକଜନିତ କାର୍ଯ୍ୟରେ ସଫଳତା ହାସଲ କରିବା ସହଜସାଧ୍ୟ ହୋଇ ନ ପାରେ। କିନ୍ତୁ କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ଉଚ୍ଚପଦାଧିକାରୀଙ୍କ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କଥାବାର୍ତ୍ତା ନ କଲେ ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ପାଇପାରେ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ଯୋଗୁ ସାମୟିକ ଭାବରେ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ଶାନ୍ତି ପାରିବାରିକ ଜୀବନକୁ ଋଦ୍ଧିମନ୍ତ କରିବ। ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର** ଅନୁକୂଳ ସମୟ ହେତୁ ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବହୁତ ଦିନରୁ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି।

**କୁମ୍ଭ** ଆପଣଙ୍କ ସୁଚିନ୍ତିତ ବିଚାରଧାରା ଫଳରେ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ, ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ରହିଥିବା ବ୍ୟତିକ୍ରମ ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟରେ ମଧ୍ୟ ସମସ୍ୟାକୁ ସୁଧାରି ନେବେ। ପରିବହନ କ୍ଷେତ୍ରରେ ଅଯଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିବାରରେ ପିଲାଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** ବନ୍ଧୁପରିଜନଙ୍କ ସହିତ ହସଖୁସିରେ ଆଜିର ଯାତ୍ରା, କର୍ମାରମ୍ଭ ଓ ଭ୍ରମଣ ଆନନ୍ଦଦାୟକ ରହିବ। ସାମାଜିକ ସ୍ତରରେ ଈର୍ଷାପରାୟଣ ନୀଚବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଦିଗରୁ ବହୁତ ଶୁଭଫଳ ପାଇବେ।

ଆଜି ଜୁନ୍ ୧୯ ତାରିଖ, ଆଷାଢ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର। ରାଶିନକ୍ଷତ୍ର–ଉତ୍ତରଭାଦ୍ର/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୨ ଗତେ, ଘ.୦୬।୦୪ ମଧ୍ୟେ, ଘ.୦୯।୩୬ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୧।୨୭ ଗତେ, ଘ.୦୩।୦୬ ମଧ୍ୟେ ରାହୁକାଳ।

# ବୟୋ ବନ୍ଦନା ହିତାଧିକାରୀଙ୍କୁ କାର୍ଡ ବାଣ୍ଟିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୧୮।୬(ସୁନିତ୍ ମିଶ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଗରିବ, ଯୁବକ, କୃଷକ ଓ ମହିଳା କେନ୍ଦ୍ରିକ ଯୋଜନା ଆଧାରିତ ବିଭିନ୍ନ ଯୋଜନାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି। ଦେଶର ଅର୍ଥନୀତି ବର୍ତ୍ତମାନ ବିଶ୍ୱର ୪ର୍ଥ ସ୍ଥାନକୁ ଉନ୍ନିତ ହୋଇଛି। ଦେଶ ବିଦେଶରେ ଭାରତବର୍ଷର ମାନ ଓ ସମ୍ମାନ ବୃଦ୍ଧି ପାଇଛି। ଭାଜପା ନେତୃତ୍ୱାଧୀନ ସରକାର ଓଡ଼ିଶାରେ ୧ ବର୍ଷ ପୂରଣ କରିଥିବାବେଳେ ମାର୍ଗଦର୍ଶନ ଦେବାକୁ ପ୍ରଧାନମନ୍ତ୍ରୀ ୨୦ରେ ଓଡ଼ିଶା ଆସୁଛନ୍ତି। ଗତ ବର୍ଷେ ମଧ୍ୟରେ ପ୍ରଧାନମନ୍ତ୍ରୀ ୬ଷ୍ଠ ଥର ପାଇଁ ଓଡ଼ିଶା ଆସୁଛନ୍ତି। ପ୍ରଧାନମନ୍ତ୍ରୀ ୩ଟା ୪୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଓଡ଼ିଶାର ବିକାଶ ପାଇଁ ୨୦୩୬ର ରୋଡ୍‌ମ୍ୟାପ୍ ଘୋଷଣା ହେବ। ଏହାସହ ବୟୋ ବନ୍ଦନା ଯୋଜନାରେ ରାଜ୍ୟରେ ୭୦ ବର୍ଷରୁ ଅଧିକ ସମସ୍ତଙ୍କୁ ସ୍ୱାସ୍ଥ୍ୟକାର୍ଡ ଦିଆଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ। ପ୍ରଧାନମନ୍ତ୍ରୀ ଏଥିପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ନେତୃତ୍ୱରେ ଜାତୀୟସ୍ତରର ଅନେକ କାର୍ଯ୍ୟକ୍ରମ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ଅନୁଷ୍ଠିତ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀଠାରୁ ଆରମ୍ଭକରି ନୌସେନା ଦିବସ, ପ୍ରବାସୀ ଭାରତୀୟ ଦିବସ, ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ବିମାନବନ୍ଦରରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକ ଛକଠାରୁ ଏକ ବିରାଟ ରୋଡ୍ ଶୋ ମାଧ୍ୟମରେ ଏଜି, ରାଜଭବନ, କଳିଙ୍ଗ ଷ୍ଟାଡିୟମ, ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବେ। ଏହି ଅବସରରେ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହେବ ଏବଂ ପାଖାପାଖି ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ତାଙ୍କୁ ସ୍ୱାଗତ କରାଯିବ। ଏହି ଅବସରରେ ସେ ଓଡ଼ିଶା ଭିଜନ–୨୦୩୬ ଓ ୨୦୪୭ ପୁସ୍ତକ ଉନ୍ମୋଚନ କରିବେ। ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡିକୁ ଭିସି ଜରିଆରେ ଲୋକାର୍ପଣ କରିବେ।

# ସବୁ ବିଭାଗକୁ ଅର୍ଥ ବିଭାଗର ତାଗିଦା

## କେନ୍ଦ୍ରୀୟ ଯୋଜନା ଅର୍ଥ 'ସ୍ୱର୍ଣ୍ଣ' ମଡେଲରେ ଖର୍ଚ୍ଚ ହେବ

**ଭୁବନେଶ୍ୱର,୧୮।୬ (ରବିନାରାୟଣ ଜେନା)**

ସମସ୍ତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍‌ଏସ୍) ଅର୍ଥ ଏଣିକି ସିଙ୍ଗଲ ନୋଡାଲ ଏଜେନ୍ସି(ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ) ମାଧ୍ୟମରେ ଖର୍ଚ୍ଚ ହେବ। ପୂର୍ବରୁ ବିଭିନ୍ନ ବିଭାଗର ୨୯ଧରଣର କେନ୍ଦ୍ରୀୟ ପ୍ରବର୍ତ୍ତିତ ଅର୍ଥ ରାଜ୍ୟକୁ ଆସୁଥିବାବେଳେ ଏବେ ଆଉ ଅତିରିକ୍ତ ୩୭ ଧରଣର ସିଏସ୍‌ଏସ୍ ପାଣ୍ଠି ଯୋଗାଇ ଦିଆଯାଇଛି। ଏହି ସମସ୍ତ ପ୍ରକାର କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠିକୁ ଜୁଲାଇ ପହିଲାରୁ ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ ପଦ୍ଧତିରେ ଖର୍ଚ୍ଚ କରିବାକୁ ପଡ଼ିବ। ଏହାକୁ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଯାଇଛି।

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଚଳିତମାସ ୧୦ରେ ରାଜ୍ୟ ସରକାରଙ୍କୁ ଆସିଥିବା ନିର୍ଦ୍ଦେଶନାମାକୁ ନେଇ ଗତ ୧୬ ତାରିଖରେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସବୁ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ପ୍ରତୀକ କୁମାର ସିଂହ ଚଳିତମାସ ୧୦ରେ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମନ୍ତ୍ରାଳୟର ୨୦୨୩ ଜୁଲାଇ ନିର୍ଦ୍ଦେଶନାମାରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି 'ଜଷ୍ଟ ଇନ୍ ଟାଇମ୍'ରେ କିଭଳି ଖର୍ଚ୍ଚ ହେବ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରାଯାଇଛି।

ଏହି ପଦ୍ଧତି ଅନୁଯାୟୀ, କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି ଏସ୍‌ଏନ୍‌ଏ ଖାତାରେ ପ୍ରବେଶ କରିବା ମାତ୍ରେ ଉକ୍ତ ଅର୍ଥକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଠିକଣା ବାଟରେ ଖର୍ଚ୍ଚ କରିବାକୁ ହେବ। ଉକ୍ତ ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇପାରିବ ନାହିଁ, ଯେଉଁଥିରେ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ରହିବା ସହିତ ଅବାଟରେ ଖର୍ଚ୍ଚ ହେବନାହିଁ। ପୂର୍ବରୁ ରାଜ୍ୟ ସରକାର କେବଳ 'ସିଏସ୍‌ଏସ୍'ରେ ଏକକ କ୍ଷେତ୍ରୀୟ ସଂସ୍ଥାର ଖାତା ଖୋଲୁଥିଲେ। ଏବେ କିନ୍ତୁ ଆଉ ଗୋଟିଏ ଖାତା ରିଜର୍ଭ ବ୍ୟାଙ୍କରେ ଖୋଲିବାକୁ ପଡ଼ିବ। ଏହାଦ୍ୱାରା ଯୋଜନାରେ ସଂପୃକ୍ତ ତୃଣମୂଳସ୍ତରର କେଉଁ ଅଧିକାରୀ କେତେବେଳେ ଏହି ଖାତାରୁ ଟଙ୍କା ଉଠାଇବେ ତାହା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିପାରିବେନାହିଁ। ତେବେ ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ୨୯ଟି କ୍ଷେତ୍ର ଲାଗି ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଥିବାବେଳେ ଏବେ ଅତିରିକ୍ତ ୩୭ ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଛି। ଏହାକୁ ଜୁଲାଇ ପହିଲାରୁ 'ଏସ୍‌ଏନ୍‌ଏ– ସ୍ୱର୍ଣ୍ଣ' ପଦ୍ଧତିରେ ଖର୍ଚ୍ଚ କରିବାକୁ ହେବ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ ପଦ୍ଧତିକୁ ସାରାଦେଶରେ ଲାଗୁ କରାଯିବ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ନୀତି ଆପଣାଇବେ। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ସଂପୃକ୍ତ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ରାଜକୋଷକୁ କିଭଳି ସିଏସ୍‌ଏସ୍ ପାଣ୍ଠି ଆସିବ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖର୍ଚ୍ଚ ହେବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ତ୍ରିପାଠୀ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନାଳେ ନାଳେ ଗଲି, ତରାଟ ଖୋସିଲି**
**ତରାଟରେ ମନ ରହିଲା**
**ନିକୁଞ୍ଜ ବନରେ ଦିହ ଛୁଇଁ ଛୁଇଁ**
**ଆଉ ଦିନେ ଭେଟ ନୋହିଲା।**

ଗୋପନରେ ଦେଖାସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ। ଦେଖା ସାକ୍ଷାତରୁ ପ୍ରେମ ବଢ଼ିଲା ପରେ ଆଉ ଦେଖାଦର୍ଶନ ନାହିଁ। ଠକିଦେଇ ଦାଣ୍ଡରେ ବସେଇ ଚାଲିଗଲା। ଏପରିସ୍ଥଳେ ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନେଉଳ ଭାଇ**
**ଯେଣେ ଇଚ୍ଛା ତେଣେ ଯାଇ।**

ନକୁଳ ସର୍ବକାର୍ଯ୍ୟାଣି, ଅହିଃ ସର୍ବତ୍ର ବାଧତେ। ନେଉଳ ଦର୍ଶନ କରି ଯେଣିକି ଇଚ୍ଛା ତେଣିକି ଯାତ୍ରା କଲେ ଯାତ୍ରାରେ କୌଣସି ବିଘ୍ନ ସୃଷ୍ଟି ହୋଇ ନ ଥାଏ ଓ ବହୁ ଶୁଭ ଫଳ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ମଧ୍ୟସ୍ଥତାକୁ ଗ୍ରହଣ...

ବିକ୍ରମ ମିସ୍ରି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମିସ୍ରି କହିଛନ୍ତି, ଭାରତ ଆତଙ୍କବାଦକୁ ଆଉ ଛାୟାଯୁଦ୍ଧ ରୂପେ ଦେଖୁନାହିଁ। ଏହାକୁ ଯୁଦ୍ଧ ବୋଲି ମନେକରୁଛି। ଭାରତର 'ଅପରେଶନ୍ ସିନ୍ଦୂର' ବର୍ତ୍ତମାନ ମଧ୍ୟ ଜାରି ରହିଥିବା ବିଷୟ ଟ୍ରମ୍ପଙ୍କୁ ମୋଦି କହିଛନ୍ତି।

ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ 'ଅପରେଶନ୍ ସିନ୍ଦୂର' କରାଯାଇ ପାକିସ୍ତାନ ଓ ପାକ୍–ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ବଡ଼ଧରଣର କ୍ଷତି ପହଞ୍ଚାଯାଇଥିଲା। ଏହାକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇ ପରସ୍ପର ଉପରେ ଆକ୍ରମଣ କରିଥିଲେ। ତେବେ ମେ' ୧୦ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦୁଇଦେଶ ମଧ୍ୟରେ ମଧ୍ୟସ୍ଥତା କରି ସଂଘର୍ଷ ବନ୍ଦ କରାଇଦେଇଥିବା ପ୍ରଥମେ ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଯୁଦ୍ଧ ବନ୍ଦ ପାଇଁ ସିଜ୍‌ଫାୟାର ଡିଲ୍‌ରେ ସହମତି ପ୍ରକାଶ ନ କଲେ ଆମେରିକା ଉଭୟ ଦେଶ ସହ ବାଣିଜ୍ୟ ବନ୍ଦ କରିଦେବ ବୋଲି ଟ୍ରମ୍ପ ଚେତାବନୀ ଦେଇଥିବା କହିଥିଲେ।

ସଦ୍ୟ ଆଲୋଚନା ବେଳେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କାନାଡାରୁ ଫେରିବାବେଳେ ଆମେରିକା ଗସ୍ତ କରିବାକୁ ଅନୁରୋଧ କରିଥିଲେ। ମୋଦି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁ ଯାଇପାରିବେ ନାହିଁ ବୋଲି ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ମିସ୍ରି କହିଛନ୍ତି। ଟ୍ରମ୍ପ ଜି୭ରୁ ଆଗୁଆ ଆମେରିକାକୁ ଫେରିଯାଇଥିବାରୁ ମୋଦିଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ତେବେ ଦୁଇନେତାଙ୍କ ଆଲୋଚନାରେ ମେ' ୭–୧୦ ଭାରତ–ପାକିସ୍ତାନ ସାମରିକ ସଂଘର୍ଷ ପ୍ରସଙ୍ଗ ପ୍ରମୁଖତାର ସହ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି ଯେ, ଭାରତ–ପାକିସ୍ତାନ ସିଜ୍‌ଫାୟାର ପାଇଁ ଭାରତ–ଆମେରିକା ଟ୍ରେଡ୍ ଡିଲ୍ ବା ମଧ୍ୟସ୍ଥତା ପ୍ରସ୍ତାବ କାମ କରିନାହିଁ। ଦୁଇଦେଶର ସଶସ୍ତ୍ର ବଳ ଭିତରେ ରହିଥିବା କମ୍ୟୁନିକେଶନ୍ ଚ୍ୟାନେଲ ଜରିଆରେ ହିଁ ସଂଘର୍ଷ ବିରାମ ନିଷ୍ପତ୍ତି ହୋଇଥିଲା। ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଏହି ବିଷୟକୁ ନେଇ ଦେଶରେ ସମ୍ପୂର୍ଣ୍ଣ ରାଜନୈତିକ ସହମତି ରହିଥିବା ମୋଦି ଦୃଢ଼ ଭାବେ ଟ୍ରମ୍ପଙ୍କୁ ଜଣାଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦ ବିରୋଧରେ ପଦକ୍ଷେପ ସମ୍ପର୍କିତ ନିଜ ପ୍ରତିଶ୍ରୁତିବଦ୍ଧତା ସାରା ବିଶ୍ୱକୁ ଜଣାଇଦେଇଛି। ପାକିସ୍ତାନ ପଟୁ କୌଣସି ଅତିକ୍ରମଣ ହେଲେ ଏହାଠୁ ବଳି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଭାରତ ସ୍ପଷ୍ଟ କରିଥିବା ନେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ସେହିପରି ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯୁଦ୍ଧ ସମ୍ପର୍କରେ ଦୁଇନେତା ଆଲୋଚନା କରିଛନ୍ତି। ରୁଷିଆ–ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଉଭୟ ପକ୍ଷର ଆଲୋଚନା ଜରୁରୀ ବୋଲି ମୋଦି ଓ ଟ୍ରମ୍ପ ସହମତ। ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ପରବର୍ତ୍ତୀ କ୍ୱାଡ୍ ସମିଟ୍‌କୁ ନିମନ୍ତ୍ରଣ କରିଛନ୍ତି। ଟ୍ରମ୍ପ ଏହାକୁ ଗ୍ରହଣ କରି ଭାରତ ଆସିବାକୁ ଆଗ୍ରହୀ ଥିବା କହିଛନ୍ତି ବୋଲି ମିସ୍ରି ଏକ ଭିଡିଓ ମେସେଜ୍‌ରେ ଜଣାଇଛନ୍ତି।

## ଆଦିବାସୀଙ୍କ ଉନ୍ନତି ବିନା ...

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜନଜାତିଙ୍କ ସାମାଜିକ ବ୍ୟବସ୍ଥା, ସାଂସ୍କୃତିକ ବୈଭବ ଓ ମୌଳିକତା ବଜାୟ ରଖିବାକୁ ପଡ଼ିବ ବୋଲି କହିଛନ୍ତି। ଏହି ଅବସରରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢ଼େଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ନିର୍ଦ୍ଦେଶିକା ଡ. ପୋମା ଟୁଡୁ ଧନ୍ୟବାଦ ଦେଇଥିଲେ। ଜିଲାପାଳ ହେମକାନ୍ତ ସୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲା, ଉପଖଣ୍ଡ ଏବଂ ବ୍ଲକ୍‌ସ୍ତରୀୟ ବିଭାଗୀୟ ବରିଷ୍ଠ ଅଧିକାରୀ, ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ୧୫ ଦିନରେ ମିଳିବ ...

ଡାକ ଯୋଗେ କାର୍ଡ ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଟ୍ରାକିଂ କରାଯାଇପାରିବ। ଏପରି କି ଭୋଟରମାନେ ପ୍ରତି ସ୍ତରରେ ନିଜ ଇପିଆଇସି ସମ୍ପର୍କରେ ମୋବାଇଲରେ ଏସ୍‌ଏମ୍‌ଏସ୍ ପାଇବେ। ଏଥି ସକାଶେ ନିର୍ବାଚନ ଆୟୋଗ ନୂଆକରି ଆରମ୍ଭ ହୋଇଥିବା ଇସିଆଇନେଟ୍ ପ୍ଲାଟ୍‌ଫର୍ମରେ ଏକ ଆଇଟି ମୋଡ୍ୟୁଲ ଆଣିଛନ୍ତି। ଭୋଟରଙ୍କୁ ଏହା ସୁବିଧାରେ ଯୋଗାଇଦେବା ଲାଗି ଡାକ ବିଭାଗର ଆପ୍ଲିକେଶନ୍ ପ୍ରୋଗ୍ରାମ ଇଣ୍ଟରଫେସ୍ (ଏପିଆଇ)କୁ ଇସିଆଇନେଟ୍ ସହ ସମନ୍ୱିତ କରାଯିବ। ଭୋଟରମାନଙ୍କ ସୁବିଧା ପାଇଁ ଗତ ୪ ମାସରେ ଇସି ଅନେକ ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି।

## ଅଗଷ୍ଟ ୧୫ରୁ ...

ଏହି ପାସ୍ କେବଳ ଅଣବ୍ୟବସାୟିକ ଘରୋଇ ଯାନବାହନ (କାର, ଭ୍ୟାନ୍, ଜିପ୍) ପାଇଁ ପ୍ରଯୁଜ୍ୟ ରହିବ। ବ୍ୟବସାୟିକ ଯାନବାହନ ଏଥିରେ ସାମିଲ ହେବ ନାହିଁ। ଏହି ପାସକୁ ଆକ୍ଟିଭ୍ କିମ୍ବା ରିନ୍ୟୁ କରିବା ପାଇଁ ଖୁବ୍‌ଶୀଘ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଅଫିସିଆଲ ୱେବ୍‌ସାଇଟ୍‌ରେ ଏକ ପୃଥକ୍ ଲିଙ୍କ୍ ଉପଲବ୍ଧ ହେବ। ଏହି ବର୍ଷିକିଆ ଫାସ୍‌ଟାଗ୍ ପାସ୍ ଦ୍ୱାରା ଟୋଲ୍‌ପ୍ଲାଜାଗୁଡ଼ିକରେ ଦେଖାଦେଉଥିବା ଭିଡ଼ କମିବ ବୋଲି ସେ କହିଛନ୍ତି।




# ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ, ସୁବ୍ରତ ସେନାପତିଙ୍କୁ ଯୁବ ପୁରସ୍କାର

**ଭୁବନେଶ୍ୱର, ୧୮।୬ (ସୌମ୍ୟରଞ୍ଜନ ରାଉତ/ ବନ୍ଦନା ସେଠୀ)**

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତବର୍ଷ ପାଇଁ ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ ବାଲ୍ ସାହିତ୍ୟ ପୁରସ୍କାର ପାଇବା ପାଇଁ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମନୋନୀତ ହୋଇଛନ୍ତି। ଶିଶୁ ପୁସ୍ତକ 'କେତେ ଫୁଲ ଫୁଟିଛି' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ସାହିତ୍ୟିକ ସୁବ୍ରତ କୁମାର ସେନାପତି ଯୁବ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ସେ ଏହି ପୁରସ୍କାର ପାଇବେ। ଉଭୟ ପୁରସ୍କାର ବାବଦକୁ ତାମ୍ର ଫଳକ ସହ ୫୦ହଜାର ଟଙ୍କାର ଅର୍ଥରାଶି ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ। ଏନେଇ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଘୋଷଣା କରାଯାଇଛି। ସେହିପରି ବୈଠକରେ ଯୁବ ପୁରସ୍କାର ବାବଦରେ ୨୩ଜଣ ଯୁବ ଲେଖକ ଓ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ୨୪ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଛି। ତେବେ ଡୋଗ୍ରୀ ଭାଷାର ଯୁବ ପୁରସ୍କାର ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

ପୁରସ୍କାର ସମ୍ପର୍କରେ ରାଜକିଶୋର କହିଛନ୍ତି, ପୁରସ୍କାର ପାଇବି ଜାଣିବା ପରେ ଅତ୍ୟନ୍ତ ଖୁସି ଲାଗୁଛି। ତେବେ ପୁରସ୍କାର ସହିତ ଦାୟିତ୍ୱ ମଧ୍ୟ ବଢି ଚାଲିଛି। 'କେତେ ଫୁଲ ଫୁଟିଛି' ପୁସ୍ତକରେ ବିଭିନ୍ନ ସମୟରେ ଲେଖାଯାଇଥିବା ୧୦୧ କବିତାର ସମାବେଶ ରହିଛି। ଏହି ପୁସ୍ତକରେ ଶିଶୁଠାରୁ କିଶୋର ବୟସର ପିଲାମାନଙ୍କ ପାଇଁ ବଛା ବଛା କବିତା ରହିଛି ବୋଲି ସେ କହିଛନ୍ତି। ସେହିପରି ପୁରସ୍କାର ପାଇବା ନେଇ ସୁବ୍ରତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୁରସ୍କାର ପାଇବା ଜାଣି ବହୁତ ଖୁସି ହେଲି। କାରଣ ପୁରସ୍କାର ଆମକୁ ପ୍ରେରଣା ଦେବା ସହ ଦାୟିତ୍ୱ ସମ୍ପନ୍ନ କରାଏ। ଏହି ପୁସ୍ତକରେ ମଣିଷ ମନର ବ୍ୟଥା ଓ ସମୟର ଅକୁହା କଥାକୁ ପରିପ୍ରକାଶ କରିବା ପାଇଁ ଚେଷ୍ଟା କରିଛି। ମୋର ସର୍ବଦା ପ୍ରୟାସ ରହିଛି ଯେ, ଯେଉଁ କଥା ଓଡ଼ିଆ ଭାଷାରେ କମ୍ କୁହାଯାଏ, ତାହାକୁ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରେ। ତୃତୀୟ ଲିଙ୍ଗୀ, ସମଲିଙ୍ଗୀଙ୍କ ମନର କଥାକୁ ମୁଁ ଗପ, ଉପନ୍ୟାସ ମାଧ୍ୟମରେ ଲେଖିଥାଏ। 'କଦମ୍ବବନ'ରେ ସେହିପରି କିଛି ଅକୁହା କଥାକୁ ଉଲ୍ଲେଖ କରିଛି। ଆଗକୁ ଆହୁରି ଗପ ବହି ଲେଖୁଛି ତାହା ଶୀଘ୍ର ପ୍ରକାଶିତ ହେବ ବୋଲି ସୁବ୍ରତ କହିଛନ୍ତି।


ଡ. ରାଜକିଶୋର ପାଢ଼ୀ


ସୁବ୍ରତ କୁମାର ସେନାପତି

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ ଗିରଫ

**ଭୁବନେଶ୍ୱର, ୧୮।୬(ରବିନାରାୟଣ ଜେନା)**

## ଗଣବଳାତ୍କାରକୁ ନେଇ ବର୍ଷିଲା କଂଗ୍ରେସ

ଗଞ୍ଜାମର ଗୋପାଳପୁର, କେନ୍ଦୁଝରର ହରିଚନ୍ଦନପୁର, କଟକର ବାରଙ୍ଗ ଓ ଅନୁଗୋଳର କଣିହାଁଠରେ ହୋଇଥିବା ଗଣବଳାତ୍କାର ଘଟଣାରେ କଂଗ୍ରେସ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛି। ଏହାର ପ୍ରତିବାଦରେ ବୁଧବାର ରାଜ୍ୟ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ କଂଗ୍ରେସ କର୍ମୀ ଗିରଫ ହୋଇଛନ୍ତି।

ଏହି ଅବସରରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣବଳାତ୍କାର ଏବଂ ପାଶବିକ ଅତ୍ୟାଚାରର ଶିକାର ହେଉଛନ୍ତି। ମାତ୍ର ଡବଲ ଇଞ୍ଜିନ ଭାଜପା ସରକାର ଲୋକଙ୍କ ଅର୍ଥରେ ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗିସାରିଲାଣି। ଓଡ଼ିଶାରେ ଏବେ ନାରୀମାନେ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ହୋଇପଡ଼ିଥିବାବେଳେ ଆଇନଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ହୋଇଗଲାଣି। ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ରାଜ୍ୟରେ ବଢ଼ିଚାଲିଥିବା ମହିଳା ନିର୍ଯାତନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବିଧାୟକ ତାରା କହିଥିଲେ, ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି। ଏବର ଘଟଣାକୁ ନେଇ ଆଗାମୀ ଦିନରେ ବିଧାନସଭା ଭିତରେ ପୁନର୍ବାର ଲଢ଼େଇ କରାଯିବ।

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ରାଜ୍ୟ କଂଗ୍ରେସ ପକ୍ଷରୁ ଶତାଧିକ କର୍ମୀ ଓ ନେତା ସରକାର ବିରୋଧୀ ସ୍ଲୋଗାନ୍ ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଧସେଇ ପଶିଥିଲେ। ଏହି ସମୟରେ ବାରିକେଡ୍ ଭାଙ୍ଗି ଆଗକୁ ବଢୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରାଜ୍ୟ ପ୍ରଭାରୀ ଲଲ୍ଲୁ ଓ ଅନ୍ୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଧାରଣାରେ ବସିଥିଲେ। ପୋଲିସ ଆଇନଶୃଙ୍ଖଳା ରକ୍ଷାକରିବାକୁ ଯାଇ ଲଲ୍ଲୁଙ୍କ ସମେତ ଶତାଧିକ ନେତା ଓ କର୍ମୀଙ୍କୁ ଗିରଫକରି ପରେ ଛାଡ଼ିଦେଇଥିଲା।

ଏହି ଘେରାଉ କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ଦାସ, ସୋଫିଆ ଫିର୍ଦୌସଙ୍କ ସହିତ ମୀନାକ୍ଷୀ ବାହିନୀପତି, ରଣଜିତ ପାତ୍ର, ୟାସିର ନୱାଜ୍, ଲଳାଟେନ୍ଦୁ ମହାପାତ୍ର ପ୍ରମୁଖ ସାମିଲ ଥିଲେ।



କଂଗ୍ରେସ ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

# ଗୋପାଳପୁର ବଳାତ୍କାର ଘଟଣାକୁ ପ୍ରିୟଙ୍କାଙ୍କ ନିନ୍ଦା

**ଭୁବନେଶ୍ୱର, ୧୮।୬(ରବିନାରାୟଣ ଜେନା)**

ଗୋପାଳପୁର ଗଣବଳାତ୍କାର ଘଟଣାକୁ ନେଇ ଏଆଇସିସି ସମ୍ପାଦକ ତଥା ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ସାମାଜିକ ଗଣମାଧ୍ୟମରେ ଟୁଇଟ୍ କରି ନିନ୍ଦା କରିଛନ୍ତି। ସେ କହିଛନ୍ତି, ଓଡ଼ିଶାର ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ୧୦ ଜଣ ଯେଉଁଭଳି ଭାବେ ବଳାତ୍କାର କଲେ ତାହାକୁ ଯେତେ କଡ଼ାଶବ୍ଦରେ ନିନ୍ଦାକଲେ ମଧ୍ୟ ତାହା ଯଥେଷ୍ଟ ହେବନାହିଁ। ଓଡ଼ିଶାରେ ଦିନକୁ ଦିନ ମହିଳାବିରୋଧୀ ହିଂସା ବୃଦ୍ଧି ପାଉଛି। ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ, ଗତ ପାଞ୍ଚବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଛନ୍ତି। ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ମହିଳାଙ୍କ ବିରୋଧରେ ଏକ ଅତ୍ୟାଚାର ବୋଲି ପ୍ରିୟଙ୍କା କହିଛନ୍ତି।

# ଜୁନ୍ ୨୮ରେ ଏସ୍ଆଇଟି ବୈଠକ

**କଟକ, ୧୮।୬(କାର୍ତ୍ତିକ ସାହୁ)**

ଦେଶରେ କଳାଧନ କାରବାର ରୋକିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସ୍ଆଇଟି)ର ପରବର୍ତ୍ତୀ ବୈଠକ ଆସନ୍ତା ଜୁନ୍ ୨୮ରେ ହେବ। ଏହି ବୈଠକରେ ରାଜ୍ୟ ତଥା ଦେଶର କଳାଧନ ରୋକିବାକୁ କାର୍ଯ୍ୟ କରୁଥିବା ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଏସ୍ଆଇଟି ଅଧ୍ୟକ୍ଷ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଉକ୍ତ ଦିନ ପୂର୍ବାହ୍ନ ୧୧ଟା ସମୟରେ ବୈଠକ ଅନୁଷ୍ଠିତ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

# ୨୦ରେ ଭୁବନେଶ୍ୱର, କଟକରେ ସ୍କୁଲ ଛୁଟି

**ଭୁବନେଶ୍ୱର, ୧୮।୬(ସୁଚିସ୍ମିତା ସାହୁ)**

ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱର ଓ କଟକର ସମସ୍ତ ସ୍କୁଲ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଜନତା ମଇଦାନରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯାଉଛି। ଏହି ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ତେଣୁ ଉକ୍ତଦିନ ଦୁଇ ସହରର ସମସ୍ତ ସ୍କୁଲ ଛୁଟି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ବୁଧବାର ଖୋର୍ଦ୍ଧା ଓ କଟକ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛନ୍ତି। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡିକୁ ଛୁଟି ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏବେ ଗ୍ରୀଷ୍ମଛୁଟି ପାଇଁ ସ୍କୁଲ ବନ୍ଦ ରହିଛି। ଆସନ୍ତା ୨୦ ତାରିଖରୁ ସ୍କୁଲ ଖୋଲିବ ବୋଲି ବିଭାଗ ପକ୍ଷରୁ ପୂର୍ବରୁ ଚିଠି କରାଯାଇଥିଲା।

# ନିଅଣ୍ଟିଆ ବର୍ଷା ଭରଣା କରୁଛି ମୌସୁମୀ

**ଭୁବନେଶ୍ୱର, ୧୮।୬ (ଅନୁରାଧା ମହାରଣା)**

## ୨ ଜିଲାକୁ ରେଡ୍ ୱାର୍ନିଂ

ରାଜ୍ୟରେ ମୌସୁମୀ ସକ୍ରିୟ ହୋଇଥିବାବେଳେ ସାରା ଓଡ଼ିଶାରେ ବର୍ଷା ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ। ତେବେ ୨ ଦିନ ଧରି କେତେକ ଜିଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ବର୍ଷା ରାଜ୍ୟର ନିଅଣ୍ଟିଆ ବର୍ଷାକୁ ଭରଣା କରିବାରେ ସହାୟକ ହେଉଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶଙ୍କ ସୂଚନାନୁସାରେ, ରାଜ୍ୟରେ ମୌସୁମୀ ଋତୁରେ ହାରାହାରି ବର୍ଷା ସ୍ୱାଭାବିକ ସ୍ଥିତିକୁ ଫେରିଛି। ଗତ ୧୫ ତାରିଖ ସୁଦ୍ଧା ହାରାହାରି ୪୨.୯ ମିମି ବର୍ଷା ହୋଇଥିବାବେଳେ ୪୨% ନିଅଣ୍ଟିଆ ରହିଥିଲା। ମାତ୍ର ୩ ଦିନରେ ଘୂର୍ଣ୍ଣିବଳୟ, ସକ୍ରିୟ ମୌସୁମୀ ଏବଂ ଲଘୁଚାପ ପ୍ରଭାବରେ ୨୯% ନିଅଣ୍ଟିଆ ଭରଣା ହୋଇଛି। ବର୍ତ୍ତମାନ ରାଜ୍ୟରେ ହାରାହାରି ବର୍ଷାର ମାତ୍ରା ୮୬.୬ମିମିକୁ ପହଞ୍ଚିବା ସହ ସ୍ୱାଭାବିକ ତୁଳନାରେ ମାତ୍ର ୧୩% କମ୍ ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷାର ପରିସରଭୁକ୍ତ ବୋଲି ଉମାଶଙ୍କର କହିଛନ୍ତି।

ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ର ସୂଚନାନୁସାରେ, ବୁଧବାର ରାଉରକେଲାରେ ୨୭.୮ ମିମି, ହୀରାକୁଦରେ ୨୫.୯ ମିମି, ଢେଙ୍କାନାଳରେ ୧୫.୨ ମିମି, ତାଳଚେରରେ ୧୨.୬ ମିମି, ସମ୍ବଲପୁରରେ ୧୨.୩ ମିମି, ବାଲେଶ୍ୱରରେ ୧୧.୬ ମିମି, ଝାରସୁଗୁଡ଼ାରେ ୧୦.୮ ମିମି ଓ ଅନୁଗୋଳରେ ୧୦.୦ମିମି ବର୍ଷା ହେବ। ଏଥିସହ ଅନ୍ୟ କିଛି ଜିଲାରେ ମଧ୍ୟ ହାଲୁକାରୁ ମଧ୍ୟମଧରଣର ବର୍ଷା ରେକର୍ଡ କରାଯାଉଛି। ଗୁରୁବାର ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଜିଲାରେ ଅତିରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉଭୟ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି। ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ବାଲେଶ୍ୱର ଆଦି ଜିଲାରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, ଢେଙ୍କାନାଳ, ଯାଜପୁର ଏବଂ ଭଦ୍ରକ ଆଦି ଜିଲାରେ ପ୍ରବଳ ବର୍ଷା ଆଶଙ୍କାରେ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ନେତା ଉଦୟଙ୍କ ସମେତ ୩ ମୃତ

**ମାଲକାନଗିରି, ୧୮।୬ (ଦୁର୍ଯ୍ୟୋଧନ ପାତ୍ର)**

ଓଡ଼ିଶା ଓ ଆନ୍ଧ୍ର ପୋଲିସର ନିଦ ହଜାଇ ଦେଇଥିବା ମୋଷ୍ଟ ୱାଣ୍ଟେଡ୍ ନେତା ଉଦୟଙ୍କ ସହ ୩ ମାଓବାଦୀଙ୍କର ଏନ୍‌କାଉଣ୍ଟରରେ ବୁଧବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗର୍ଜଲା ରବି ଓରଫ ଉଦୟ, ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁ।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ସୀତାରାମାରାଜୁ ଜିଲା ମାରେଡିମେଲ୍ଲି ଜଙ୍ଗଲରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଜର୍ଲା ରବି ଓରଫ ଉଦୟ, ପୂର୍ବତନ ମାଓବାଦୀ ନେତା ଚଲପତିଙ୍କ ସ୍ତ୍ରୀ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟା ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କ ସହ ଅନ୍ୟ କେତେଜଣ ଟପ୍ କ୍ୟାଡର ମାଓବାଦୀ ଥିବା ବିଶେଷ ସୂତ୍ରରୁ ଖବର ପାଇ ଗ୍ରେହାଉଣ୍ଡ ବାହିନୀ କୋମ୍ବିଂରେ ବାହାରିଥିଲେ। ଅପରେଶନ ସମୟରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨୫ ଲକ୍ଷ ପୁରସ୍କାର ଘୋଷିତ ଗର୍ଜଲା ରବି ଓରଫ ଉଦୟ, ଚଲପତିଙ୍କ ସ୍ତ୍ରୀ ୨୦ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କର ମୃତ୍ୟୁ ହୋଇଛି। ପରେ ଏମାନଙ୍କ ମୃତଦେହ ଜବତ କରାଯାଇଛି। ଏଥିସହ ଘଟଣାସ୍ଥଳରୁ ୩ଟି ଏକେ ୪୭ ରାଇଫଲ ମଧ୍ୟ ଉଦ୍ଧାର ହୋଇଛି।

ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଛି। ମୃତ ଉଦୟ ଓ ଅରୁଣା ଆନ୍ଧ୍ର-ଓଡ଼ିଶାର ବଡ଼ ଧରଣର ହିଂସା ଘଟଣାର ମାଷ୍ଟରମାଇଣ୍ଡ ଥିଲେ। ୨୦୧୮ରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଆରୁକୁ ଡୁମ୍ବୁରିଗୁଡା ନିକଟରେ ସେହି ଅଞ୍ଚଳର ବିଧାୟକ କିଡାରି ସର୍ବେଶ୍ୱର ରାଓ ଓ ପୂର୍ବତନ ବିଧାୟକ ସିବେରୀ ସୋମାଙ୍କ ହତ୍ୟାରେ ଅରୁଣାଙ୍କ ସମ୍ପୃକ୍ତି ଥିଲା। ସେହିପରି ଚିତ୍ରକୋଣ୍ଡା ଜଳଭଣ୍ଡାରର ଆଲମପେଟା ନିକଟ ଲଞ୍ଚ ଉପରେ ଆକ୍ରମଣକରି ୩୬ ସୁରକ୍ଷା କର୍ମୀ ଶହୀଦ ଘଟଣାରେ ଉଦୟଙ୍କ ହାତ ରହିଥିବା ଜଣାପଡ଼ିଛି।


ଉଦୟ


ଅରୁଣା

# ଚିକିତ୍ସା ପାଇଁ ୨୦ରେ ମୁମ୍ବାଇ ଯିବେ ନବୀନ

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

## ନବୀନଙ୍କ ଆଶୁ ଆରୋଗ୍ୟ କାମନାକଲେ ମୁଖ୍ୟମନ୍ତ୍ରୀ

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆସନ୍ତା ୨୦ ତାରିଖରେ ଚିକିତ୍ସା ପାଇଁ ମୁମ୍ବାଇ ଯିବେ। ୨୨ ତାରିଖରେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯିବ। ନବୀନଙ୍କ ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ତାଙ୍କର ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ। ନବୀନ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏହା ପୋଷ୍ଟକରି ସୂଚନା ଦେଇଛନ୍ତି। ସେ ସେଥିରେ ଆହୁରି ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସର୍ଭିକାଲ ଅର୍ଥ୍ରୋସିସ୍ ଚିକିତ୍ସା ଲାଗି ସେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଯିବେ। ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାର ଭଉଣୀଭାଇଙ୍କ ସଦିଚ୍ଛା ତାଙ୍କ ସାଙ୍ଗରେ ରହିଛି। ତୁରନ୍ତ ଭଲ ହୋଇ ସମସ୍ତଙ୍କ ପାଇଁ ସେ ତାଙ୍କ ସେବା କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତାବ୍ୟକ୍ତ କରିଛନ୍ତି। ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଏବଂ ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭକରନ୍ତୁ ବୋଲି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ବୋଲି ସେ ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତି।

ଚିକିତ୍ସା ସମୟରେ ତାଙ୍କ ଅନୁପସ୍ଥିତିରେ ଦଳର ଦୈନନ୍ଦିନ କାର୍ଯ୍ୟକ୍ରମ ରାଜନୈତିକ ପରିଚାଳନା କମିଟି(ପିଏସି) ଦ୍ୱାରା ପରିଚାଳିତ ହେବ। ବରିଷ୍ଠ ଉପସଭାପତି(ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ର ଦଳର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଂଯୋଜନା ରଖିବେ।

DSPL - 129

ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0207/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ



# ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ




ଦେବଦତ୍ତ ପଟ୍ଟନାୟକ

ଭାରତର ପ୍ରତ୍ୟେକ ରାଜ୍ୟର ଏକ ରାଜ୍ୟ ବୃକ୍ଷ ଅଛି। କିନ୍ତୁ ଦୁର୍ଭାଗ୍ୟ ଯେ, ଯେତେବେଳେ କୌଣସି ରାଜ୍ୟର ରାଜଧାନୀର ବିଭିନ୍ନ ରେଳ ଷ୍ଟେଶନ ଓ ବିମାନବନ୍ଦରକୁ ଯିବେ ସେତେବେଳେ ସେହି ରାଜ୍ୟର ରାଜ୍ୟବୃକ୍ଷ ଦେଖିବାକୁ ପାଇବେ ନାହିଁ। ଏହା ପରିବର୍ତ୍ତେ ସେଠାରେ ଆପଣ ବିଭିନ୍ନ ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ଦେଖିବେ । ଏହି କାରଣରୁ ସମୟକ୍ରମେ ଆମ ରାଜ୍ୟ ବୃକ୍ଷକୁ ଭୁଲିଯାଉଛେ। ଏହା ସହ ଆମେ କେବେ ବି ରାଜ୍ୟବୃକ୍ଷର ସାଂସ୍କୃତିକ ମହତ୍ତ୍ୱ ବିଷୟରେ ଚିନ୍ତା କରୁନାହୁଁ। ବର୍ତ୍ତମାନ ଯଦି ମୁଁ ପଚାରିବି ଆମ ଦେଶର ଜାତୀୟ ବୃକ୍ଷ ବା ଗଛ କିଏ। ସରଳରେ ଏହାର ଉତ୍ତର ମିଳିଯିବ ଏବଂ ସମସ୍ତେ କହିବେ ବରଗଛ। ହିନ୍ଦୁ ଓ ବୌଦ୍ଧଧର୍ମରେ(ଏହାର ସମ୍ପର୍କ ୨୨ତମ ତୀର୍ଥଙ୍କର କଶ୍ୟପ ବୁଦ୍ଧ ସହ ରହିଛି) ଏହାକୁ ଏକ ପବିତ୍ର ବୃକ୍ଷ ବୋଲି ବିବେଚନା କରାଯାଏ। ଏହି ଜାତୀୟ ବୃକ୍ଷ ମଧ୍ୟ ଗୁଜରାଟ ଓ ମଧ୍ୟପ୍ରଦେଶର ରାଜ୍ୟ ବୃକ୍ଷ। କିନ୍ତୁ ହରିୟାଣା, ବିହାର ଏବଂ ଓଡ଼ିଶାର ରାଜ୍ୟ ବୃକ୍ଷ ହେଉଛି ଅଶ୍ୱତ୍ଥ। ଏହି ଗଛ ତଳେ ଗୌତମ ବୁଦ୍ଧ ଜ୍ଞାନ ତଥା ନିର୍ବାଣ ପ୍ରାପ୍ତି ହୋଇଥିଲେ। ସେହିପରି ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥ ମଧ୍ୟ ଏହି ଗଛମୂଳରେ ଜ୍ଞାନ ଲାଭ କରିଥିଲେ, ଯିଏ ମହାବୀରଙ୍କ ପୂର୍ବରୁ ରହିଥିଲେ।

ଛତିଶଗଡ଼ ଓ ଝାଡ଼ଖଣ୍ଡର ରାଜ୍ୟ ବୃକ୍ଷ ଶାଳ। ରାମାୟଣର କିଷ୍କିନ୍ଧା କାଣ୍ଡରେ ରାମ ୭ଟି ଶାଳଗଛରେ ତୀର ବିଦ୍ଧକରିଥିଲେ। ଶାଳଗଛର ମଧ୍ୟ ବୌଦ୍ଧଧର୍ମ ସହ ସମ୍ପର୍କ ଅଛି। ବୁଦ୍ଧ ଯେତେବେଳେ ଜନ୍ମହୋଇଥିଲେ ସେତେବେଳେ ତାଙ୍କ ମା' ଶାଳଗଛ ଶାଖାକୁ ଧରିଥିଲେ। ଏହାସହ ଦୁଇଟି ଶାଳଗଛ ମଧ୍ୟରେ ବୁଦ୍ଧଙ୍କର ମୃତ୍ୟୁ ଘଟିଥିଲା। ୨୦ତମ ତୀର୍ଥଙ୍କର ମୁନିସୁରବର୍ତ୍ତ, ଯିଏ କି ରାମଙ୍କ ସମୟରେ ଥିଲେ, ତାଙ୍କର ଶାଳଗଛ ସହ ସମ୍ପର୍କ ରହିଥିଲା।

ଅଶୋକ ଗଛ ଉତ୍ତରପ୍ରଦେଶର ରାଜ୍ୟବୃକ୍ଷ ହୋଇଥିବାବେଳେ ଏହାର ଫୁଲ ଓଡ଼ିଶାର ରାଜ୍ୟ ଫୁଲ। କମଳାରଙ୍ଗର ଫୁଲରେ ସୁଶୋଭିତ ଅଶୋକ ଗଛ ସମ୍ପର୍କରେ ରାମାୟଣରେ ବର୍ଣ୍ଣନା ରହିଛି । କାରଣ ରାବଣ ଲଙ୍କାର



ଅଶୋକ ବାଟିକା ବା ଅଶୋକ ଉଦ୍ୟାନରେ ସୀତାଙ୍କୁ ରଖିଥିଲେ। ଖେଜ୍ରି ବା ଶମି ବୃକ୍ଷ ତେଲଙ୍ଗାନା ଓ ରାଜସ୍ଥାନର ରାଜ୍ୟ ବୃକ୍ଷ ଭାବେ ସ୍ୱୀକୃତ। ଏହା କମ୍ ବର୍ଷା ହେଉଥିବା ଶୁଷ୍କ ଅଞ୍ଚଳରେ ବଢ଼ିଥାଏ। ଏହି ଗଛ ଯୋଦ୍ଧା ସମ୍ପ୍ରଦାୟ ସହ ଜଡ଼ିତ। ଖେଜ୍ରିଗଛ ମଧ୍ୟ ହରପ୍ପା ସଭ୍ୟତାର ସିଲ୍ ବା ମୋହରରେ ଦେଖିବାକୁ ମିଳେ। ସାମାନ୍ୟ କଣ୍ଟକିତ ଏହି ବୃକ୍ଷକୁ ଦଶହରା ପର୍ବ ସମୟରେ ରାଜ ପରିବାରଗୁଡ଼ିକ ଶ୍ରଦ୍ଧାର ସହ ପୂଜା କରିଥାନ୍ତି। ମହାଭାରତରେ ବର୍ଣ୍ଣନା ରହିଛି ଯେ, ଅଜ୍ଞାତବାସ ସମୟରେ ପାଣ୍ଡବମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ଶମି ଗଛରେ ଲୁଚାଇ ରଖିଥିଲେ।

କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ଓ ମହାରାଷ୍ଟ୍ରର ରାଜ୍ୟ ବୃକ୍ଷ ଭାବେ ଆମ୍ବଗଛ ମାନ୍ୟତା ପାଇଛି। ଧର୍ମୀୟ ପର୍ବପର୍ବାଣିରେ ଆମ୍ବପତ୍ର ବ୍ୟବହାର କରାଯାଏ ଏବଂ ଘରର ପ୍ରବେଶପଥକୁ ଏହି ପତ୍ରରେ ସଜାଯାଇଥାଏ। କୌତୂହଳର ବିଷୟ ହେଉଛି, ୨୦୦ରୁ କମ୍ ବର୍ଷ ମଧ୍ୟରେ ଭାରତକୁ ପ୍ରଥମେ କୃଷ୍ଣଚୂଡ଼ା ଗଛ ଆସିଥିଲେ ମଧ୍ୟ ଏହାକୁ ଭାରତର ରାଜଧାନୀ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀର ରାଜ୍ୟବୃକ୍ଷ ଭାବେ ଗ୍ରହଣ କରାଯାଏ। କେରଳରେ ରହୁଥିବା ଖ୍ରୀଷ୍ଟିଆନଙ୍କ ଅନୁଯାୟୀ କୃଷ୍ଣଚୂଡ଼ା ଫୁଲ ହେଉଛି ଯିଶୁଙ୍କ ରକ୍ତ, ଯାହା କ୍ରୁଶବିଦ୍ଧ ସମୟରେ ଗଛ ଉପରେ ପଡ଼ିଥିଲା। ସେମାନେ ଏହି ଗଛକୁ କାଲଭରିପ୍ଲୋ ( କାଲଭାରି ଫୁଲ) ବୋଲି କହନ୍ତି।

ଦକ୍ଷିଣ ଆଡ଼କୁ ଗଲେ ଆମେ ଅଧିକ ନିମ୍ବଗଛ ଦେଖିବାକୁ ପାଇଥାଉ। ଏହା ଆନ୍ଧ୍ରପ୍ରଦେଶ ରାଜ୍ୟବୃକ୍ଷ। ଏହା ଦେବୀଙ୍କର ପବିତ୍ର ବୃକ୍ଷ। ବେଲଗଛ ଶିବଙ୍କର ଅତି ପ୍ରିୟ ଏବଂ ପୁଡୁଚେରୀର ଏହା ରାଜ୍ୟବୃକ୍ଷ। ତାଳଗଛ ବଳରାମଙ୍କ ପାଇଁ ପବିତ୍ର ଗଛ ଏବଂ ତାମିଲନାଡୁର ରାଜ୍ୟବୃକ୍ଷ। ହିନ୍ଦୁ ପର୍ବପର୍ବାଣିରେ ନଡ଼ିଆ ଗଛର ମହତ୍ତ୍ୱ ରହିଛି। ନଡ଼ିଆ ଓ ଏହାର ପତ୍ରକୁ ବ୍ୟବହାର କରାଯାଇଥାଏ। ଏହା କେରଳ ଓ ଗୋଆର ରାଜ୍ୟବୃକ୍ଷ। ଚନ୍ଦନଗଛ କର୍ଣ୍ଣାଟକର ରାଜ୍ୟବୃକ୍ଷ। ଘୋରା ଚନ୍ଦନ ବିଷ୍ଣୁ ମନ୍ଦିରରେ ବ୍ୟବହାର କରାଯାଏ। ଏହା ଅତ୍ୟନ୍ତ ପବିତ୍ର ଓ ବିଷ୍ଣୁଙ୍କର ପ୍ରିୟ ମଧ୍ୟ। ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଲଦାଖର ରାଜ୍ୟବୃକ୍ଷ କୋନ୍‌ଫିର ଟ୍ରି (ସବୁବେଳେ ପତ୍ର ଭରି ରହିଥିବା ଗୋଟିଏ ଗ୍ରୁପ୍‌ର ଗଛ ଯାହା କୋନ୍ ଭଳି ଦେଖାଯାଏ)। ଦେବଦାରୁ ଶିବଙ୍କର ପ୍ରିୟ ଓ ଏହା ହିମାଚଳ ପ୍ରଦେଶର ରାଜ୍ୟବୃକ୍ଷ। ଚିନାରା ସୁଫିମାନଙ୍କ ପାଇଁ ପବିତ୍ର ଗଛ ଏବଂ ଏହା ଜମ୍ମୁ-କଶ୍ମୀରର ରାଜ୍ୟବୃକ୍ଷ। ଲଦାଖର ରାଜ୍ୟବୃକ୍ଷ ଜୁନିପର୍। ତିବ୍ବତୀୟ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଏହାର ମହତ୍ତ୍ୱ ରହିଛି। ସିକିମ୍ ଓ ଉତ୍ତରାଖଣ୍ଡର ରାଜ୍ୟବୃକ୍ଷ ହେଉଛି ରୋଡୋଡେଣ୍ଡ୍ରୋନ୍ ଟ୍ରି । ଏହାର ଗାଢ଼ ଲାଲ ରଙ୍ଗ ଫୁଲ ନନ୍ଦାଦେବୀଙ୍କୁ ଅର୍ପଣ କରାଯାଏ।

ଆମେ ଯଦି ଉତ୍ତର ପୂର୍ବ ଆଡ଼କୁ ଯିବା ତେବେ ଅନେକ ରାଜ୍ୟରେ ଅଧିକ କାଠଗଛ ଦେଖିବାକୁ ପାଇବା। ସ୍ଥାନୀୟ ଆଦିବାସୀମାନେ ଏହିସବୁ ଗଛରୁ ଅନେକକୁ ପୂଜା କରନ୍ତି। ବିଶେଷକରି ଆସାମ ଓ ଅରୁଣାଚଳ ପ୍ରଦେଶରେ ହୋଲୋଙ୍ଗ, ମେଘାଳୟରେ ଆଲ୍‌ଡେର, ମଣିପୁରରେ ଉଡ୍‌କିଙ୍ଗ୍, ମେଘାଳୟରେ ହ୍ୱାଇଟ୍ ଟିକ୍ ଏବଂ ଆଣ୍ଡାମାନରେ ରେଡ୍‌ଉଡ୍‌କୁ ସେମାନେ ପୂଜା କରିଥାନ୍ତି। ମିଜୋରାମର ଆଇରନ୍ ଟ୍ରି ବୌଦ୍ଧଧର୍ମରେ ପବିତ୍ରତା ବହନକରେ ଏବଂ ଅନେକ ବୌଦ୍ଧ ବିଚାରଧାରା ସହ ଏହାର ସମ୍ପର୍କ ରହିଛି। ଏହା ମଧ୍ୟ ଶ୍ରୀଲଙ୍କାର ଜାତୀୟ ବୃକ୍ଷ। ତ୍ରିପୁରାର ରାଜ୍ୟବୃକ୍ଷ ହେଉଛି ଅଗର। ଏହା ଏକ ସୁବାସିତ ଗଛ, ଯେଉଁଥିରୁ ଅତର ତିଆରି କରାଯାଏ। ପଶ୍ଚିମବଙ୍ଗର ରାଜ୍ୟବୃକ୍ଷ ସପ୍ତପର୍ଣ୍ଣୀ। ଏହାର ଗଣ୍ଡିରୁ ସ୍କୁଲ ବ୍ଲାକ୍‌ବୋର୍ଡ ତିଆରି ହୁଏ। ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍‌ମାନେ ସେମାନଙ୍କ ଗ୍ରାଜୁଏଶନ ସମାରୋହକୁ ଏହି ଗଛର ଏକ ଛୋଟ ଡାଳନେଇଥାନ୍ତି। ଲାକ୍ଷାଦ୍ୱୀପର ବ୍ରେଡ୍‌ଫ୍ରୁଟ୍ ଗଛ ସମୁଦ୍ରପଥର ଯାତ୍ରାକୁ ସ୍ମରଣ କରାଇଦିଏ। ଅନେକ ହଜାର ବର୍ଷ ପୂର୍ବେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ପୋଲିନେସିଆର ନାବିକମାନେ ଏହି ଗଛକୁ ପ୍ରଥମେ ଆଣିଥିଲେ। ଏହିପରି ଭାବେ ଭାରତର ରାଜ୍ୟଗୁଡ଼ିକର ରାଜ୍ୟବୃକ୍ଷସବୁ ଭାରତୀୟ ସଂସ୍କୃତି ସମ୍ପର୍କରେ ଅନେକ କାହାଣୀ କହିଥାନ୍ତି।

-devduttofficial@gmail.com

## ଏଇ ଭାରତରେ

ଏକାକୀ ବାଇକ୍‌ରେ ୧୨ଟି ଦେଶ ବୁଲିସାରିଲେଣି ଆନ୍ଧ୍ରପ୍ରଦେଶର ଯୋଶୁଭ ଡାନିଏଲ ପୁଟି। ଏହି ଯାତ୍ରା ସମୟରେ ସେ ବିଭିନ୍ନ ସମ୍ପ୍ରଦାୟ ସହ ମିଶି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେଉଛନ୍ତି। ସେ ମଧ୍ୟ ବାଟରେ ଅସହାୟମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି। ଉଗାଣ୍ଡାରେ ଥିବା ସମୟରେ ସେଠାରେ ଅପପୁଷ୍ଟିର ଶିକାର ପିଲାଙ୍କୁ ଦେଖି ସେମାନଙ୍କୁ ଖାଦ୍ୟ ଦେବାଲାଗି ନିଷ୍ପତ୍ତି ନେଇଥିଲେ ଏବଂ ସେହିଠାରୁ ହିଁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ ଆବଶ୍ୟକ କାଗଜପତ୍ର ଯୋଗେ ବିଭିନ୍ନ ଦେଶର ସୀମା ପାର୍ ହୋଇ ଚାଲିଛନ୍ତି। ୩୭ ବର୍ଷୀୟ ପୁଟି ୧୬୦ ଦେଶ ବାଇକ୍‌ରେ ଭ୍ରମଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସିଙ୍ଗାପୁରରେ ସେଠାକାର ଅଧିକାରୀଙ୍କ ସହଯୋଗରେ କ୍ୟାନ୍‌ସର ପୀଡ଼ିତ ପିଲାଙ୍କ ସର୍ଜରି ପାଇଁ ପାଣ୍ଠି ମଧ୍ୟ ସଂଗ୍ରହ କରିଥିଲେ। ଭାରତର ବିଭିନ୍ନ ସ୍ଥାନକୁ ଯିବା ସମୟରେ ସେ ମହିଳାମାନଙ୍କୁ ସଶକ୍ତ ହେବାଲାଗି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରୁଛନ୍ତି। 'ରାଇଡର ଯୋଶ୍ ଫାଉଣ୍ଡେଶନ' ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। କେବଳ ଏତିକି ନୁହେଁ, ସେ ହାଇଦ୍ରାବାଦରେ ୫୦୦ରୁ ଅଧିକ ଗଛଚାରା ଲଗାଇ ସାରିଲେଣି। ଏହାବ୍ୟତୀତ ଡାନିଏଲ ପୁଟି କରୋନା ସମୟରେ ମଧ୍ୟ ୧୫୦୦ ଲୋକଙ୍କୁ ପ୍ରତିଦିନ ଖାଇବାକୁ ଦେଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୭୬

- ରାଉରକେଲାଠାରେ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ପାଇରାଲ ୱେଲ୍‌ଡ ପାଇପ ପ୍ଲାଣ୍ଟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।
- ଭୀଷଣ ବର୍ଷା ଓ ଝଡ଼ତୋଫାନ ଫଳରେ କଲିକତା ଅନ୍ତର୍ଗତ ରଘୁନାଥଗଞ୍ଜ ନିକଟସ୍ଥ ଭାଗୀରଥି ନଦୀରେ ନୌକା ବୁଡ଼ିଯିବା ଫଳରେ ୨୫ ଜଣଙ୍କ ମୃତ୍ୟୁ।
- କୃଷି ତଥା ଶିଳ୍ପ ଉତ୍ପାଦନ ବୃଦ୍ଧିକୁ ଉତ୍ସାହିତ କରିବା ଲାଗି ୪୩ଟି ସାମଗ୍ରୀ ଉପରୁ ଅବକାରୀ ଶୁଳ୍କ ରିହାତି ପାଇଁ କେନ୍ଦ୍ର ସରକାରଙ୍କ ଘୋଷଣା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | 1 | |
| 5 | | | 3 | 6 | | | | 7 |
| | | | | | | | | 5 |
| 9 | | 5 | | | | | 7 | 1 |
| | | 3 | 5 | | | 8 | | |
| 6 | | | | 7 | | | | 2 |
| 2 | | | | | 1 | 5 | | |
| | | | 6 | 9 | | | 3 | |
| | | 9 | | | 7 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 6 | 5 | 4 | 7 | 9 | 1 |
| 1 | 7 | 6 | 2 | 8 | 9 | 3 | 4 | 5 |
| 5 | 9 | 4 | 1 | 3 | 7 | 6 | 2 | 8 |
| 6 | 3 | 1 | 5 | 9 | 2 | 4 | 8 | 7 |
| 9 | 4 | 8 | 7 | 1 | 6 | 2 | 5 | 3 |
| 7 | 2 | 5 | 8 | 4 | 3 | 9 | 1 | 6 |
| 2 | 5 | 9 | 3 | 6 | 8 | 1 | 7 | 4 |
| 4 | 1 | 3 | 9 | 7 | 5 | 8 | 6 | 2 |
| 8 | 6 | 7 | 4 | 2 | 1 | 5 | 3 | 9 |

ଗତକାଲିର ଉତ୍ତର

# ସର୍ବବ୍ୟାପୀ ସରକାର



ଡ. ସୁବାସ ଚନ୍ଦ୍ର ପାତ୍ର

ଏବେ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କର ସରକାର ଯେପରି ଅତିଦୃଶ୍ୟମାନ ହେବା ପ୍ରୟାସରେ ବ୍ୟକ୍ତିର ଅନ୍ତର୍ନିହିତ ବିକାଶରେ ବାଧକ ସାଜୁଛନ୍ତି, ଜଣାପଡୁଛି ଆଉ ଅଳ୍ପ କେତେ ବର୍ଷ ଭିତରେ ଅଧିକାଂଶ ଲୋକ 'ଗଣତନ୍ତ୍ର-ପ୍ରସୂତ ଦିବ୍ୟାଙ୍ଗ'ରେ ପରିଣତ ହେବେ!

ଆଗରୁ ରାଜ୍ୟ ବା ରାଷ୍ଟ୍ରରେ ସମ୍ବଳ ନ ଥିଲା। ତେଣୁ ସରକାର ସବୁକଥାରେ ନାଗରିକମାନଙ୍କ ପାଖରେ ଠିଆ ହୋଇ ପାରୁ ନ ଥିଲେ। କିନ୍ତୁ ଏହାର ସକାରାତ୍ମକ ଦିଗଟି ଥିଲା। ମଣିଷ ତା'ର ଅନ୍ତର୍ନିହିତ ସୃଜନଶକ୍ତି ଓ ଆତ୍ମଲବ୍ଧ ଦକ୍ଷତା ପ୍ରୟୋଗ କରି ଅନେକ ଛୋଟ ଛୋଟ ସମସ୍ୟାର ସମାଧାନ କରି ଦେଉଥିଲା। ଆଉ ତା' ସାଙ୍ଗକୁ ଥିଲେ 'ଛୋଟ ସରକାର' ମାନେ। ସ୍ୱାଧୀନତା ସଂଗ୍ରାମ କାଳରେ ଯେପରି ଗାଁ ଗହଳରେ 'ଛୋଟ ଗାନ୍ଧୀ'ମାନଙ୍କ ଆବିର୍ଭାବ ଘଟିଥିଲା, ୮୦ ଦଶକ ପର୍ଯ୍ୟନ୍ତ ଗାଁର ଉନ୍ନତି ପାଇଁ ଉତ୍ସର୍ଗୀକୃତ କିଛି ଗାଁ ମୁଖିଆ ସରକାରଙ୍କ ପରିପୂରକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶିକ୍ଷା, ସାମାଜିକ ସଦ୍‌ଭାବ, ସାଂସ୍କୃତିକ ବିକାଶ, ଛୋଟ ଛୋଟ ସାମୂହିକ କାର୍ଯ୍ୟ ମାଧ୍ୟମରେ ଆତ୍ମ-ଗୁରୁତ୍ୱ ଓ ଗ୍ରାମ୍ୟପ୍ରୀତି ଜାଗ୍ରତ କରେଇ ଗାଁକୁ ଏକ ସୁଂସହତ ଏକକ ହିସାବରେ ଧରି ରଖି ପାରୁଥିଲେ।

ଧୀରେ ଧୀରେ ଭୋଟ୍ ରାଜନୀତି ପଶିଲା। ଦକ୍ଷତା, ସୃଜନଶକ୍ତି, ସାମୂହିକ ଉନ୍ନତି ପ୍ରବଣତାରେ ଭରପୂର ନାଗରିକମାନଙ୍କୁ ଭୋଟଦାତାରେ ରୂପାନ୍ତରିତ କରାଗଲା। ଉଦାରୀକରଣ ପ୍ରଭାବରେ ରାଜକୋଷ ମଧ୍ୟ ସମୃଦ୍ଧ ହେବାକୁ ଲାଗିଲା। ଆସ୍ତେ ଆସ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ସରକାର ସହାୟତାର ହାତ ବଢ଼େଇଲେ। ତେବେ କାଳକ୍ରମେ ଏହା ସହାୟତା ବଦଳରେ ନଗଦ ରାଶି ପ୍ରଦାନ ମାଧ୍ୟମରେ ଭୋଟଭିକ୍ଷାର ଏକ ସୁନ୍ଦର ମାଧ୍ୟମ ପାଲଟିଲା। ଅର୍ଥାତ୍ ସରକାର ଜନସାଧାରଣଙ୍କୁ ମାଛ ଧରିବାକୁ ଜାଲ ନ ଦେଇ, ଘରେ ମାଛ ପହଞ୍ଚେଇ ଦେବାର ବ୍ୟବସ୍ଥା କଲେ। ତେଣୁ ଆକ୍ଷରିକ ଅର୍ଥରେ ଏବଂ ଭାବାର୍ଥରେ ଆଜିକାଲି କେହି ଜାଲ ବୁଣୁ ନାହାନ୍ତି, ଜାଲ ଫିଙ୍ଗି ବା ବସେଇ 'ମାଛ' ଧରୁନାହାନ୍ତି। ନିର୍ଦ୍ଦିଷ୍ଟ ଭାବରେ କିଛି ନ କରି ଯେବେଠୁ ନଗଦ ଅର୍ଥ ମିଳିବାର ବ୍ୟବସ୍ଥା କରାଗଲା, ସେବେଠୁ ଗାଁ ଓ ସହରର ଅଭାବୀ ଓ ମଧ୍ୟବିତ୍ତ ଲୋକମାନେ ସେମାନଙ୍କ ମଣିଷସୁଲଭ, ଭଗବତଦତ୍ତ ଦକ୍ଷତା, ପ୍ରତିଭା ହରାଇ ଜଣେ ଜଣେ ନିକମା ମାଂସ ପିଣ୍ଡୁଳା ପାଲଟି ଯାଇଛନ୍ତି।

କିଛି କାମ ନ କରି ନଗଦ ଅର୍ଥରାଶି ଲାଭ କରି ଓଡ଼ିଶାର ଲୋକ କିପରି ନିକମା ପାଲଟି ଯାଇଛନ୍ତି ଏବଂ ରାଜ୍ୟ ଓ ରାଜକୋଷ ପାଇଁ ବୋଝ ପାଲଟି ଯାଇଛନ୍ତି, ତାହା ଜଣାପଡ଼େ ଯେତେବେଳେ ପାର୍ଶ୍ୱବର୍ତ୍ତୀ ରାଜ୍ୟ ବା ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ଚାଷୀ, ମୂଲିଆଙ୍କ କର୍ମକୁଶଳତା ଆମେ ସାମାଜିକ ଗଣ ମାଧ୍ୟମରେ ଦେଖୁ। ବାଂଲାଦେଶ ଭାରତ ପରି ଆର୍ଥିକ ଦୃଷ୍ଟିରୁ ଉନ୍ନତ ହୋଇ ନ ଥିବାରୁ ସେଠିକାର ଚାଷୀମାନେ ସରକାରୀ ଅନୁଦାନର ଅନୁପସ୍ଥିତିରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଓ ଅନ୍ୟାନ୍ୟ ଶିଳ୍ପକଳାରେ ଏତେ କୁଶଳୀ, ଦକ୍ଷ ଓ ପାରଙ୍ଗମ ଯେ ସେମାନେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା



ସହ ରାଷ୍ଟ୍ର ପାଇଁ ଯଥେଷ୍ଟ ବୈଦେଶିକ ମୁଦ୍ରା ଅର୍ଜନ କରି ପାରୁଛନ୍ତି, ଯାହା ଓଡ଼ିଶା କ୍ଷେତ୍ରରେ ପ୍ରାୟ ଶୂନ୍।

ବିଶିଷ୍ଟ ଚିନ୍ତାନାୟକ ନୋଆମ୍ ଚମ୍‌ସ୍କି ବିଶ୍ୱର ରାଜନେତାଙ୍କର ନାଗରିକ ମାନଙ୍କୁ ସରକାର-ନିର୍ଭରଶୀଳ ଅବା ନେତା-ନିର୍ଭରଶୀଳ କରେଇବା ନିଜ ପଦ ସୁରକ୍ଷିତ ରଖିବାର ଏକ ଚତୁର ଚାଲ୍ ବୋଲି ଅଭିହିତ କରନ୍ତି। ନେତାମାନେ ସର୍ବଦୃଶ୍ୟମାନ ହେବା କ୍ରମରେ ଧୀର ଧୀରେ ବହୁତ 'ଡେଙ୍ଗା' ହେବାକୁ ଲାଗନ୍ତି ଏବଂ ସମ ଅନୁପାତରେ ନାଗରିକମାନେ 'ଛୋଟ' ଦେଖାଯାନ୍ତି ବା 'ଛୋଟ' ହେବାକୁ ଲାଗନ୍ତି। ଏହି ଧାରାର ଏକ ପର୍ଯ୍ୟାୟରେ ରାଜନେତାମାନେ ସର୍ବଶକ୍ତିମାନ ଧାର୍ମିକ ବା ଆଧ୍ୟାତ୍ମିକ ରକ୍ଷାକର୍ତ୍ତା ହିସାବରେ ଉଭା ହୁଅନ୍ତି। ପ୍ରଖ୍ୟାତ ଇଂଲିଶ କବି ଅଲିଭର ଗୋଲ୍ଡ ସ୍ମିଥଙ୍କ 'ଭିଲେଜ ସ୍କୁଲ ମାଷ୍ଟର' କବିତାରେ ବର୍ଣ୍ଣିତ ଗ୍ରାମବାସୀମାନଙ୍କ ମାଷ୍ଟରଙ୍କ 'ଛୋଟ ମୁଣ୍ଡରେ' ଏତେ ଜ୍ଞାନ କେମିତି ରହୁଛି ଭାବିବା ଭଳି ଆଜିର 'ଦୁଗ୍ଧପୋଷ୍ୟ' ମତଦାତାମାନେ ସେମାନଙ୍କ ନେତାଙ୍କୁ ଜଣେ ଜଣେ ଭଗବାନ ବୋଲି ମଣନ୍ତି ଏବଂ ରବର୍ଟ ବ୍ରାଉନ୍‌ଙ୍କ କବିତା 'ପିପା ପାସେସ' ରେ ବ୍ରାଉନ୍‌ଙ୍କ ଉକ୍ତି-ଭଗବାନ ସ୍ୱର୍ଗରେ ଅଛନ୍ତି, ପୃଥିବୀରେ ସବୁ ଠିକ୍ ଠାକ୍ ଚାଲିଛି-ସହ ତାଳ ଦେଇ ରାଜନେତାରୁ 'ଅନ୍ନଦାତା' ଓ 'ଅର୍ଥଦାତା' ପାଲଟିଥିବା 'ଡେଙ୍ଗା' ମଣିଷମାନଙ୍କ ଗୁଣକୀର୍ତ୍ତନ କରି ସେମାନଙ୍କ ସମର୍ଥକମାନେ ଗାଆନ୍ତି- 'ରାଜଧାନୀରେ ଆମ ନେତା ଅଛନ୍ତି, ସବୁଆଡ଼େ ଠିକ୍ ଠାକ୍ ଚାଲିଛି।'

ଦୁଃଖର କଥା ନେତାମାନଙ୍କୁ ଛୋଟନେତାମାନେ ହିମାଳୟ ଭାବିଲେ ବି, ଭୋଟ ପ୍ରେକ୍ଷାପଟରେ ସେମାନେ ନିଜକୁ ଅସୁରକ୍ଷିତ ମଣନ୍ତି। ତେଣୁ ନାଗରିକମାନଙ୍କୁ ବିଭିନ୍ନ ଭାବରେ ନିର୍ଭରଶୀଳ କରେଇ, ସେମାନଙ୍କ ପ୍ରତିଭା ହରଣ କରି ସେମାନଙ୍କୁ ତଳିତଳାନ୍ତ କରି ନିଜକୁ ଅନତିକ୍ରମଣୀୟ ରୂପରେ ଉପସ୍ଥାପନ କରୁ କରୁ, ସମାନ୍ତରାଳ ଭାବରେ ଏକ କରୁଣ ଅବରୋହଣ ପ୍ରକ୍ରିୟା ଆରମ୍ଭ ହୁଏ, ଯେତେବେଳେ ନେତାମାନେ ନିଯୁକ୍ତି ପତ୍ର ବାଣ୍ଟିବାକୁ ବାହାରି ପଡ଼ନ୍ତି ଯେଉଁଗୁଡ଼ିକ ଏକ ସମୟରେ ରେଜିଷ୍ଟର୍ଡ ଡାକରେ ଡାକଘର କର୍ମଚାରୀମାନେ ବାଣ୍ଟୁଥିଲେ। ଭାରି ଦୁଃଖଲାଗେ ଭୋଟ କେଉଁ ସ୍ତରକୁ ନେତାମାନଙ୍କୁ ନେଇଯାଏ। ଖାଲି ସେତିକି ନୁହେଁ, ସେମାନଙ୍କ ସହ ତାଳ ଦେଇ ଅତିମାତ୍ରାରେ ରୁଟିନ୍ କାର୍ଯ୍ୟକ୍ରମ-ପରୀକ୍ଷା ଫଳ ପ୍ରକାଶନରେ ମନ୍ତ୍ରୀମାନଙ୍କ ପରୀକ୍ଷା ଫଳ-ପୁସ୍ତିକା ଧରି ଠିଆ ହେବାର ଫଟୋ ମଧ୍ୟ ଦେଖାଯାଏ। କି ବିଚିତ୍ର ଏ ବିପରୀତ ରାଜନୈତିକ ବିବର୍ତ୍ତନ!

ଦୁର୍ନୀତିମୁକ୍ତ ଗୁଣାତ୍ମକତାର ଅନ୍ୟ ନାମ ସରକାର ନୁହନ୍ତି ନା ନେତା ନୁହନ୍ତି, ବରଂ ଦୁର୍ନୀତିଯୁକ୍ତ ମୋଟାମୋଟି କାମ ଚଲେଇ ନେବା ହେଉଛି ସରକାରଙ୍କ ଅନ୍ୟ ନାମ। ସରକାରଙ୍କ 'ପାଣି-ପବନ' ରେ ବଢ଼ି ବଢ଼ି ଭୋଟଦାତାମାନେ ଆଉ ନାଗରିକ ପର୍ଯ୍ୟାୟକୁ ଯାଇପାରନ୍ତି ନାହିଁ। ଆବିଷ୍କାରୀ, ଉଦ୍‌ଭାବନୀ ଏବଂ ସୃଜନଶୀଳ ମନଗୁଡ଼ିକ ଆସ୍ତେ ଆସ୍ତେ ଜୀବାଶ୍ମରେ ପରିଣତ ହୁଏ, ଯାହାର କରୁଣ ପରିଣତି କରୋନା ପରି ଭୟାବହ ମହାମାରୀ ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଦେଖାଯାଏ, ଯେତେବେଳେ ସରକାରଙ୍କ 'ହାତଟେକା'ରେ ପ୍ରତିପାଳିତ ମଣିଷମାନେ ସଂକଟବେଳେ ଆବଶ୍ୟକ ଶାରୀରିକ ସକ୍ରିୟତା, ଦକ୍ଷତା, ବୁଦ୍ଧିମତ୍ତା ଓ ଜୀବନରକ୍ଷା କୌଶଳ ପ୍ରଦର୍ଶନ କରି ନ ପାରି ଅକାଳରେ ମୃତ୍ୟୁବରଣ କରନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦେଶର ନାଗରିକମାନଙ୍କ ଅନ୍ତର୍ନିହିତ ଗୁଣ, ଦକ୍ଷତା, ପ୍ରତିଭାର ବିକାଶ କରେଇବାର ସର୍ବଶ୍ରେଷ୍ଠ ବ୍ୟବସ୍ଥା। ଆଜି କିନ୍ତୁ ଭୋଟ ସଂଗ୍ରହ ପାଇଁ ନାଗରିକମାନଙ୍କୁ ଭୋଟଦାତାରେ ପରିଣତ କରି ଅମୂଲ୍ୟ ମାନବସମ୍ବଳକୁ ନର୍ଦ୍ଦମାର ପାଣିଭଳି ବୋହି ଦିଆଯାଉଛି।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର
ମୋ : ୯୪୩୭୩ ୭୬୨୧୯

# ସଉଦା ବ୍ୟାଗ୍



ସତ୍ୟନାରାୟଣ ଦେହୁରୀ

ଆମ ନିତିଦିନିଆ ଜୀବନରେ ସମସ୍ତେ କିଛିନା କିଛି ସଉଦା ଆଣନ୍ତି । ଏହି ସଉଦା କେତେବେଳେ ପରିବା ହୋଇପାରେ ତ କେତେବେଳେ ତେଜରାତି ଜିନିଷ କିମ୍ବା ଅନ୍ୟ କିଛି ହୋଇପାରେ। ଧନୀ ହେଉ କିମ୍ବା ଗରିବ ସମସ୍ତଙ୍କର କିଛିନା କିଛି ଆବଶ୍ୟକତା ରହିଥାଏ। ତେବେ ସଉଦାର ଆକାର ବା ପରିମାଣ ଅନୁସାରେ ବ୍ୟାଗ୍‌ର ଆବଶ୍ୟକତା ହୁଏ। ଏହି ବ୍ୟାଗ ଆଜିକାଲି ଆଉ ନିଜ ଘରୁ ନେବାକୁ ପଡୁନାହିଁ। ଦୋକାନୀ ନିଜେ ଯେତେବଡ଼ ଜିନିଷ ହେଲେ ମଧ୍ୟ ତାକୁ ପ୍ୟାକ୍ କରି ଦେଇଦେଉଛି। ବହୁତ ସୁବିଧାରେ ଆମ ଜିନିଷ ଘରେ ପହଞ୍ଚି ଯାଉଛି। କିନ୍ତୁ ଆଗରୁ ଏହି ବ୍ୟବସ୍ଥା ନ ଥିଲା। ନିଜ ଜିନିଷ ପାଇଁ ନିଜେ ବ୍ୟାଗର ବ୍ୟବସ୍ଥା କରିବାକୁ ପଡୁଥିଲା। ଘରୁ ବ୍ୟାଗ ଧରି ଜିନିଷ ଆଣିବା ପାଇଁ ସମସ୍ତେ ଯାଉଥିଲେ। ସୁରକ୍ଷିତ ଭାବରେ ନିଜ ଜନିଷ ଘରକୁ ଆଣୁଥିଲେ।

ବ୍ୟାଗର ବ୍ୟବହାର ଏବେ କମିଗଲାଣି। କେହି ବ୍ୟାଗ ନେଇ ବଜାରକୁ ଯାଉନାହାନ୍ତି। ଯଦି ବି କିଏ ବ୍ୟାଗ ବ୍ୟବହାର କରୁଛି ତାହା ନିଶ୍ଚିତ ଭାବରେ ଜରି କିମ୍ବା ପଲିଥିନରେ ତିଆରି ବ୍ୟାଗ ହୋଇଥିବ। କନାରେ ତିଆରି ବ୍ୟାଗ ବହୁତ କମ ଲୋକଙ୍କ ହାତରେ ଦେଖାଯାଏ। ଆଗରୁ ବ୍ୟାଗ ସବୁ କନାରେ ସିଲାଇ ହେଉଥିଲା। କନା ତିଆରି ବ୍ୟାଗ ବହୁତ ମଜଭୁତ ଓ ଅଧିକ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରୁଥିଲା। କନା ବ୍ୟାଗରେ ଜିନିଷ ଆଣିଲେ ବାହାରକୁ ଦେଖାଯାଏ ନାହିଁ। ବହୁତ ସୁରକ୍ଷିତ ଭାବରେ ଜିନିଷ ଘରକୁ ଆସେ। କିନ୍ତୁ ଆଜିକାଲି ରେଡିମେଡ୍ ଯୁଗରେ ସବୁ ପଲିଥିନ ବ୍ୟାଗର ବ୍ୟବହାର ହେଲା। ଖାଲି ହାତରେ ଘରୁ ବଜାରକୁ ଯାଇ ବଡ଼ ବଡ଼ ପଲିଥିନରେ ସଉଦା ଅଣାଯାଉଛି। ବାଟରେ ଲୋକେ ସବୁ ଜିନିଷ ଦେଖିପାରୁଛନ୍ତି। ହୋଟେଲରୁ ଜଳଖିଆ ନେଲେ ପଲିଥିନରେ ନେଉଛନ୍ତି। ବାଟରେ ସମସ୍ତଙ୍କ ନଜର ତାହା ଉପରେ ପଡୁଛି। ଗୋଟିଏ ବିଶ୍ୱାସ ଥିଲା,ଖାଦ୍ୟ ପଦାର୍ଥରେ କାହାର ନଜର ପଡ଼ିଲେ ତାକୁ ଖାଆନ୍ତି ନାହିଁ। ଯଦି ବି ତାକୁ ଖାଇବେ, ଯାହାର ନଜର ପଡ଼ିଥିବ ତାକୁ ଦେଇକି ଖାଇବେ। ନଚେତ ପେଟ କାଟିବ। ଅନ୍ୟର ନଜରକୁ ଏଡ଼ାଇବା ପାଇଁ ଖାଦ୍ୟ ପଦାର୍ଥକୁ ଘୋଡ଼ାଇ ରଖାଯାଉଥିଲା। କାଳେ କାହାର ନଜର ପଡ଼ିଯିବ ବୋଲି ସମସ୍ତେ ଚିନ୍ତା କରୁଥିଲେ। ଏବେ କିନ୍ତୁ ସବୁ ଖୋଲା ମେଲାରେ ଚାଲିଛି। ଦିନକୁ ଦିନ ଲୋକମାନଙ୍କର ଚଳଣିରେ ପରିବର୍ତ୍ତନ ହୋଇଯାଉଛି। ସମସ୍ତଙ୍କ ନଜର ପଡୁଥିବା ଖାଦ୍ୟ ଖାଇବାକୁ କୌଣସି ଦ୍ୱିଧା ବୋଧ ହେଉନାହିଁ। ସର୍ବସାଧାରଣ ସ୍ଥାନମାନଙ୍କରେ ଗହଳି ସ୍ଥାନରେ ଖାଦ୍ୟ ଖାଇବାକୁ ଲୋକମାନେ ବହୁତ ପସନ୍ଦ କରୁଛନ୍ତି।

ପଲିଥିନର ବ୍ୟବହାର ବଢ଼ି ଯାଇଛି। ବ୍ୟାଗର ବିକଳ୍ପ ଭାବରେ ପଲିଥିନ ବ୍ୟବହାର କରାଯାଉଥିବାରୁ କେହି ବ୍ୟାଗ ବ୍ୟବହାର କରୁନାହାନ୍ତି। ସବୁ ଜାଗାରେ ପଲିଥିନର ବ୍ୟବହାର ଚାଲିଛି। ଏପରି କି ମନ୍ଦିର ଗଲେ ମଧ୍ୟ ଆଉ ପୂର୍ବଭଳି ପୂଜା ଝୁଡ଼ି ବ୍ୟବହାର ହେଉନାହିଁ। ପଲିଥିନରେ ଭୋଗନେଇ ପୂଜକକୁ ଧରାଇଦେଲେ କାମ ଶେଷ। ଠାକୁରଙ୍କ ଭୋଗ ମଧ୍ୟ ସେହି ପଲିଥିନରେ ଆସିଯାଉଛି। ମହାଦେବଙ୍କ ପାଦୁକା ମଧ୍ୟ ପଲିଥିନରେ ଆସିଯାଉଛି। ଏହି ପଲିଥିନ ବର୍ତ୍ତମାନ ମଣିଷ ସମାଜକୁ ଗ୍ରାସ କରିସାରିଲାଣି। ଏହାର କ୍ଷତିକାରକ ଦିଗ ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ସକାଳ ପାହିଲେ ଆମ ଚାରିପାଖରେ ଦେଖିବାକୁ ମିଳୁଛି କୁଢ଼ କୁଢ଼ ପଲିଥିନ ଆବର୍ଜନା। ଜଳ ଭାଗରେ ମଧ୍ୟ ଏହା ଜଳଚର ଜୀବମାନଙ୍କୁ ପ୍ରଭାବିତ କଲାଣି। ଅନେକ ସମୟରେ ଗୋରୁ ଏହାକୁ ଖାଇ ବହୁତ ଅସୁବିଧାରେ ପଡ଼ିଯାଉଛନ୍ତି। ପଲିଥିନ ବନ୍ଦ କରିବା ପାଇଁ ସରକାରଙ୍କ ତରଫରୁ ବାରମ୍ବାର ଉଦ୍ୟମ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଗୋଟିଏ ନିୟମ ହେଲେ କିଛି ଦିନ କଟକଣା ରହୁଛି, ତା'ପରେ ପୁଣି ଲୋକମାନେ ତାକୁ ଭୁଲିଯାଉଛନ୍ତି। ଜନ ସଚେତନତାର ଅଭାବରୁ ଏହି ନିୟମଗୁଡ଼ିକର ସୁଫଳ ମିଳୁ ନାହିଁ।

ପ୍ଲାଷ୍ଟିକ, ପଲିଥିନର ବ୍ୟବହାରକୁ ବନ୍ଦ କରିବା ପାଇଁ କଡ଼ାକଡ଼ି ନିୟମ କରିବା ଓ ତାକୁ ପାଳନ କରିବା ଆବଶ୍ୟକ। ସମସ୍ତେ କନା ବ୍ୟାଗ ନେଇ ବଜାରକୁ ଯିବା ଅଭ୍ୟାସ କରିବା ଜରୁରୀ। ଦୋକାନୀମାନଙ୍କୁ ମଧ୍ୟ ତାଗିଦ୍ କରିବା ଦରକାର ଯେ, ସେମାନେ ଗ୍ରାହକମାନଙ୍କୁ ବ୍ୟାଗ ଆଣିବା ପାଇଁ କୁହନ୍ତୁ, ନଚେତ୍ ଜିନିଷ ଦିଅନ୍ତୁ ନାହିଁ। କରୋନା କାଳରେ ଯେମିତି ସବୁ ଦୋକାନରେ ଲେବୁଲ ମରାଯାଇଥିଲା, ମାସ୍କ ନାହିଁ ତ ଜିନିଷ ନାହିଁ। ଠିକ୍ ସେହିପରି, ବ୍ୟାଗ ନାହିଁ ତ ଜିନିଷ ନାହିଁ ଲେବୁଲ ସବୁ ଦୋକାନୀ ମାରନ୍ତୁ। ଧୀରେ ଧୀରେ ଲୋକମାନଙ୍କ ଅଭ୍ୟାସ ବଦଳାଇବାକୁ ପଡ଼ିବ, ନଚେତ ନେଡ଼ି ଗୁଡ କହୁଣିକୁ ବୋହିଯିବ।

ରାଧାନଗର, ବୌଦ୍ଧ
ମୋ:୯୯୩୮୭୫୮୩୫୩

## ପାଠକ ଶ୍ରେଷ୍ଠ ବିଚାରକ

### ନିରପେକ୍ଷ ସାମ୍ବାଦିକତା ସମାଜର କାମ୍ୟ

ମହାଶୟ,

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଶକ୍ତୀକରଣ ନିମନ୍ତେ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକାର ବିଶେଷ ଆବଶ୍ୟକ ରହିଥିବା ବେଳେ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହ ଜନସାଧାରଣଙ୍କୁ ବାସ୍ତବ ତଥ୍ୟ ପ୍ରଦାନ କରିବା ନିମନ୍ତେ ଗଣମାଧ୍ୟମର ମଧ୍ୟ ଭୂମିକା ରହିଛି । ସ୍ୱାଧୀନ ଭାରତରେ ଗଣତନ୍ତ୍ରକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରାଯାଇଛି । ସମ୍ବିଧାନର ମୁଖବନ୍ଧରେ ଭାରତକୁ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରୂପେ ଗଢ଼ିତୋଳିବା ପାଇଁ ସଂକଳ୍ପ ନିଆଯାଇଛି। ଗଣମାଧ୍ୟମକୁ ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଓ ଜାଗ୍ରତପ୍ରହରି ଭାବେ ବର୍ଣ୍ଣନା କରାଯାଇଛି। ସମାଜରେ ରାଜନୀତିର ପ୍ରଭାବ ପରିଲକ୍ଷିତ ହୋଇଥିବା ବେଳେ ଗଣମାଧ୍ୟମ ସେଥିରୁ ଦୂରେଇ ରହିବା ସମ୍ଭବ ନୁହେଁ। କିନ୍ତୁ ଅଧିକାଂଶ ଗଣମାଧ୍ୟମ ବିଭିନ୍ନ କାରଣ ଯୋଗୁ ରାଜନୀତିକୁ ଅତ୍ୟଧିକ ପ୍ରାଧାନ୍ୟ ଦେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଣମାଧ୍ୟମର ଶୈଳୀରେ ଏମିତି କିଛି ଘଟିଚାଲିଛି, ଯାହାକୁ ନେଇ ଲୋକଙ୍କର ଏହା ଉପରୁ ବିଶ୍ୱାସ କମିଯାଉଛି। ଏହା ନିୟମିତ ପାଠକ ବା ଗ୍ରାହକମାନଙ୍କ ପାଇଁ ଅସନ୍ତୋଷର କାରଣ ହୋଇଛି। ତେଣୁ ନିରପେକ୍ଷ ସାମ୍ବାଦିକତା ହିଁ ସମାଜର କାମ୍ୟ।

-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଢ଼ିଛି ଯା' ତନୁ ତବ ଅନ୍ତରର
ଜାଗ୍ରତ ସଂସ୍କାର
ଜଣାଏ ନବୀନ ତା'ରି ଉଦ୍ଦେଶ୍ୟରେ
ଶ୍ରଦ୍ଧା ନମସ୍କାର।

-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଘଟଣାସ୍ଥଳ ପରିଦର୍ଶନ କଲେ ମନ୍ତ୍ରୀ, କ୍ରାଇମବ୍ରାଞ୍ଚ ଆଇଜି

**ବେଳାଭୂମିରେ ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣା**

**ଜେଲରେ ଅଭିଯୁକ୍ତଙ୍କ ହେବ ଟିଆଇ ପରେଡ୍**

ଗୋପାଳପୁର/ବ୍ରହ୍ମପୁର,୧୮।୬ (ନବୀନରାଜ ଆଚାରୀ/ ସୁବାସ ଚନ୍ଦ୍ର ପାଢ଼ୀ)




ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳରେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି(ବାମ)। କ୍ରାଇମବ୍ରାଞ୍ଚ ଆଇଜି ସାଇନି ଏସ୍. ତଦନ୍ତ କରୁଛନ୍ତି।

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପରେ ୮ ଜଣିଆ ୨ଟି ଟିମ୍ ବ୍ରହ୍ମପୁର ପୋଲିସ ଜିଲାକୁ ଆସି ତଦନ୍ତ କରୁଛନ୍ତି। ବୁଧବାର ସେମାନେ ଘଟଣାସ୍ଥଳକୁ ଯାଇ ପ୍ରାୟ ୨ଘଣ୍ଟା ଧରି ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ତଥ୍ୟ ହାସଲ କରିଛନ୍ତି। ସେମାନେ ପୀଡ଼ିତାଙ୍କୁ ମଧ ଭେଟିଥିବା ସୂଚନା ମିଳିଛି। ଜେଲରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ସେଠାରେ ଟିଆଇ ପରେଡ଼ କରାଯିବ। ବୁଧବାର ସନ୍ଧ୍ୟାରେ ୩ ଜଣିଆ ଟିମ୍ ବ୍ରହ୍ମପୁର ଜିଲାଜଜ୍ କୋର୍ଟ ପରିସରରେ ଥିବା ସିଏସ୍‌ଆଇ ଅଫିସ ଯାଇଥିଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ଟିଆଇ ପରେଡ଼ ପାଇଁ ଗୁରୁବାର ଆବେଦନ କରାଯିବ ବୋଲି ଜଣାପଡିଛି। ସେହିପରି ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ମଧ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

ସକାଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ., ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତାଗିରଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଘଟଣା କିଭଳି ଓ କେଉଁ ପରିସ୍ଥିତିରେ ଘଟିଲା ମନ୍ତ୍ରୀ ଏସ୍‌ପିଙ୍କୁ ପଚାରିଥିଲେ। ଘଟଣାକୁ ସେ ନିନ୍ଦା କରିବା ସହ ଅତି ଅମାନବୀୟ ଓ ଲଜ୍ଜାଜନକ ବୋଲି କହିଥିଲେ । ବେଳାଭୂମି ପରିସରରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ମଧ କହିଥିଲେ। ବେଳାଭୂମି କଡରେ ରହିଥିବା ମଦ ଦୋକାନକୁ ମନ୍ତ୍ରୀ ବିରୋଧ କରିଛନ୍ତି । ବେଳାଭୂମିର ଆଲୋକୀକରଣ ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏଭଳି ଘଟଣା ଆଗାମୀ ଦିନରେ ଯେପରି ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ବେଳାଭୂମି ଉନ୍ନତୀକରଣ ପାଇଁ ୩୦ କୋଟି ଟଙ୍କା ଅନୁଦାନ ଆସିଛି ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏଥିସହ ଏହି ମାମଲାକୁ ରେଡ୍ ଫ୍ଲାଗ ଶ୍ରେଣୀଭୁକ୍ତ କରାଯାଇଛି। ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଆଇଜି ସାଇନି ଏସ୍.ଙ୍କ ନେତୃତ୍ୱରେ ତଦନ୍ତ ଟିମ୍ ବୁଧବାର ଗୋପାଳପୁରରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ ଓ ବ୍ରହ୍ମପୁର ଟାଉନ ଏସ୍‌ଡିପିଓ ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଆଇଜି ଆଲୋଚନା କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ସେ ନେଇ ତଦନ୍ତ କରିବା ସହ କେତେଜଣ ଲୋକଙ୍କୁ ପଚରାଉଚରା କରିଥିଲେ। ଗୋପାଳପୁର ଥାନା ପୋଲିସ କ୍ରାଇମବ୍ରାଞ୍ଚକୁ ମାମଲା ହସ୍ତାନ୍ତର କରଛି। ସନ୍ଧ୍ୟାରେ ଅନ୍ୟ ଏକ ଟିମ ଗୋପାଳପୁର ଥାନାରେ ପହଞ୍ଚି କାଗଜପତ୍ର ଯାଞ୍ଚ କରି ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛି।

ସୂଚନାଯୋଗ୍ୟ, ଗତ ରବିବାର ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିଲେ। ପାନ୍ଥ ନିବାସ ପଛପଟେ ସେମାନେ ବସିଥିବା ବେଳେ ୧୦ ଜଣ ଯୁବକ ସେଠାରେ ପହଞ୍ଚି ଉଭୟଙ୍କୁ ଭୟଭୀତ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୬/୨୫ରେ ଘଟଣାର ତଦନ୍ତ କରି ୪ ନାବାଳକଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ମାର୍କେଟ୍ କମ୍ପ୍ଲେକ୍ସରେ ଯୁବକଙ୍କୁ ହତ୍ୟା

**ରେଷ୍ଟୁରାଣ୍ଟ ବାହାରୁ ମୃତଦେହ ଜବତ କଲା ପୋଲିସ**

କଟକ,୧୮।୬(କାର୍ତ୍ତିକ ସାହୁ)

କଟକ ବକ୍ସିବଜାରସ୍ଥିତ ସିଡିଏ ମାର୍କେଟ କମ୍ପ୍ଲେକ୍ସରେ ଏକ ହତ୍ୟାକାଣ୍ଡ ଘଟିଛି। କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ବୁଧବାର ମାର୍କେଟ କମ୍ପ୍ଲେକ୍ସର ଏକ ରେଷ୍ଟୁରାଣ୍ଟ ବାହାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କଟକ ଶଙ୍କରପୁର ଅଞ୍ଚଳର ଅଶୋକ ବାରିକ (୫୦)। ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲକୁ ପଠାଇଛି। ଅଶୋକଙ୍କୁ ହତ୍ୟା କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଇ ବାବୁନ ଖଟୁଆ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଜଣାଯାଇଛି।

ସୂଚନାନୁସାରେ, ଅଶୋକ ପ୍ରତିଦିନ ପରି ମଙ୍ଗଳବାର ରାତିରେ ମାର୍କେଟ କମ୍ପ୍ଲେକ୍ସରେ ଶୋଇଥିଲେ। କମ୍ପ୍ଲେକ୍ସରେ ବ୍ୟବସାୟ କରୁଥିବା ଲୋକମାନେ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳୁ ମାର୍କେଟ କମ୍ପ୍ଲେକ୍ସରେ ବ୍ୟବସାୟ କରିବାକୁ ଲୋକମାନେ ଆସିବା ପରେ ଅଶୋକଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଛାନଭିନ୍ କରିଛି। ସ୍ଥାନୀୟ ବ୍ୟବସାୟୀ ଦିଲ୍ଲୀପ କୁମାରଙ୍କ କହିବାନୁସାରେ, ଅଶୋକ ଜଣେ ଭଲ ଲୋକ। ତାଙ୍କୁ କିଏ, କେଉଁ କାରଣରୁ ହତ୍ୟା କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇଆଇସି ଯତୀନ୍ଦ୍ର ନାଥ ସେଠୀଙ୍କ କହିବାନୁସାରେ, ମୃତକଙ୍କ ସମ୍ପର୍କୀୟ ଭାଇଙ୍କ ଏତଲାକ୍ରମେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡ କାରଣ ସମ୍ପର୍କରେ ଏଯାଏ କିଛି ସ୍ପଷ୍ଟ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ତନଖ ଜାରି ରଖିଛି। ସିସିଟିଭି ଯାଞ୍ଚ କରାଯାଉ ଖୁବଶୀଘ୍ର ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ୫ ସନ୍ଦିଗ୍ଧଙ୍କ ଫଟୋ ଛାଡ଼ିଲା ପୋଲିସ

**ବ୍ୟାଙ୍କରୁ ଡକାୟତି ଘଟଣା**

**ଧରାଇବାରେ ସହଯୋଗକଲେ ୫୦ ହଜାର ଟଙ୍କା ପୁରସ୍କାର**

ଯୋଡ଼ା,୧୮।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ମୁଖ୍ୟ ରାସ୍ତାକଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ପୋଲିସ ତନାଘନା ଜାରି ରଖିଛି। କୌଣସି ସୁରାକ ନ ପାଇବା ପରେ ପୋଲିସ ସନ୍ଦିଗ୍ଧ ଅପରାଧୀଙ୍କୁ ଚିହ୍ନଟ ପାଇଁ ସିସିଟିଭି କ୍ୟାମେରାରେ କଏଦ ଫଟୋଚିତ୍ର ସାଧାରଣରେ ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ଧରାଇବାରେ ସହଯୋଗ କଲେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛି।

ପ୍ରକାଶ ଯେ, ଗତ ୧୨ ତାରିଖରେ ଯୋଡ଼ା ସହରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ପୂର୍ବାହ୍ନ ୧୦ଟାରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୧୧ ଲକ୍ଷ ଟଙ୍କା ଓ ୨ କେଜି ୭ ଗ୍ରାମ୍ ସୁନା ଲୁଟି ନେଇଯାଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ହେଁ ଲୁଟେରାଙ୍କ କୌଣସି ସୁରାକ ପାଇପାରିନାହିଁ। ଫଳରେ ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନେଇ ପୋଲିସ ୫ ଅଭିଯୁକ୍ତଙ୍କ ସିସିଟିଭିରୁ ସଂଗୃହୀତ ଫଟୋ ଜାରିକରିଛି। ଗତ କିଛିଦିନ ଭିତରେ ଯୋଡ଼ା ସହରକୁ ବିହାର, ଝାଡ଼ଖଣ୍ଡ



ପୋଲିସ ଦ୍ୱାରା ଜାରି ସନ୍ଦିଗ୍ଧଙ୍କ ଫଟୋ।

ରାଜ୍ୟ ତଥା ଗଞ୍ଜାମ ଜିଲାରୁ ଲୋକ କାହା ଘରେ, ହୋଟେଲ, ଗ୍ୟାରେଜ ଓ ରାଜମିସ୍ତ୍ରି ଭାବେ କାମକରି ପଳାଇଯାଇଛନ୍ତି କି, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଘଟଣା ଘଟିବାର ୫ରୁ ୬ ଦିନ ମଧ୍ୟରେ ଦେଖିଛନ୍ତି କି, ଏ ନେଇ କୌଣସି ସୂଚନା ଥିଲେ ନାମ ଗୋପନରେ ରଖି ଠିକ୍ ଖବର ପ୍ରଦାନକରି ସହଯୋଗ କରିବାକୁ ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଯୋଡ଼ାରେ ବ୍ୟାଙ୍କ ଡକାୟତି ପରେ ଚମ୍ପୁଆଠାରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୨ ଲକ୍ଷ ଟଙ୍କା ଲୁଟ୍‌କରି ନେଇଥିଲେ। ପୋଲିସର ଦୁର୍ବଳତାର ସୁଯୋଗ ନେଇ ଯୋଡ଼ା ସହରରେ ଦିନକୁ ଦିନ ଚୋରି, ଡକାୟତି, ଲୁଟ, ରାହାଜାନି, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଅନ୍ତଃ ରାଜ୍ୟ ଗ୍ୟାଙ୍ଗ୍ ସହର ତଥା ଖଣି ଅଞ୍ଚଳରେ ସକ୍ରିୟ ହୋଇପଡ଼ିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ପାରିବାରିକ କଳହରୁ ସ୍ୱାମୀଙ୍କୁ ହତ୍ୟା

ଧରାକୋଟ,୧୮।୬(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ ମଙ୍ଗଳବାର ରାତିରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। କୌଣସି କଥାକୁ ନେଇ ସ୍ତ୍ରୀ ଶ୍ୱାସରୁଦ୍ଧକରି ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମୁଣ୍ଡମରାଇର ଅମର ନାଇକ(୪୦)। ଅଭିଯୁକ୍ତା ସ୍ତ୍ରୀ ଅଞ୍ଜନା ନାଇକଙ୍କୁ ଗିରଫ ପରେ ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି।

ଅମର ଓ ତାଙ୍କ ସ୍ତ୍ରୀ ଅଞ୍ଜନାଙ୍କ ମଧ୍ୟରେ ପାରିବାରିକ ସମସ୍ୟାକୁ ନେଇ ସବୁବେଳେ ଝଗଡ଼ା ଲାଗିରହୁଥିଲା। ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଅଞ୍ଜନା ଉତ୍ତ୍ୟକ୍ତ ହୋଇ ସ୍ୱାମୀ ଅମରଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ବୁଧବାର ଅମରଙ୍କ ବଡ଼ଭାଇ ଚୁନା ନାଇକ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ

ବାରିପଦା,୧୮।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାରର କରାଯାଇଛି। ପୀଡ଼ିତାଙ୍କ ସ୍ୱାମୀଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୨୬/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ମହିଳା ଜଣକ ଘରେ ଶୋଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଟେକି ନେଇ ଜଣଙ୍କ ଘରେ ଗଣ ବଳାତ୍କାର କରିବା ପରେ ସେଠାରୁ ପଳାଇଥିଲେ। ମହିଳା ଜଣକ କୌଣସି ପ୍ରକାରେ ସେଠାରୁ ଘରକୁ ଆସି ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ଫେରାର ଥିବାବେଳେ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ କହିଛନ୍ତି।

## Business

# ଜିଏସ୍‌ଡିପିରେ ନିର୍ମାଣ କ୍ଷେତ୍ରର ଯୋଗଦାନ ୩୬%

**ଆସୋଚାମ ପକ୍ଷରୁ ଓଏମ୍‌ସିର ୨ୟ ସଂସ୍କରଣ**

ଭୁବନେଶ୍ୱର,୧୮।୬: (ଅଭୟ ଦାଶ)



ଆସୋଚାମ୍ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଆୟୋଜିତ ଓଡ଼ିଶା ମାନୁଫ୍ୟାକ୍‌ଚରିଂ କନ୍‌କ୍ଲେଭ-୨୦୨୫ (ଓଏମ୍‌ସି)ର ୨ୟ ସଂସ୍କରଣ ବୁଧବାର ଭୁବନେଶ୍ୱରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ 'ଏଆଇ-ଡ୍ରିଭେନ ମାନୁଫ୍ୟାକ୍ଚରିଂ: ଇନୋଭେଶନ,ଏଫିସିଏନ୍ସି ଆଣ୍ଡ ସଷ୍ଟେନେବୁଲ ଗ୍ରୋଥ୍'ଶୀର୍ଷକ ବିଷୟବସ୍ତୁ ରହିଛି। ଏହି ସମ୍ମିଳନୀରେ ଏକ ଭବିଷ୍ୟତ ପ୍ରସ୍ତୁତ ଉତ୍ପାଦନ କେନ୍ଦ୍ରରେ ପରିଣତ ହେବା ପାଇଁ ଓଡ଼ିଶାର ରୋଡ୍‌ମ୍ୟାପ୍ ସମ୍ପର୍କରେ ଆଲୋଚନା କରିବା ପାଇଁ ଇଣ୍ଡଷ୍ଟ୍ରି ଲିଡର, ନୀତି ନିର୍ମାତା, ବୈଷୟିକ କ୍ଷେତ୍ରରେ ପ୍ରବର୍ତ୍ତକ ଓ ଶିକ୍ଷାନୁଷ୍ଠାନଗୁଡିକ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉଲ୍ଲେଖ କରିଥିଲେ, ବର୍ତ୍ତମାନ ନିର୍ମାଣ କ୍ଷେତ୍ର ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ରେ ୩୬% ଯୋଗଦାନ ଦେଉଥିବା ବେଳେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରର ମିଳିତ ଯୋଗଦାନ ୫୩% ରହିଛି। ତେବେ ଏହି ମିଳିତ ଅଂଶକୁ ଆହୁରି ବୃଦ୍ଧି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଶୀର୍ଷ ପ୍ରାଥମିକତା ଭାବେ ବଜାୟ ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହେମନ୍ତ ଶର୍ମା ପ୍ରିମସ ପାର୍ଟନର୍ସ ସହ ସହଭାଗିତାରେ ଆସୋଚାମ ଷ୍ଟଡି ପେପରର ଉନ୍ମୋଚନ କରିଥିଲେ। ଏହି ଅବସରରେ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ରେଡ୍ଡୀ, ଆସୋଚାମ ଓଡ଼ିଶା ରାଜ୍ୟ ଉତ୍ପାଦନ ପରିଷଦର ଅଧ୍ୟକ୍ଷ ଶଶି ଶେଖର ମହାନ୍ତି, ଖଣି ଓ ଇସ୍ପାତ ପରିଷଦର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ସିଏସ୍‌ଆର୍ ଓ ସ୍ଥାୟିତ୍ୱ ପରିଷଦର ଅଧ୍ୟକ୍ଷ ପ୍ରଶାନ୍ତ ହୋତା ଏବଂ ପ୍ରିମସ ପାର୍ଟନର୍ସ ଇଣ୍ଡିଆର ବରିଷ୍ଠ ପରାମର୍ଶଦାତା ଭାରତ ଦୁରେଜା ପ୍ରମୁଖ ସାମିଲ ଥିଲେ।

ସେହିଭଳି ଆସୋଚାମ୍ ଓଡ଼ିଶା ରାଜ୍ୟ ବିକାଶ ପରିଷଦର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଆଭିମୁଖ୍ୟକୁପ୍ରଶଂସା କରିଥିଲେ। ଓଡ଼ିଶାରେ ସ୍ମାର୍ଟ ଓ ସ୍ଥାୟୀ ନିର୍ମାଣକୁ ସକ୍ଷମ କରିବା ପାଇଁ ସରକାର, ଶିଳ୍ପ ଓ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ମଜବୁତ ସହଯୋଗିତା ପାଇଁ ଆହ୍ୱାନ ଦେଇଥିଲେ।ସେହିପରି ପୂର୍ବ ଏବଂ ଉତ୍ତରପୂର୍ବ ଭାରତର ବ୍ରିଟିଶ ଡେପୁଟି ହାଇକମିଶନର ଆଣ୍ଡ୍ରୁ ଫ୍ଲେମିଂ କହିଛନ୍ତି, ଭାରତ ଏବଂ ବ୍ରିଟେନ ଶିଳ୍ପାୟନ ଓ ଉଦ୍ଭାବନର ଏକ ସମୃଦ୍ଧ ଇତିହାସର ଅଂଶୀଦାର ଅଟନ୍ତି। ଏହି ଅବସରରେ ଦୁଇଟି ପ୍ରମୁଖ ପୂର୍ଣ୍ଣାଙ୍ଗ ଅଧିବେଶନର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବରିଷ୍ଠ ସରକାରୀ ଓ ଘରୋଇ ଅଧିକାରୀ, ଶିଳ୍ପର ବିଶିଷ୍ଟ ବ୍ୟକ୍ତି, ଟେକ୍ନୋଲୋଜି ଲିଡର, ଅନ୍ତର୍ଜାତୀୟ ପ୍ରତିନିଧି ଓ ଅନ୍ୟମାନେ ଯୋଗଦେଇଥିଲେ। ପରିଶେଷରେ ଆସୋଚାମ୍ ପୂର୍ବ ଓ ଉତ୍ତରପୂର୍ବର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦର ଜିତ କୌର ଧନ୍ୟବାଦ ଅର୍ପଣ କରିଥିଲେ।


# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୮।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୯ (୧୩୮.୬୪) ପଏଣ୍ଟ ହ୍ରାସ ଘଟି ୮୧,୪୪୫ (୮୧,୪୪୪.୬୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ ୪୧ (୪୧.୩୫) ପଏଣ୍ଟ କମି ୨୪,୮୧୨ (୨୪,୮୧୨.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ ହ୍ରାସ ଘଟିଛି।

# କୋଲ୍ ଇଣ୍ଡିଆରେ ସ୍ୱଚ୍ଛତା ପଖୱାଡା

ଭୁବନେଶ୍ୱର,୧୮।୬



ପି.ଏମ୍. ପ୍ରସାଦ

ପ୍ରତିବର୍ଷଭଳି ଚଳିତବର୍ଷ ମଧ କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ପରିସରରେ 'ସ୍ୱଚ୍ଛତା ପଖୱାଡା-୨୦୨୫' ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏପରିକି କୋଲକାତାସ୍ଥିତ ସିଆଇଏଲ୍‌ର କର୍ପୋରେଟ୍ ମୁଖ୍ୟାଳୟଠାରେ ସ୍ୱଚ୍ଛତା ପଖୱାଡା-୨୦୨୫ର ଶୁଭାରମ୍ଭ ଅବସରରେ ସିଆଇଏଲ୍‌ର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ପ୍ରତିଜ୍ଞା ପ୍ରଦାନ କରାଇଥିଲେ। ଏହି ଅବସରରେ ସିଆଇଏଲ୍‌ର ନିର୍ଦ୍ଦେଶକ(ଅର୍ଥ) ମୁକେଶ ଅଗ୍ରୱାଲ, ନିର୍ଦ୍ଦେଶକ (ବୈଷୟିକ) ଅଚ୍ୟୁତ ଘଟକଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟନିର୍ବାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମ (ସ୍ୱଚ୍ଛତା ପଖୱାଡା) ୨୦୨୫ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି ସ୍ୱଚ୍ଛତା ସମସ୍ତଙ୍କର ବ୍ୟବସାୟ। ଏହି ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱଚ୍ଛତା ଏକ ସାମୂହିକ ଦାୟିତ୍ୱ ଏବଂ ସମାଜର ସମସ୍ତ ବର୍ଗର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥାଏ। ସେହିପରି ଏହି ଅବଧି ସମୟ ମଧ୍ୟରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ଅଭିଯାନ, ରଥ ମେଳା ସ୍ଥାନରେ ଡଷ୍ଟବିନ୍ ବଣ୍ଟନ, ଆବାସିକ କଲୋନି ଏବଂ ଜଳାଶୟ ସଫା କରିବା ଭଳି ଅନେକ କାର୍ଯ୍ୟକ୍ରମ ଯୋଜନା କରାଯାଇଛି। ବିଶେଷକରି ଏହି ଅବସରକୁ ପାଳନ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିବା ନିମନ୍ତେ ଏକ ଇ-ଆବର୍ଜନା ସଂଗ୍ରହ କିଓସ୍କ ଏବଂ ଏକ କପଡ଼ା ଦାନ କିଓସ୍କ ସ୍ଥାପନ କରାଯାଇଛି।

# ଟ୍ରାଇ ଡ୍ରାଇଭ ଟେଷ୍ଟରେ ଜିଓ ଅଗ୍ରଣୀ

ଭୁବନେଶ୍ୱର,୧୮।୬

ରିଲାଏନ୍ସ ଜିଓକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜିଓ ଓଡ଼ିଶା ବଜାରରେ ସର୍ବାଧିକ ହାରାହାରି ଡାଉନ୍‌ଲୋଡ୍ ସ୍ପିଡ୍ ହାସଲ କରିଛି। ବିଶେଷକରି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ଡ୍ରାଇଭ୍ ଟେଷ୍ଟରେ ଜିଓ ଅଗ୍ରଣୀ ବା ଶ୍ରେଷ୍ଠ ସ୍ଥାନ ହାସଲ କରିଛି। ଟ୍ରାଇ ଦ୍ୱାରା ୨୦୨୫ ଏପ୍ରିଲ ମାସ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ ପରୀକ୍ଷଣ (ଆଇଡିଟି) ଫଳାଫଳ ଅନୁଯାୟୀ ରିଲାଏନ୍ସ ଜିଓ କଟକ ସହରରେ ବେଶ୍ ପ୍ରଭାବଶାଳୀ ନେଟ୍‌ୱର୍କ ପ୍ରଦର୍ଶନ କରିଛି। ଟ୍ରାଇର ନିୟମିତ ସେବା ଗୁଣବତ୍ତା ଅଡିଟ୍‌ର ଏକ ଅଂଶ ଭାବେ ଏହି ଡ୍ରାଇଭ୍ ପରୀକ୍ଷଣ ୨୦୨୫ ଏପ୍ରିଲ ୧୫ରୁ ୧୮ପର୍ଯ୍ୟନ୍ତ ଓଡ଼ିଶା ସେବା କ୍ଷେତ୍ରର କଟକ ସହରରେ କରାଯାଇଥିଲା, ଯେଉଁଥିରେ ମୋଟ ୩୩୧.୪ କିଲୋମିଟର ଡ୍ରାଇଭ୍ ସହିତ ରିଅଲ୍-ଟାଇମ୍ ନେଟ୍‌ୱର୍କ ପ୍ରଦର୍ଶନ ମୂଲ୍ୟାଙ୍କନ କରାଯାଇଥିଲା। ସେହିପରି କଟକ ସହରରେ ଡାଟା ସେବା ପାଇଁ କରାଯାଇଥିବା ପରୀକ୍ଷଣରେ ଜିଓ ଏହାର ନେଟ୍‌ୱର୍କର ପ୍ରାଧାନ୍ୟ ପ୍ରମାଣିତକରି ସର୍ବାଧିକ ୨୩୩.୪୬ ଏମ୍‌ବିପିଏସ୍ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ କରିବା ସହ ୨୪.୦୪ ଏମ୍‌ବିପିଏସ୍‌ର ଦୃଢ଼ ଅପ୍‌ଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଥିବା ଏହି ରିପୋର୍ଟରୁ ଜଣାପଡିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ପ୍ରାୟ ୨ଗୁଣ ଅଧିକ ରହିଥିଲାବେଳେ ବ୍ୟସ୍ତବହୁଳ ହଟ୍‌ସ୍ପଟ୍‌ଗୁଡ଼ିକରେ ମଧ ଜିଓର ୫ଜି ଡାଉନଲୋଡ୍ ସ୍ପିଡ୍ ୧୦୨.୦୯ ଏମ୍‌ବିପିଏସ୍ ରହିଥିଲା, ଯାହା ଷ୍ଟ୍ରିମିଂ, ଭିଡିଓ କନଫରେନ୍ସିଂ ଏବଂ ରିଅଲ୍-ଟାଇମ୍ ଆପ୍ଲିକେଶନ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ସଂଯୋଗ ସୁନିଶ୍ଚିତ କରିଥିଲା।

# ୨୦ରୁ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ

ଭୁବନେଶ୍ୱର,୧୮।୬

ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆ (ଜିଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଏକ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଚଳିତ ବର୍ଷ ଜିଏସ୍‌ଆଇର ତତ୍ତ୍ୱାବଧାନରେ ଜାତୀୟ ବାର୍ଷିକ ମଧ୍ୟକାଳୀନ ସମ୍ମିଳନୀ ଜିଏସ୍‌ଆଇସିଓନ ପୂର୍ବ ଜୋନାଲ ଏବଂ ଦ୍ୱିତୀୟ ବାର୍ଷିକ ଜିଏସ୍‌ଆଇ ଓଡ଼ିଶା ରାଜ୍ୟ ସମ୍ମିଳନୀ-୨୦୨୫ ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ହେବାକୁ ଯାଉଛି। ଏହି ଅବସରରେ ଜିଏସ୍‌ଆଇ ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ଏକ ଉଲ୍ଲେଖନୀୟ ଦୃଷ୍ଟିକୋଣ ଏବଂ ସଠିକତା ସହ ଆୟୋଜିତ ହେଉଛି। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି ଜେରିଆଟ୍ରିକ୍ ଯତ୍ନ: ଗବେଷଣାରୁ ଅଭ୍ୟାସ ପର୍ଯ୍ୟନ୍ତ। ଯାହା ନିଜେ ଜ୍ଞାନକୁ ଅଭ୍ୟାସରେ ପ୍ରୟୋଗ କରିବା ଏବଂ ମୂଳ ପର୍ଯ୍ୟନ୍ତ ପହଞ୍ଚିବାର ଗୁରୁତ୍ୱ ବିଷୟରେ କହିଥାଏ। ଏହି ସମ୍ମିଳନୀ ବୟସ୍କ ଜନସଂଖ୍ୟାରେ ଦ୍ରୁତବୃଦ୍ଧି ସହ ଓଡ଼ିଶା ଏବଂ ଭାରତରେ ଜେରିଆଟ୍ରିକ୍ ଯତ୍ନର ସ୍ତରକୁ ପୁନଃ ଆକୃତି ଦେବାରେ ସାହାଯ୍ୟ କରିବ। ଏହି ସମ୍ମିଳନୀ ଗବେଷଣା କାର୍ଯ୍ୟ ଏବଂ କ୍ଲିନିକାଲ୍ ଅଭିଜ୍ଞତା ବାଣ୍ଟିବା ପାଇଁ ଏକ ପରିବର୍ତ୍ତନଶୀଳ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଯାହା ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଉଦ୍ଭାବକମାନଙ୍କୁ ଏକତ୍ର କରିବ। ସେହିଭଳି ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଅଡିଟୋରିୟମଠାରେ ୨୦୨୫ ଜୁନ୍ ୨୦ରୁ ୨୨ ଜୁନ୍ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଏହି ବୈଜ୍ଞାନିକ ଅଧିବେଶନରେ ସାରା ଭାରତରୁ ପ୍ରାୟ ୫୦୦ଜଣ ଡାକ୍ତର, ପାରାମେଡିକ୍ସ, ନର୍ସ, ଡାଏଟିସିଆନ୍ ସାମିଲ ହେବେ।

# କେଭିଆଇସି ପକ୍ଷରୁ ୯୦୬ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୧୮।୬




ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପକ୍ଷରୁ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ଦେଶବ୍ୟାପୀ ୯୦୬ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଏହି ଋଣ ବିପକ୍ଷରେ ୧୧,୪୮୦ ସେବା କ୍ଷେତ୍ର ହିତାଧିକାରୀମାନଙ୍କୁ ୩୦୦ କୋଟି ଟଙ୍କାର ମାର୍ଜିନ୍ ମନି ସବ୍‌ସିଡି ଆକାରରେ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ରାଜଘାଟ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ଆଭାସି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ସବ୍‌ସିଡି ଅର୍ଥ ପ୍ରଦାନ କରିଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରୂପ ରାଶିଙ୍କ ସମେତ କେନ୍ଦ୍ରୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାମାନେ ଉପସ୍ଥିତ ଥିଲେ। ସେହିଭଳି ଦେଶର ସମସ୍ତ ୬ଟି ଜୋନ୍ ଏହି ବଣ୍ଟନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ଜୋନ୍ (ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରାଖଣ୍ଡ) ଅଧୀନରେ ମୋଟ ୨୪୦୩ଟି ପ୍ରକଳ୍ପ ପାଇଁ ୭୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି। ଏହା ପାଇଁ ମୋଟ ୨୧୮ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ପୂର୍ବ ଜୋନ୍ (ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ଏବଂ ନିକୋବର ଦୀପପୁଞ୍ଜ) ଅଧୀନରେ ୯୯୬ଟି ପ୍ରକଳ୍ପ ପାଇଁ ୨୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥିଲାବେଳେ ଋଣ ମଞ୍ଜୁର ପ୍ରାୟ ୭୧ କୋଟି ଟଙ୍କା ଥିଲା।

# ଯାହା ଭାବୁଥିଲେ ଅଭିଷେକ..



'ଭାବାନ୍ତର' ଫିଲ୍ମରେ (ବାମରୁ)ସରୋଜ, ସୂର୍ଯ୍ୟମୟୀ, ଅଭିଷେକ

**ବେ**ଳେବେଳେ ମଣିଷ ଯାହା ଚିନ୍ତା କରିଥାଏ, ତାହା ସତରେ ପରିଣତ ହୋଇଥାଏ। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ବର୍ତ୍ତମାନ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ସଫଳତାର ସହ ପ୍ରଦର୍ଶିତ ହେଉଛି ଓଡ଼ିଆ ସିନେମା 'ଭାବାନ୍ତର'। ଫିଲ୍ମଟି ହିଟ୍ ହେବ ବୋଲି ଆକଳନ କରିଥିଲେ ଏଥିରେ ନାୟକ ଭୂମିକାରେ ଅଭିନୟ କରିଥିବା ଅଭିଷେକ ଗିରି, ଯାହା ସତରେ ପରିଣତ ହୋଇଛି। ଏ ବିଷୟରେ ସେ କହନ୍ତି, ''ଶୁଟିଂ ସମୟରେ ମୋ ମନକୁ ଏକଥା ଆସିଥିଲା ଯେ ଅନନ୍ତ ମହାପାତ୍ରଙ୍କ ଭଳି ବିଶିଷ୍ଟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନା ବଡ ପରଦାରେ ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଆଉ ଫିଲ୍ମଟି ରିଲିଜ ହେବା ପରେ ତାହା ସତ ହୋଇଛି। ତାଙ୍କ ଭଳି ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ।'' ଏହାର ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ।

# ଭୁଲନ୍ତି ନାହିଁ ବାଣୀ



ବାଣୀ

**ବା**ଣୀ କପୁର ଏବେ ଅଭିନୟ ସହ ଜଡିତ। ହେଲେ ତାଙ୍କୁ ଯେତେବେଳେ ଅବସର ମିଳେ ସେ ଗୋଟିଏ କଥା ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ବାସ୍କେଟବଲ ଖେଳିବା। ପାଠ ପଢ଼ିବା ସମୟରେ ସେ ଏହି ଖେଳ ସହ ଜଡିତ ଥିଲେ। ଏପରି କି ସେ ଜଣେ ଜାତୀୟ ସ୍ତରୀୟ ବାସ୍କେଟବଲ ଖେଳାଳି। ଏ ବିଷୟରେ ବାଣୀ କହନ୍ତି, ''ପାଠ ପଢ଼ିବା ବେଳେ ମୁଁ ବାସ୍କେଟବଲ୍ ପ୍ରତି ଆକର୍ଷିତ ହୋଇଥିଲି। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଅଭ୍ୟାସ କରିବାର ସୁଫଳ ମୋତେ ମିଳିଥିଲା। କାରଣ ମୁଁ ଜାତୀୟ ସ୍ତରରେ ବାସ୍କେଟବଲ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲି। ଏବେ ସମୟ ମିଳିଲେ ମୁଁ ନିଜକୁ ଏହା ସହ ନିୟୋଜିତ ରଖିଥାଏ।'' ଅଭିନୟ ପୂର୍ବରୁ ସେ ମଧ୍ୟ ମଡେଲିଂ ସହ ଜଡିତ ଥିଲେ। ଛୋଟ ପରଦାରେ ମୁହଁ ଦେଖାଇବା ପରେ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ, ଯାହାଙ୍କ ଅପୋଜିଟ୍‌ରେ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ସବୁବେଳେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହିଥାଆନ୍ତି।

# ଦିଲ୍ ନା ଲଗେ...

**ବ**ଲିଉଡ୍‌ର ଲୋକପ୍ରିୟ ଟାଇମ୍ସ ଅଡିଓରେ ନିକଟରେ ମୁକ୍ତିଲାଭ କରିଛି ହିନ୍ଦୀ ମ୍ୟୁଜିକ ଭିଡିଓ 'ଦିଲ୍ ନା ଲଗେ..'। ଏଥିରେ ଓଡ଼ିଆ ଅଭିନେତା ରାକେଶ ଦେଓ ଓ ଅଭିନେତ୍ରୀ ସ୍ୱପ୍ନା ପତି ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ ଏହାର ନିର୍ଦ୍ଦେଶକ ଓ ପ୍ରଯୋଜକ ମଧ୍ୟ ଓଡ଼ିଆ। ଏଥିରେ ଉଭୟ ବଲିଉଡ୍ ଏବଂ ଓଲିଉଡ୍‌ର ଗୋଟିଏ ଲେଖାଏଁ ଟିମ୍ କାମ କରିଛନ୍ତି। ସୁଦୀପ ଜେନାଙ୍କ ସ୍ୱର ସଂଯୋଜନାରେ ହିନ୍ଦୀ ଚଳଚ୍ଚିତ୍ରର ଜଣାଶୁଣା ଗାୟିକା ପ୍ରତୀକ୍ଷା ବଶିଷ୍ଠ ଏଥିରେ କଣ୍ଠଦାନ କରିଛନ୍ତି। ମୁମ୍ବାଇର ଆର୍ ଆଣ୍ଡ ବି ଷ୍ଟୁଡିଓରେ ଏହାକୁ ରେକର୍ଡ କରାଯାଇଛି। ଅପରପକ୍ଷରେ ଓଲିଉଡ୍ ଟିମ୍‌ର ନେତୃତ୍ୱ ନେଇଛନ୍ତି ବଲିଉଡ୍‌ରେ ଅବସ୍ଥାପିତ ଓଡ଼ିଆ ପ୍ରଯୋଜକ ରାଜେଶ କୁମାର ମହାନ୍ତି। ଏସ୍‌ଆର୍ ଏଣ୍ଟରପ୍ରାଇଜର୍ସ ଓ ଟାଇମ୍ସ ଅଡିଓ ନିବେଦିତ ଏହି ମ୍ୟୁଜିକ ଭିଡିଓର ନିର୍ଦ୍ଦେଶକ ଅଛନ୍ତି ସଞ୍ଜୟ କୁମାର ସାହୁ। ସେ ଏହାର ନୃତ୍ୟ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଭୁବନେଶ୍ୱର ଓ ପୁରୀରେ ଏହାର ଶୁଟିଂ ହୋଇଛି।

# ଆସ୍ୱା ରାଓର ମନ କଥା

**ଖୁ**ବ୍‌ଶୀଘ୍ର ବଡ ପରଦାରେ ଆସ୍ୱା ରାଓ ନିଜର ମନ କଥା କହିବ। ଏଭଳି ଏକ ଚରିତ୍ର ପଛରେ କ'ଣ ରହସ୍ୟ ରହିଛି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ। ହଁ, ଏପରି ଏକ ରୋଲ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି ସୋସିଆଲ ମିଡିଆର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପ୍ରୀତିରଞ୍ଜନ ପ୍ରଧାନ। ଆଉ ଚଳଚ୍ଚିତ୍ରଟି ହେଲା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଲଢ଼େଇ'। ଅବଶ୍ୟ ଏହା ତାଙ୍କ ଅଭିନୀତ ପ୍ରଥମ ସିନେମା ନୁହେଁ। ତେବେ ଏଭଳି ଏକ ଭୂମିକା ବିଷୟରେ ସେ କହନ୍ତି, ''ଏହି ଚରିତ୍ର ପଛରେ ଅନେକ କଥା ଲୁଚି ରହିଛି। ତେଣୁ ଏବେଠାରୁ ମୁଁ ତାହାକୁ ସାମ୍ନାକୁ ଆଣିବାକୁ ଚାହୁଁନାହିଁ। ବର୍ତ୍ତମାନ ସୁଦ୍ଧା ମୋତେ ଯେତେ ଭୂମିକା ମିଳିଛି ତନ୍ମଧ୍ୟରୁ ଆସ୍ୱା ରାଓ ହେଉଛି ଭିନ୍ନ ଧରଣର। ଯେତେବେଳେ ମୁଁ ଏହି ରୋଲ୍ ବିଷୟରେ ଅବଗତ ହେଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ପେସାରେ ଜଣେ ଖେଳ ଶିକ୍ଷକ, ହେଲେ ଅଭିନୟ ମାୟାରେ ସେ ପିଲାଟି ଦିନରୁ ପଡିଯାଇଛନ୍ତି। ବଡ ପରଦାରେ ସୁଯୋଗ ପାଇବା ପୂର୍ବରୁ ସେ ଅନେକ ଥିଏଟର ନାଟକରେ ଅଭିନୟ କରିସାରିଛନ୍ତି। ଖାସ୍ କଥା ହେଲା, ନିଜର ହୋମ୍ ବ୍ୟାନରରେ ଏଥର ନାୟକ ସାଜୁଛନ୍ତି ଲୋହିତାକ୍ଷ ପଟ୍ଟନାୟକ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଅଭିଲିପ୍ସା। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ଭରଦ୍ୱାଜ ପଣ୍ଡା ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଏବଂ ସୋମେଶ ଶତପଥୀ। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



'ଲଢ଼େଇ' ଫିଲ୍ମରେ ପ୍ରୀତିରଞ୍ଜନ

# ନାମକରଣ ଅନ୍ତରାଳେ

**କି**ଆରା ଆଡ୍‌ଭାନୀ ଇତିମଧ୍ୟରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ହେଲେ ଦିନେ ସେ ଯେ ଅଭିନେତ୍ରୀ ସାଜିବେ ଏକଥା କେବେ କଳ୍ପନା କରି ନ ଥିଲେ। ପ୍ରଥମେ ସେ ଏକ ସ୍କୁଲରେ ଶିକ୍ଷକତା କରୁଥିଲେ। ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଥିବା ଏହି ଅଭିନେତ୍ରୀଙ୍କ ଅଭିନୀତ ପ୍ରଥମ ସିନେମା ହେଲା 'ଫୁଗଲି' (୨୦୧୪)। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ୱାର ୨' ଆସନ୍ତା ମାସ ୧୪ରେ ରିଲିଜ ହେବାକୁ ଯାଉଛି। ତେବେ କିଆରା ହେଉଛି ତାଙ୍କର ସ୍କ୍ରିନ୍ ନେମ୍। ହେଲେ ଏହି ନାମକରଣ ପଛରେ ଏକ ରହସ୍ୟ ଲୁଚି ରହିଛି। ତାଙ୍କର ପ୍ରକୃତ ନାମ ଥିଲା ଆଲିୟା। ହେଲେ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ନିଜ ନାମକୁ ବଦଳାଇବାକୁ ଚାହିଁଥିଲେ। ତେବେ ଏ ସମ୍ପର୍କରେ ସେ କହନ୍ତି, ''ମୁଁ ଯେତେବେଳେ ମୋର ଏକ କ୍ୟାଚି ସ୍କ୍ରିନ୍ ନେମ୍ ଦେବାକୁ ଚାହିଁଲି ସେତେବେଳେ ଗୋଟିଏ କଥା ମୋତେ ବେଶ୍ ଅନୁପ୍ରାଣିତ କରିଥିଲା। ପ୍ରିୟଙ୍କା ଚୋପ୍ରା ଅଭିନୟ କରିଥିବା 'ଅଞ୍ଜାନା ଅଞ୍ଜାନୀ'ରେ ତାଙ୍କର ଭୂମିକାଟିର ନାମ ଥିଲା କିଆରା। ବାସ୍, ଏକଥା ମୋ ମନକୁ ଆସିବା ପରେ ମୁଁ ନିଜ ସ୍କ୍ରିନ୍ ନେମ କିଆରା ରଖିଥିଲି।''



କିଆରା

# ସମାଧାନର ବାଟ ଖୋଜାଯାଉ

**ଓ**ଡ଼ିଆ ସିନେମାକୁ ୯୦ ବର୍ଷ ହେଲା। ଆମେ ଚାଲି ନ ଜାଣି ବାଟର ଦୋଷ ଦେଇ କେବଳ ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ ହେଉ ବୋଲି ମନ୍ତବ୍ୟ ଦେଉଛେ। ଆମେ କେବଳ ଆଶାରେ ମନ ଦମ୍ଭ କରି ରହୁଛେ। ୯୦ ବର୍ଷର ଓଡ଼ିଆ ସିନେମା ଶିଳ୍ପର ମାନ୍ୟତା ପାଇଥିଲେ ମଧ୍ୟ ଏଭଳି କେତେକ ସମସ୍ୟା ରହିଛି ଯାହାର ସମାଧାନ ଜରୁରୀ ହୋଇପଡିଛି। କେବଳ ଭାଷଣ ଦେଲେ ହେବ ନାହିଁ, ସବୁ କାମ ବାସ୍ତବରେ ହେଲେ ଆମ ସିନେମା ଆହୁରି ଆଗକୁ ଯାଇପାରିବ। ପ୍ରଥମ କଥା ହେଲା ପ୍ରେକ୍ଷାଳୟ। ଆମ ରାଜ୍ୟରେ ଏବେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଚାଲିଛି କହିଲେ ଆଦୌ ଭୁଲ ହେବ ନାହିଁ। ସିନେମା ଶିଳ୍ପ ବଞ୍ଚିବା ପାଇଁ ପ୍ରତି ଜିଲାରେ ସିନେମା ହଲ୍‌ର ଆବଶ୍ୟକତା ରହିଛି। ଛୋଟ ପ୍ରେକ୍ଷାଳୟ ହେଲେ ପ୍ରଯୋଜକମାନେ ସିଧାସଳଖ ଖର୍ଚ୍ଚ ମୁତାବକ କିଛି ଅର୍ଥ ଫେରିପାଇବେ। ମଲ୍‌ରେ ଥିବା ହଲ୍‌ଗୁଡ଼ିକରେ ଟିକେଟର ଦାମ ପ୍ରାୟ ଅଧିକ। ତେଣୁ କେତେକ ଦର୍ଶକ ସେଠାରେ ସିନେମା ଦେଖିବାକୁ ସାହସ କରୁନାହାନ୍ତି। ଓଡ଼ିଶାରେ ଭଲ ସିନେମା ହେଉଛି। କିନ୍ତୁ ପ୍ରେକ୍ଷାଳୟ ଅଭାବରୁ ସିନେମା ସାଧାରଣ ଦର୍ଶକ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ଏବେ ପ୍ରାୟ ୬୦ଟି ରହିଛି। କେବେଳ ବଡ଼ ସହର ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହରରେ ମଲ୍‌ଟି ପ୍ରେକ୍ଷାଳୟ ଥିବା ଯୋଗୁ ସ୍ୱଳ୍ପ ସଂଖ୍ୟାରେ ଦର୍ଶକ ସିନେମା ଦେଖୁଛନ୍ତି।

ନିକଟରେ ଓଡ଼ିଆ ସିନେମା ସୋସାଇଟି ପକ୍ଷରୁ ୪ ଦିନ ଧରି ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ବିଭିନ୍ନ ରାଜ୍ୟର ସିନେମା ସହ ଓଡ଼ିଆ କ୍ଲାସିକ ସିନେମା ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଓଡ଼ିଆ ସିନେମାକୁ ଆଗକୁ ଆଗେଇ ନେବା ପାଇଁ ସରକାରୀ ସ୍ତରରେ ମଧ୍ୟ ଆହୁରି ଉଦ୍ୟମ ହେବା ଦରକାର। ବର୍ତ୍ତମାନ ଆମ ରାଜ୍ୟର ନୂଆ ସରକାର ଏ ନେଇ ଦୃଷ୍ଟି ଦେବେ ବୋଲି ମୋର ଆଶା।

ସିନେମାଟିଏ ନିର୍ମାଣ କରିବା ସମୟରେ ଏହାର କାହାଣୀ, କଳାକାର ଚୟନ, ଗୀତ, ସଙ୍ଗୀତ ସଂଳାପ, ଉପସ୍ଥାପନା ଏପରି କି ପ୍ରଚାର ପ୍ରସାର ପ୍ରତି ପ୍ରଯୋଜନା ସଂସ୍ଥା ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର।

ଗୋଟିଏ ସିନେମାକୁ ଭଲ ଆୟ ହେଲେ ସମ୍ପୃକ୍ତ ପ୍ରଯୋଜକ ଆଉ ଏକ ସିନେମା ନିର୍ମାଣ କରିବାକୁ ଆଗଭର ହେବେ। ସାମ୍ପ୍ରତିକ ଘଟଣାବଳୀକୁ ନେଇ ସିନେମା ନିର୍ମାଣ ଧାରା ବଜାୟ ରହିବା ଦରକାର। ଆମ ଓଡ଼ିଆ ସିନେମା ଆଗକୁ ଆଗେଇବାକୁ ହେଲେ ସାମ୍ନାରେ ଉଭା ହୋଇଥିବା ସମସ୍ୟାଗୁଡିକର ସମାଧାନ ହେବା ନିହାତି ଦରକାର।

**–ଦିଲୀପ ହାଲି,** ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨



'ରାଜ୍‌ସାବ' ଫିଲ୍ମରେ ପ୍ରଭାସ

# ଏଥର ରାଜ୍‌ସାବ୍

**ଦ**କ୍ଷିଣ ଭାରତୀୟ ଅଭିନେତା ପ୍ରଭାସ ଏବେ ଭାରି ଖୁସି। କାରଣ ବର୍ତ୍ତମାନ ସେ ଏଭଳି ଏକ ସିନେମାରେ ଅଭିନୟ କରୁଛନ୍ତି ଯାହା ସୁପରହିଟ୍ ହେବ ବୋଲି ସିନେ ସମୀକ୍ଷକମାନେ ପୂର୍ବାନୁମାନ କରିସାରିଲେଣି। ଏହି ଫିଲ୍ମଟିର ଟାଇଟଲ ରହିଛି 'ରାଜ୍‌ସାବ୍'। ଖାସ୍ କଥା ହେଲା ଏହା କେଳବ ମୂଳଭାଷା ତେଲୁଗୁ ନୁହେଁ, ହିନ୍ଦୀ, ତାମିଲ, ମାଲାୟାଲମ ଏପରି କି କନ୍ନଡ ଭାଷାରେ ମଧ୍ୟ ନିର୍ମିତ ହେଉଛି। ଏହାର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଏହି ଟିଜରରେ ପ୍ରଭାସ ଏକ କାର୍ ଉପରେ ବସିଛନ୍ତି। ତେବେ ତାଙ୍କର ବସିବା ଷ୍ଟାଇଲ ଯୁବପିଢ଼ିଙ୍କୁ ବେଶ୍ ପ୍ରଭାବିତ କରିଛି। ଏହା ହେଉଛି ଏକ ସୁପର ନାଚୁରାଲ ହରର୍ ଫିଲ୍ମ। ଆଉ ଏକ ଖାସ୍ କଥା ଜାଣନ୍ତି ? ଏହି ଫିଲ୍ମରେ ପ୍ରଭାସ ଡବଲ ରୋଲରେ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ଏହାର ଷ୍ଟାରକାଷ୍ଟରେ ସଞ୍ଜୟ ଦତ୍ତ, ମାଳବିକା ମୋହନନ, ରିଦ୍ଧି କୁମାର ଏବଂ ନିଧି ଅଗ୍ରୱାଲ ଅଛନ୍ତି। ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମାରୁତି। ପାଖାପାଖି ୫୦୦କୋଟି ବଜେଟ୍‌ରେ ନିର୍ମାଣ କରାଯାଉଥିବା ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୫ରେ ରିଲିଜ ହେବାର ଯୋଜନା ରହିଛି।

# ଅପେକ୍ଷା କରିଛନ୍ତି ଶୁଭମ୍

**ଓ**ଡ଼ିଆ ସିନେମାରେ ନବାଗତ ତାଲିକାରେ ଆଉ ଜଣେ ନିଜ ନାମକୁ ସାମିଲ କରିବାକୁ ଯାଉଛନ୍ତି। ସେ ହେଲେ ଶୁଭମ୍। କିନ୍ତୁ ତାଙ୍କର ଏକ ବଡ ଆଶା ପୂରଣ ହୋଇଛି। ଯେଉଁଭଳି ଏକ ମନଛୁଆଁ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଛି। ହଁ, ଶୁଭମ୍‌ଙ୍କ ଅଭିନୀତ ପ୍ରଥମ ଓଡ଼ିଆ ସିନେମାର ଟାଇଟଲ ରହିଛି 'ଶମ୍ଭୁ'। ଏ ବିଷୟରେ ସେ କହନ୍ତି, ''ଏହାର କାହାଣୀ ମୋତେ ବେଶ୍ ଇମ୍ପ୍ରେସ କରିଛି। ମୋ ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। ମୋ ଭିତରେ ଥିବା ଅଭିନୟ ଦକ୍ଷତାକୁ ଦେଖାଇବାକୁ ଏହି ଫିଲ୍ମରେ ମୋତେ ଭରପୂର ସୁଯୋଗ ମିଳିଛି।'' ଉକ୍ତ ଚିତ୍ରଟି ଚଳିତ ରଥଯାତ୍ରା ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ବିଭୂତି ଭୂଷଣ ଜେନାଙ୍କ ପ୍ରଯୋଜିତ 'ଶମ୍ଭୁ'ର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ଦିଲୀପ ପଣ୍ଡା। ତମନ୍ନା, ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଡ୍ଡି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।



ଶୁଭମ୍

# ଗୋଷ୍ଠୀ ବିବାଦରୁ ଆକ୍ରମଣ: ୩ ଗୁରୁତର, ଜଣେ ଅଟକ

ପରଜଙ୍ଗ, ୧୮।୬
(ନିଗମାନନ୍ଦ ଦଳବେହେରା)






ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ରୋଡ଼ ଗ୍ରାମରେ ବୁଧବାର ମଧ୍ୟାହ୍ନରେ ସବର୍ଣ୍ଣ-ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଅସବର୍ଣ୍ଣଙ୍କ ଆକ୍ରମଣରେ ୩ ଜଣ ସବର୍ଣ୍ଣ ଲୋକ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏଥିସହ ଜଣେ ଅସବର୍ଣ୍ଣ ଯୁବକଙ୍କୁ ପୋଲିସ ଅଟକ ରଖି ଅଧିକ ପଚରାଉଚରା କରୁଛି। ସୂଚନା ମୁତାବକ, ରୋଡ଼ ଗ୍ରାମର ସୂର୍ଯ୍ୟକାନ୍ତ ସାହୁଙ୍କ ଅଜାଙ୍କର ବୁଧବାର ଦଶାହ କାମ ଥିଲା। ଏଥିନିମନ୍ତେ ନଦୀ ତୁଠରେ ସାହିଭାଇ ମିଶି ସୂଚୀ ହେବା ପାଇଁ ମୁଣ୍ଡନ ହେଉଥିବା ସମୟରେ ବର୍ଷା ହୋଇଥିଲା। ଫଳରେ ନଦୀ ତୁଠରେ ନିର୍ମାଣ ହୋଇଥିବା ତୁଠ ଗୃହ ଭିତରେ ମୁଣ୍ଡନ ହୋଇଥିଲେ। ସେହି ସମୟରେ ଉକ୍ତ ଗ୍ରାମର ଅସବର୍ଣ୍ଣ ସାହିର କବିରାଜ ନାଏକ ପହଞ୍ଚି କାହିଁକି ଏହି ଘର ଭିତରେ ମୁଣ୍ଡନ ହେଉଛ କହି ପ୍ରତିବାଦ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ କବିରାଜ ଫୋନ ଯୋଗେ ସାହିଭାଇଙ୍କୁ ଡାକି ଦେବାପରେ ସେଠାରେ ୧୦ରୁ ଊର୍ଦ୍ଧ୍ୱ ଟୋକା ପହଞ୍ଚି ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ସଂଘବଦ୍ଧ ଭାବେ ସବର୍ଣ୍ଣମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ସୂର୍ଯ୍ୟକାନ୍ତ ସାହୁ(୪୦), ସାନଭାଇ ସୁଜିତ ସାହୁ (୩୭), ପୁତୁରା ସୁମନ ସାହୁ (୨୧)ଙ୍କ ମୁଣ୍ଡ, ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ବହୁବ୍ୟକ୍ତି ମାଡଖାଇଥିଲେ। ଗୁରୁତର ଅବସ୍ଥାରେ ଆହତ ୩ ଜଣଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସୁଜିତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଟଣା ସ୍ଥଳରେ ସାଆନ୍ଦା ଫାଣ୍ଡି ଅଧିକାରୀ ଯୋସେଫ ପଟ୍ଟନାୟକ, ପରଜଙ୍ଗ ଥାନା ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ଏଏସଆଇ ଯୁଗଳ ପ୍ରଧାନ ପ୍ରମୁଖ ପହଞ୍ଚି ଘଟଣାକୁ ଆୟତ୍ତ କରିବା ସହ ଅସବର୍ଣ୍ଣ ପକ୍ଷର ଜଣଙ୍କୁ ଅଟକ ରଖି ଅଧିକ ପଚରା ଉଚରା କରୁଛନ୍ତି। ସୂର୍ଯ୍ୟକାନ୍ତଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ପ୍ରକାଶ କରିଛି।

# ଢେଙ୍କାନାଳ ସହରରେ ବଢୁଛି ଚୋରି

## କଣ୍ଟାନାଳୀ, ମହିଷାପାଟ ଅଞ୍ଚଳରେ ଚୋରଙ୍କ ଉପଦ୍ରବ

ଢେଙ୍କାନାଳ, ୧୮।୬(ରତନ ନାୟାର)



ମହିଷାପାଟ ଅନନ୍ତ ବିହାର ଅଞ୍ଚଳରେ ଗ୍ରୀଲତାଡି ଘରୁ ଚୋରି କରାଯାଇଛି।

ଢେଙ୍କାନାଳ ସହରରେ ଗତ ଦୁଇଦିନ ମଧ୍ୟରେ କଣ୍ଟାନାଳୀ ଓ ମହିଷାପାଟ ଅଞ୍ଚଳରେ ଚୋରଙ୍କ ଉପଦ୍ରବ ବୃଦ୍ଧି ପାଉଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇ ରହିଛନ୍ତି। ମଙ୍ଗଳବାର ରାତିରେ ସହରସ୍ଥିତ ୯ନଂ ୱାର୍ଡ କଣ୍ଟାନାଳୀ ଛକ ନିକଟରେ ଦୁଇଟି ଘରୁ ଝରକା ଓ ତାଲାଭାଙ୍ଗି ଚୋରି ହୋଇଥିବା ବେଳେ ଗୋଟିଏ ଘରେ ଚୋରି ଉଦ୍ୟମ ହୋଇଥିଲା । ଅଞ୍ଚଳର ସୁରେନ୍ଦ୍ର ନାଥ ଧଳଙ୍କ ଘରେ ପରିବାର ଲୋକ ଶୋଇଥିବା ବେଳେ ଅନ୍ୟଏକ ଘର ପ୍ରକୋଷ୍ଠରୁ ଦୁର୍ବୃତ୍ତମାନେ ଝରକା ଗ୍ରୀଲତାଡି ଘର ଭିତରେ ପଶି ଆଲମିରା ଭାଙ୍ଗି ସୁନା ଅଳଙ୍କାର ସହ କିଛି ଟଙ୍କା ନେଇ ପଳାଇଥିଲେ । ସେହିପରି ପଡୋଶୀ ଘର ସୁଶାନ୍ତ ବେହେରାଙ୍କ ଘରେ କେହି ନଥିବା ବେଳେ ମଧ୍ୟ ତାଙ୍କଘରୁ ଚୋରି ହୋଇଛି । ସେହିପରି ବିଶ୍ୱମ୍ଭର ସାହୁଙ୍କ ଘର ଝରକା ଗ୍ରୀଲ ଭାଙ୍ଗି ଚୋରି ଉଦ୍ୟମ ହୋଇଥିବା ଜଣାପଡିଛି। ସେହିପରି ମହିଷାପାଟ ଅନନ୍ତନଗର ଅଞ୍ଚଳରେ ଥିବା ସତ୍ୟଶକ୍ତି ପଢିଆରୀଙ୍କ ଘରୁ ଦୁର୍ବୃତ୍ତମାନେ ଗ୍ରୀଲ ତାଡି ଘରେ ପଶି ବହୁ ଆସବାବପତ୍ର ଓ ଆଲମିରା ଭାଙ୍ଗି ସୁନା ଅଳଙ୍କା ଓ ବହୁ ଟଙ୍କା ପଇସା ନେଇ ପଳାଇଛନ୍ତି । ଖବରପାଇ ଟାଉନ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସହରରେ ଚୋରି ବୃଦ୍ଧି ପୋଲିସ ପାଇଁ ଏକ ମୁଣ୍ଡବ୍ୟଥାର କାରଣ ହୋଇଛି।

# ୪ ଦଶନ୍ଧି ଧରି ମହାଦେବଙ୍କ ସେବାରେ ପୂଜକ ସୁଦର୍ଶନ



ପରଜଙ୍ଗ, ୧୮।୬ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଗ୍ରାମର ଖଣ୍ଡିଆବନ୍ଧ ହୁଡାରେ ଅବସ୍ଥିତ ଶ୍ରୀଶ୍ରୀ ବାଞ୍ଛେଶର ମହାଦେବଙ୍କ ମନ୍ଦିର କାହିଁ କେଉଁ ଅମଳରୁ ସ୍ଥାପିତ ହୋଇଛି। ପୂର୍ବରୁ ଛୋଟ ଆକାରରେ ମନ୍ଦିରରେ ମହାଦେବ ପୂଜା ପାଉଥିବା ବେଳେ ବୋଲବମ ଭକ୍ତଙ୍କ କମିଟି ସହାୟତାରେ ବେଶ ଆକର୍ଷଣୀୟ ହୋଇଛି ଏହି ମନ୍ଦିର। ତେବେ ଦୀର୍ଘ ୪ ଦଶନ୍ଧି ଧରି ଉକ୍ତ ମନ୍ଦିରରେ ମୁଣ୍ଡେଇଲୋ ଗ୍ରାମର ସୁଦର୍ଶନ ରଣା(୬୦) ପୂଜା କରି ଆସୁଥିବା ବେଳେ ତାଙ୍କୁ ସମସ୍ତେ ସୁଦର ଭାବରେ ଜାଣନ୍ତି । ଗ୍ରାମର ଛୋଟ ବଡ଼ ମହିଳା ପୁରୁଷ ସମସ୍ତଙ୍କ ପାଖରେ ସେ ବେଶ ପରିଚିତ। ଏମିତିକି ମହାଦେବଙ୍କ ନିକଟକୁ ଆସୁଥିବା ଭକ୍ତମାନଙ୍କ ସପରିବାରଙ୍କ ନାମ ମଧ୍ୟ ମନେ ରଖିଛନ୍ତି ସୁଦର । ଖୁସିର କଥା ସୁଦର ସକାଳୁ ମନ୍ଦିର ଆସୁଥିବା ଭକ୍ତମାନଙ୍କର ଭୋଗ ମହାଦେବଙ୍କ ଠାରେ ଲଗାଇ ପୂଜା କରିଥାନ୍ତି ଏବଂ ବର୍ଷତମାମ ଖାଲି ପାଦରେ ପରଜଙ୍ଗ ବଜାର, ବୃନ୍ଦାବନପୁର ବଜାର, ହାଇସ୍କୁଲ ଛକର ସମସ୍ତ ଦୋକାନରେ ଥିବା ଠାକୁରଙ୍କୁ ବାମକାନ୍ଧ ଉପରେ ପୂଜା ଡଲାକୁ ରଖି ବାମ ହାତରେ ଧରି ପ୍ରାୟ ଦୁଇ କିମି ବୁଲି ବୁଲି ଯାଇ ପୂଜାର୍ଚ୍ଚନା କରିଥାନ୍ତି। ସେଥିରୁ ଯାହା କିଛି ଦକ୍ଷିଣା ମିଳେ ସେଥିରେ ପରିବାର ଚଳନ୍ତି। ତାଙ୍କର ଦୁଇ ଝିଅଙ୍କୁ ବିବାହ କରାଇ ସାରିଥିବା ବେଳେ ଦୁଇ ପୁଅଙ୍କ ମଧ୍ୟରୁ ଜଣଙ୍କର ବିବାହ ସରିଛି। ଏଥିସହ ପାଖରେ ଅବିବାହିତ ସାନଭାଇ ଅକ୍ଷୟ ରଣା ମଧ୍ୟ ରହି ପୂଜାରେ ସହଯୋଗ କରନ୍ତି। ଏହି ମନ୍ଦିରରେ ପୂର୍ବରୁ ସୁଦରଙ୍କ ବାପା ପ୍ରାଣବନ୍ଧୁ ପୂଜା କରୁଥିଲେ।

# ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ





କାମାକ୍ଷାନଗର, ୧୮।୬
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ନରେ ପଞ୍ଚାୟତ ସମିତି ସଭାଗୃହ ପରିସରରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଭୁକଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ରାଜ୍ୟ ରିଲିଫ କମିଶନର ସରୋଜ କୁମାର ସାହୁ ଅତିଥି ଭାବେ ଯୋଗଦେଇ କହିଲେ, ପ୍ରସ୍ତୁତ ରହିଲେ ଯେକୌଣସି ବିପର୍ଯ୍ୟୟର ପରିଚାଳନା କରିହେବ। ତେଣୁ ସମସ୍ତ ବିଭାଗୀୟ ଅଧିକାରୀ ବର୍ଷା ଋତୁ ପୂର୍ବରୁ ସଜାଗ ହୋଇ ରହିବାକୁ ପରାମର୍ଶ ଦେଇଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ସୁଦିପ୍ତ କୁମାର ସାହୁ ଉପସ୍ଥିତ ରହି ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶୁଭଙ୍କର ମହାନ୍ତି, ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲ। ବୈଠକରେ ଅଗ୍ନିଶମ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ହାଁସଦା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ସିଡିପିଓ ସୌରେନ୍ଦ୍ରୀ ପଟେଲ, ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ କଅଁର, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ରଣଜିତ ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ



ଭୁବନ, ୧୮।୬ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନଏସି ସଭାଗୃହରେ ବୁଧବାର ବନ୍ୟା ବାତ୍ୟା ପ୍ରଶମନକୁ ସମ୍ମୁଖୀନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏନଏସି ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଭୁବନ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଡାକ୍ତର ରମେଶ ଚନ୍ଦ୍ର ସାହୁ, ଅଗ୍ନିଶମ ବିଭାଗୀୟ ମୁଖ୍ୟ ମନୋରଞ୍ଜନ ବିଶ୍ୱାଳ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ସୋନାଲି ନାଏକ, ସମ୍ପନ୍ୱିତ ଶିଶୁ ବିଭାଗ ଯୋଜନା ଅଧିକାରିଣୀ ଭଗବତୀ ଗୁରୁ, କାଉନସିଲର ପପୁ ସାହୁ, ନରେନ୍ଦ୍ର ବେହେରା, ମନମୋହନ ସାହୁଙ୍କ ସମେତ ସମସ୍ତ ସ୍ୱଚ୍ଛସାଥୀ ଓ ସେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବନ୍ୟା ବାତ୍ୟା ଓ ଅଗ୍ନିବିପନ୍ନ ସମୟରେ କିପରି ନିଜକୁ ରକ୍ଷା କରିବା ସହିତ ଅନ୍ୟମାନଙ୍କୁ ସହଯୋଗ କରିପାରିବେ ସେ ସମ୍ପର୍କରେ ବିଭିନ୍ନ ସମାଧାନର ଉପାୟ ଅଧିକାରୀମାନେ କହିଥିଲେ। ଏପରିକି ଜନସ୍ୱାସ୍ଥ୍ୟ ବିଭାଗର ପାନୀୟ ଜଳ ଉପରେ ଗୁରୁତ୍ୱ ଦେବା ସଙ୍ଗେସଙ୍ଗେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ସହଯୋଗ କରାଯିବ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ସହରାଞ୍ଚଳରେ କାର୍ଯ୍ୟରତ ସ୍ୱଚ୍ଛସାଥି, ଅଙ୍ଗନବାଡି କର୍ମୀ, ଆଶାକର୍ମୀମାନେ ଲୋକମାନଙ୍କୁ ସଚେତନ ବାର୍ତ୍ତା ପହଞ୍ଚାଇ ପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀମାନଙ୍କର ମୁଖ୍ୟ ଦାୟିତ୍ୱ ବୋଲି ସ୍ଥିର କରାଯାଇଛି। ଏନଏସିର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ହିନ୍ଦୋଳରେ ହାତୀ ଆତଙ୍କ

# ପୁଣି ଜଣଙ୍କ ଜୀବନ ନେଲା ଦନ୍ତା

ସାତମାଇଲ, ୧୮।୬ (ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡରେ ହାତୀ ଉପଦ୍ରବ ଦିନକୁ ଦିନ ବଢିବାରେ ଲାଗିଛି। ବୁଧବାର ସନ୍ଧ୍ୟାରେ ଏକ ଦନ୍ତା ହାତୀ ଆକ୍ରମଣରେ ପାଇକପୁରୁନବାକୋଟ ପଞ୍ଚାୟତ ଝାଡୁବେରିଣି ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲ ମୃତ୍ୟୁଞ୍ଜୟ ଦାଶଙ୍କ ପୁଅ ପ୍ରଦୀପ ଦାଶ (୪୩)। କୌଣସି କାମରେ ବାହାରକୁ ଯାଇ ଘରକୁ ଫେରୁଥିବା ବେଳେ ସନ୍ଧ୍ୟା ସମୟରେ ହାତୀ ହାବୁଡରେ ପଡ଼ିଯାଇଥିଲେ। ଫଳରେ ତାଙ୍କୁ ହାତୀଟି କଚାଡି ମାରିବା ସହ ମୁଣ୍ଡକୁ ତା'ର ପାଦରେ ଦଳି ଦେଇଥିଲା। ଗ୍ରାମବାସୀଙ୍କ ଠାରୁ ଖବର ପାଇ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ସରପଞ୍ଚ ପ୍ରତାପ ପ୍ରଧାନ, ସମିତି ସଭ୍ୟ ପ୍ରତାପ ବେହେରା ପ୍ରମୁଖ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ

ସନ୍ତ୍ରିଛକ, ୧୮।୬ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନୂଆହତା ଗ୍ରାମର ଜଣେ ଯୁବକ ନିଖୋଜ ହୋଇଯାଇଥିବା ନେଇ ବୁଧବାର ବଅଁରପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି, ନୂଆହତା ଗ୍ରାମର ସ୍ୱର୍ଗତ ବେଣୁଧର ବାରିକଙ୍କ ପୁଅ ବିରଞ୍ଚି ବାରିକ(୨୧) ଗତ ୧୬ ତାରିଖ ସକାଳ ପ୍ରାୟ ୬ଟାରୁ ଶୌଚ ପାଇଁ ଯାଇ ଘରକୁ ଫେରିନାହାନ୍ତି। ଆଖପାଖ ଅଞ୍ଚଳରେ ଖୋଜାଖୋଜି ପରେ ସନ୍ଧାନ ନ ମିଳିବାରୁ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ପ୍ରେମୀ ଯୁଗଳଙ୍କ ମୃତଦେହ ଜବତ

ରାଇରଙ୍ଗପୁର, ୧୮।୬(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମରୁ ବୁଧବାର ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏସଆଇ କମଳିନୀ ରାଉତ ତଦନ୍ତ ଜାରି ରଖିଛନ୍ତି।

# ସାପ୍ତାହିକ ହାଟର ହେଉନି ଉନ୍ନତି

ଗୋପବନ୍ଧୁ ନଗର, ୧୮।୬
(ଶାନ୍ତନୁ କୁମାର ମଢୁଆଳ)

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରାଠାରେ ପ୍ରତିଷ୍ଠିତ ହାଟର ଉନ୍ନତିହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।
୧୯୮୧ରେ ସ୍ୱର୍ଗତ ଗିରୀଶ ଚନ୍ଦ୍ର ବେହେରାଙ୍କ ପ୍ରଚେଷ୍ଟାରେ ଏହି ସାପ୍ତାହିକ ହାଟ ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠାର ୨ ବର୍ଷ ପରେ ୧୯୮୩ରେ ହାଟର ଦାୟିତ୍ୱ ପଞ୍ଚାୟତ ହାତକୁ ଗଲା। ୪୦ ବର୍ଷର ଉକ୍ତ ହାଟଟିର ନିଲାମ ବାବଦକୁ ପାଖାପାଖି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଥିଲେ ମଧ୍ୟ ସେପରି କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। ଏପରିକି ପଞ୍ଚାୟତ ତରଫରୁ ହାଟରେ ବ୍ୟବସାୟୀଙ୍କ ପାଇଁ ନିର୍ମାଣ ହୋଇଥିବା ଗୃହ କିମ୍ବା ଚାଳିଆ ପର୍ଯ୍ୟାପ୍ତ ନୁହେଁ। ବର୍ଷବର୍ଷ ଧରି ଉକ୍ତ ହାଟକୁ ଆସୁଥିବା କେତେଜଣ ସ୍ଥାୟୀ ବ୍ୟବସାୟୀ ନିଜ ନିଜ ଅର୍ଥରେ ଚାଳିଆ ନିର୍ମାଣ କରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଅନେକ ବ୍ୟବସାୟୀ ଖୋଲା ଆକାଶ ତଳେ ବସୁଛନ୍ତି। ଉକ୍ତ ହାଟଟି ସପ୍ତାହର ବୁଧବାର ଓ ଶନିବାର ଦୁଇ ଦିନ ବସେ। ପଞ୍ଚାୟତର ଏହା ଏକ ମାତ୍ର ହାଟ ହୋଇ ଥିବାରୁ ଉକ୍ତ ଅଞ୍ଚଳର ବହୁ ବ୍ୟବସାୟୀଙ୍କ ସମେତ ହଜାର ହଜାର ଗ୍ରାହକଙ୍କ ସମାଗମ ହୋଇଥାଏ କିଣା ବିକା ପାଇଁ। ଉକ୍ତ ହାଟରେ ରେମୁଣା, ନୀଳଗିରି, ବଡ଼ସାହି, ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରୁ ବେପାରୀମାନେ ଆସି ପସରା ମେଲାଇଥାନ୍ତି। ପରିତାପର ବିଷୟ ସାମାନ୍ୟ ବର୍ଷା ହେଲେ ହାଟ ସାରା କର୍ଦ୍ଦମାକ୍ତ ହୋଇ ପଡ଼ିଥାଏ। ବର୍ଷା ଜଳ ନିଷ୍କାସନ ନ ହୋଇ ପାରିବା ଯୋଗୁ ସାଧାରଣ ଲୋକେ ଜିନିଷ କିଣାବିକାରେ ନାନା ଅସୁବିଧା ଭୋଗୁଛନ୍ତି। ୪୦ ବର୍ଷ ମଧ୍ୟରେ ଆଠଟି ପଞ୍ଚାୟତ ନିର୍ବାଚନରେ ୮ ଜଣ ସରପଞ୍ଚ ନିର୍ବାଚିତ ହୋଇ ଆସିଥିଲେ ମଧ୍ୟ ହାଟପ୍ରତି ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ହାଟରେ ଗୋଟିଏ ମାତ୍ର ନଳକୂପ ରହିଛି। ତାହା ବି ଖରାଦିନେ ପର୍ଯ୍ୟାପ୍ତ ପାଣି ଯୋଗାଇ ପାରେନାହିଁ। ହାଟର ପୂର୍ବ ପାର୍ଶ୍ୱରେ ମାଛ, ମାଂସ ବିକ୍ରି ହେଉଥିବା ବେଳେ ସେଠାରେ କୁକୁଡ଼ା ପର ଓ ମାଛ କାତି ଠୁଳ ହେବା ଫଳରେ ବର୍ଷା ଦିନେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ୧୦ ବର୍ଷ ତଳୁ ଜିଲା ଉନ୍ନୟନ ସଂସ୍ଥା ପକ୍ଷରୁ ହାଟର ଦକ୍ଷିଣ ପାର୍ଶ୍ୱରେ ଏକ ଛୋଟ ମାର୍କେଟ କମ୍ପ୍ଲେକ୍ସ କରାଯାଇଥିବା ବେଳେ ଏହାର ଚଟାଣ ଗୁଡିକର ଅବସ୍ଥା କହିଲେ ନ ସରେ। ହାଟର ଉନ୍ନତୀକରଣ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ନେଇ ସରପଞ୍ଚ ସୁପ୍ରଭାତି ସିଂ ଓ ସମିତି ସଭ୍ୟା ମିନତୀ ସିଂଙ୍କୁ ପଚାରିବାରୁ ଯଥା ସମ୍ଭବ ଏ ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି।



କର୍ଦ୍ଦମାକ୍ତ ସାପ୍ତାହିକ ହାଟ।


**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for various repair works at NLUO Cuttack. Last date & time of receipt is **25.06.2025** at **03.00 P.M.** For details please visit website: **https://nluo.ac.in/tenders/**.

Sd/- Registrar

**OFFICE OF THE PRINCIPAL, RAJSUNAKHALA COLLEGE**
RAJSUNAKHALA, DIST.: NAYAGARH - 752065

**TENDER/QUOTATION CALL NOTICE**

No.: 399 Date:18.06.2025

Sealed Tender/Quotations are invited from intending registered suppliers/Firms/Dealers having valid GSTIN registration,Tax Clearance of last three years, PAN Card for supply of the following items of reputed brand i.e. Desktop (6 Nos.), UPS (6 Nos.), MFM Printer (2 Nos.), LED TV – 65 inch (01 No.), Wireless Mice and Camera with MIC for virtual meeting, Internet facilities.
The supplier will submit Quotations on or before 27.06.2025 by 4:00 P.M. Quotations receives incomplete or after scheduled date and time shall be summarily rejected.
The undersigned reserves the right to accept/reject or cancel any or all quotations without assigning any reasons thereof.

PRINCIPAL
RAJSUNAKHALA COLLEGE, NAYAGARH

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION No.-1, AMBIKAPUR**
**e-Procurement Tender Notice**
Main Portal: **http://cgeprocurement.gov.in**
WRD Portal: **http://wrd.cgeprocurement.gov.in**
**(FIRST CALL)**
**CORRIGENDUM**

No. 01/SAC/2025-26 Date: 16.06.2025

The following partial modifications are made. In the tender invited vide N.I.T. No. 01/SAC/2025-26 Dated 06.06.2025 System Tender No. 169598 For DEEPENING AND RENOVATION OF LABJI TANK & CONSTRUCTION OF C.C. CHANNEL. Whose "G" No. 252601454 Date: 09.06.2025.

| S. No. | Amendments |
|---|---|
| 1 | In the G-Schedule Item No.-2 may be read as Qty 18571.00 cum & Rate 224.14 per Cum instead of Qty 34194.87 cum & Rate 121.73 |
| 2 | In the G-Schedule Item No.-3 may be read as Qty 162.00 cum & Rate 4292.14 per Cum instead of Qty 885.39 cum & Rate 785.34. |

**Note:** All other terms and conditions will be remain and unchanged.

Sd./- Executive Engineer
Water Resources Division No. 1
Ambikapur
For, Chief Engineer
Hasdeo Ganga Basin, W.R. Deptt.
Ambikapur (C.G.)

G-252601621/1

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**
**गुमशुदा रौशन कुमार**





सर्व साधारण को सूचित किया जाता है कि जसीडीह रेल थाना कांड सं0–29/23 दिनांक–04.05. 2023 धारा 363/भा0द0वि0 में गुमशुदा रौशन कुमार दिनांक–04.05. 2023 को समय करीब सुबह 04:00 बजे जसीडीह रेलवे स्टेशन के टिकट काउन्टर के पास परिवार वालो के बिच से गायब होने के संबंध में कांड दर्ज कराया गया। उक्त बच्चे का जसीडीह रेलवे स्टेशन पर काफी खोजबीन किया गया साथ ही सी0सी0टी0वी0 फुटेज भी चेक किया परन्तु गुम हुए बच्चा का कोई पता नही चल पाया है। गुमशुदा रौशन कुमार उम्र–04 वर्ष, रंग–गोरा, पहनावा–गुलाबी रंग का टी–शर्ट पहना हुआ।


गुमशुदा रौशन कुमार के बारे में किसी प्रकार की जानकारी प्राप्त हो, तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करे।
**पुलिस अधीक्षक, रेल धनबाद– 9431706117**
**पुलिस उपाधीक्षक(द्वितीय), रेल धनबाद–7033619661**
**पुलिस निरीक्षक सह थाना प्रभारी, रेल थाना जसीडीह–7903174831**
**प्रभारी डी0सी0बी0 शाखा, रेल धनबाद–8340713828**

ह0/–
पुलिस अधीक्षक, रेल, धनबाद

PR 355401 Police(25-26)#D

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**
लापता व्यक्ति राजीव कुमार सिंह उर्फ गुड्डु सिंह



सर्व साधारण को सूचित किया जाता है कि राजकीय रेल थाना चन्द्रपुरा काण्ड सं0–13/2023, दिनांक–31.10. 2023 धारा–363 भा0द0वि0 में लापता व्यक्ति राजीव कुमार सिंह उर्फ गुड्डु सिंह उम्र–50 वर्ष, पिता–स्व0 अर्जुन सिंह, पता–बौधी छपरा, थाना–अवतार नगर, जिला–सारण, बिहार (जो मानसिक रूप से विछिप्त थे) अपने गॉव के ही अखिलेश्वर साह के साथ दिनांक–23.11.2022 को मेन्टल अस्पताल राँची से ईलाज करा मौर्या एक्स0 ट्रेन के जनरल बोगी में सवार होकर राँची से दिघवारा तक यात्रा कर रहे थे। ट्रेन जब चन्द्रपुरा स्टेशन पर रूकी तो अखिलेश्वर साह पानी लेने ट्रेन से नीचे उतरे तथा पानी लेकर ट्रेन में चढ़े तो देखे कि राजीव कुमार सिंह उर्फ गुड्डु सिंह अपने सीट पर नहीं थे। बोगी में काफी खोजबीन किये परन्तु उनका का पता नहीं चला। लापता व्यक्ति का हुलिया–उम्र लगभग 50 वर्ष, लंबाई–05 फीट 06 इंच, कद काठी मध्यम, बाल–कुछ काला तथा कुछ सफेद, मुँछ–छोटा, दाढी–सेब, पहनावा–काला रंग का पेन्ट, उजला स्वेटर, भाशा–भोजपुरी एवं हिन्दी। उक्त लापता व्यक्ति का पता नहीं चल पा रहा है।

अतः अनुरोध है कि लापता व्यक्ति के बारे में कोई जानकारी प्राप्त हो तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करेंगें।
पुलिस अधीक्षक, रेल धनबाद– 9431706117
पुलिस उपाधीक्षक(प्रथम), रेल धनबाद–7033619661
थाना प्रभारी, रेल थाना चन्द्रपुरा–8580239270
प्रभारी, डी0सी0बी0 शाखा, रेल धनबाद–8340713828

ह0/–
पुलिस अधीक्षक, रेल धनबाद

PR 355399 Police (25-26)_D

# ଶିଳ୍ପ କ୍ଷେତ୍ରରେ ସମୃଦ୍ଧ ହେବ ଢେଙ୍କାନାଳ ଜିଲା

## ଜିଲାସ୍ତରୀୟ ବିକାଶମେଳା ଉଦ୍‌ଯାପିତ

ଢେଙ୍କାନାଳ,୧୮।୬(ରତନ ନାୟାର)

ଢେଙ୍କାନାଳ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ସମାରୋହ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ ଯେ, ଢେଙ୍କାନାଳ ଜିଲାର ବିକାଶ ଆହୁରି ଆଗକୁ ଯିବ। ନିକଟରେ ମୁଖ୍ୟମନ୍ତ୍ରୀ ଜିଲାରେ ନୂତନ ମେଡ଼ିକାଲ କଲେଜ ହେବା ନେଇ ଘୋଷଣା କରିଛନ୍ତି। ଏଥିସହ ମହିମା ଗାଦିର ବିକାଶ ପାଇଁ ୧୭୧କୋଟି ଟଙ୍କାର ବ୍ୟୟ ବରାଦ ରାଜ୍ୟ ସରକାର କରିଛନ୍ତି। ଗରିବ କଲ୍ୟାଣ ଯୋଜନାରେ ଢେଙ୍କାନାଳ ଜିଲାରେ ୧୫ ହଜାର ୧୪୪ ଜଣଙ୍କୁ ନୂତନ ରାସନ କାର୍ଡ ଦେବାକୁ ଲକ୍ଷ୍ୟ ରଖାଯାଇଛି । ଏହାସହିତ ଢେଙ୍କାନାଳ ଜିଲା ଧାନ ସଂଗ୍ରହ କ୍ଷେତ୍ରରେ ନୂତନ ରେକର୍ଡ କରିଛି। ଜିଲାରେ ଚଳିତବର୍ଷ ୧୭ ଲକ୍ଷ ୨୫ ହଜାର ୧୯୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ ୧୧ ଲକ୍ଷ ୭୩ ହଜାର କୁଇଣ୍ଟାଲ ଚାଉଳ ଉତ୍ପାଦନ କରି ଢେଙ୍କାନାଳ ଜିଲା ବଳକା



ବିକାଶ ପତ୍ରିକା 'ବିକାଶ ଫର୍ଦ୍ଦ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଜିଲା ଭାବେ ପରିଚୟ ସୃଷ୍ଟି କରିଛି ବୋଲି ମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ତଥା ଜିଲା ପ୍ରଭାରୀ ମନ୍ତ୍ରୀ ଭାବେ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଲେ ଯେ, ଢେଙ୍କାନାଳ ଜିଲା ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ ହେବ । ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲା ପାଇଁ ୫୦ ହଜାର କୋଟି ଟଙ୍କାର ନିବେଶ ପାଇଁ ଘୋଷଣା କରିଛନ୍ତି । ସେଥିମଧ୍ୟରୁ ୩୦ହଜାର କୋଟି କେବଳ ସୌରଶକ୍ତି ଶିଳ୍ପ ଅଟେ, ଯାହାକି ଆଗାମୀ ଦିନରେ ଜିଲାକୁ ଏକ ସୌରଶକ୍ତି ସମୃଦ୍ଧ ଜିଲା ଭାବେ ପରିଚୟ ଦେବ। ଏହାସହିତ ଜିଲାର କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୧୨୦କୋଟି ଟଙ୍କା ବ୍ୟୟରେ ବାଜି ରାଉତ ଆଞ୍ଚଳିକ କ୍ରୀଡା କେନ୍ଦ୍ର ବନମାଳି ପ୍ରସାଦଠାରେ ପ୍ରତିଷ୍ଠା କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଛନ୍ତି । ଏହି ବିକାଶ ମେଳା ଓ ଗାଁଗାଁରେ ଯେଉଁ ବିକାଶ ବାହାନ ବୁଲୁଛି ତାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି, ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଏଦିଗରେ ଜନସାଧାରଣମାନଙ୍କୁ ସଚେତନ କରାଇବା । ଜିଲାରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନାରେ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୯ ହଜାର ୩୯୬ ଜଣଙ୍କୁ ଓ ଦିତ୍ୱୀୟ ପର୍ଯ୍ୟାୟରେ ୩ ଲକ୍ଷ ୪ ହଜାର ୧୫୫ ଜଣଙ୍କୁ ଦିତ୍ୱୀୟ ପର୍ଯ୍ୟାୟରେ ୫ ହଜାର ଲେଖାଏଁ ଅର୍ଥରାଶି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଯାଇଛି । ଏହିବର୍ଷ ଜିଲାରେ ୧୭ଲକ୍ଷ ୨୫ହଜାର ୧୯୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି ଯାହାକି ଏକ ରେକର୍ଡ ଅଟେ, ଯାହାକି ଜିଲାକୁ ଚାଉଳ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ଜିଲା ଭାବେ ପରିଚୟ ଦେଇଛି । ଏହାସହ ଚାଷୀମାନଙ୍କୁ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଓ ଇନ୍‌ପୁଟ ସବସିଡ ବାବଦକୁ ୮୦୦ ଟଙ୍କା ମୋଟ ୩୧୦୦ ଟଙ୍କା ପ୍ରଦାନ କରାଯାଇଛି । ଏହାସହିତ ଜିଲାରେ ୧୫ ହଜାର ୧୪୪ ଜଣଙ୍କୁ ନୂତନ ରାସନ କାର୍ଡ ଦେବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ ( ପିଭିଟିଜି )ମାନଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତିରେ ଉନ୍ନତି ପାଇଁ ୭ଟି ବ୍ଲକର ୧୧୨ଟି ଗ୍ରାମର ୨୯୧୩ ପରିବାରର ୧୦୯୩୧ ଜଣ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଜିଲାରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ କାମାକ୍ଷାନଗରଠାରେ ଏକ ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭାରମ୍ଭ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଶୁଭ ଉଦଘାଟନ ହୋଇଯାଇଛି । ଏଥିସହିତ ଜିଲାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୨୦୨୫ ଆର୍ଥିକ ବର୍ଷ ପାଇଁ ୪ଟି ବିଦ୍ୟାଳୟ ଓ ୨୫-୨୬ ଆର୍ଥିକ ବର୍ଷ ପାଇଁ ୬୨ଟି ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଜିଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିସହିତ ଏଯାବତ ଜିଲାରେ ୨ଲକ୍ଷରୁ ଅଧିକ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ଓ ୬ ହଜାରରୁ ଅଧିକ ବୟୋବନ୍ଦନ କାର୍ଡ ବଣ୍ଟନ କରାଯାଇଛି। ଉଦଯାପନୀ ସମାରୋହରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାସ୍ତରୀୟ ଏକ ବିକାଶ ପତ୍ରିକା 'ବିକାଶ ଫର୍ଦ୍ଦ' ଉନ୍ମୋଚିତ ହେଇଥିଲା । ପାରମ୍ପରିକ ଖାଦ୍ୟ ଉତ୍ସବରେ ଅଗ୍ରୀଣ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସାହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପୌର ଅଧକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଖାଡ଼ାବାନ୍ତିକୁ ନେଇ ଏନ୍‌ଏସିର ସତର୍କତା



କାମାକ୍ଷାନଗର, ୧୮।୬ (ସୁଧୀର କୁମାର ପରିଡ଼ା)

## ଦୋକାନ ବୁଲି ସଚେତନ କଲେ କର୍ତ୍ତୃପକ୍ଷ

ରାଜ୍ୟରେ ଖାଡ଼ାବାନ୍ତିକୁ ନେଇ ଏକପ୍ରକାର ଭୟର ବାତାବରଣ ଦେଖାଦେଇଛି । ଦିନକୁ ଦିନ ଖାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କାମାକ୍ଷାନଗର ଉପଖଣ୍ଡ ଭୁବନ ଏନଏସି ଓ ଢୁକର ବିଜିନ ପଞ୍ଚାୟତରେ ଖାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବହୁ ରୋଗୀ ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ଏହାକୁ ଦୃଷ୍ଟିରେ ରଖି କାମାକ୍ଷାନଗର ଏନଏସି ତରଫରୁ ସହରରେ ସତର୍କତା ଅବଲମ୍ବନ କରାଯାଇଛି । ଏନ୍ଏସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁଙ୍କ ନେତୃତ୍ୱରେ ଏନଏସିର ଏକ ଟିମ ସହରର ବିଭିନ୍ନ ବଜାରରେ ଥିବା ଜଳଖିଆ ଦୋକାନ, ହୋଟେଲ, ଚାଟ୍ ଦୋକାନ, ଗୁପଚୁପ ଷ୍ଟଲ ଓ ଫାଷ୍ଟଫୁଡ ଷ୍ଟଲ ବୁଲି ଦୋକାନୀମାନଙ୍କୁ ସ୍ୱଚ୍ଛ ରହିବା ପାଇଁ ପରାମର୍ଶ ଦେଇଥିବା ବେଳେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଛନ୍ତି । ବାହାର ଖାଦ୍ୟଠାରୁ ଦୂରେଇ ରହିବା ସହ ଫୁଟାପାଣି ବ୍ୟବହାର କରିବାକୁ ଏନ୍ଏସି କର୍ତ୍ତୃପକ୍ଷ ପରାମର୍ଶ ଦେଇଥିବା ବେଳେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ କାମାକ୍ଷାନଗର ସହର ଓ ଏହାର ଆଖପାଖ ଅଞ୍ଚଳରେ ଖାଡ଼ାବାନ୍ତି ବ୍ୟାପି ନଥିବା ବେଳେ ଲୋକଙ୍କୁ ଅଧିକରୁ ଅଧିକ ସଚେତନ ରହିବା ସହ ସ୍ୱଚ୍ଛତା ଉପରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦିଆଯାଇଛି।

# ଭୁବନରେ ବଢୁଛି ଖାଡ଼ାବାନ୍ତି ସଂକ୍ରମଣ, ବିଭାଗୀୟ ଅଧିକାରୀଙ୍କ ଗୁରୁତ୍ୱ ନାହିଁ

ଭୁବନ, ୧୮।୬ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓ ଏନଏସିରେ ଦିନକୁ ଦିନ ଖାଡ଼ାବାନ୍ତି ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଏବେ ଏନଏସି ଓ ବ୍ଲକରେ ୯୮ ଜଣ ରୋଗୀ ସଂକ୍ରମିତ ହୋଇଥିବା ବେଳେ କେତେକ ଘରକୁ ଫେରିଥିବା ବେଳେ କେତେକଣ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜିଲା ଚିକିତ୍ସା ଅଧିକାରୀଙ୍କ ସହିତ ପ୍ରଶାସନିକ ଅଧିକାରୀ ଭୁବନ ପରିଦର୍ଶନ କରି ସ୍ଥିତି ନିରୀକ୍ଷଣ ପରେ ଲୋକମାନଙ୍କୁ ସଚେତନ ରହିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଇଛନ୍ତି । ପରେ କାମାକ୍ଷାନଗର ଉପଜିଲ୍ଲାପାଳ ଉଠାଦୋକାନୀ ସହିତ ଦହିବରା ଆଲୁଦମ, ଚାର୍ଟ ଓ ଗୁପଚୁପ ଦୋକାନକୁ ତାଗିଦ କରିଛନ୍ତି । ହେଲେ ସେ ତାଗିଦକୁ ବେଖାତିର କରି ଭୁବନର ବିଭିନ୍ନ ସ୍ଥାନରେ ଖୁଲମଖୋଲା ବିଭିନ୍ନ ଚେଇଁଭାଜି ଖାଦ୍ୟ ଓ ହୋଟେଲରେ ବାସୀଖାଦ୍ୟ ବିକ୍ରି ହେଉଥିବା ଦେଖାଯାଉଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଗୁରୁତ୍ୱ ନଦେବେଲେ ରୋଗ ସହିତ ରୋଗୀଙ୍କର ସଂଖ୍ୟା ବଢିବ । ବୁଧବାର ଭୁବନ ଏନଏସିର ୫ ଜଣ ଓ ବ୍ଲକର ମୃଙ୍ଗଗୀ ଗ୍ରାମର ନୂଆ ଖାଡ଼ାବାନ୍ତି ଆକ୍ରାନ୍ତ ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଜଣେ ରୋଗୀ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବା ସହିତ ଖାଦ୍ୟ ଯାଞ୍ଚ କମିଟି ଖାଦ୍ୟ ଦୋକାନ ଉପରେ ଚଢ଼ାଉ କରି ଯାଞ୍ଚ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଆଇଆଇଏମ୍‌ସିରେ ସ୍ପଟ୍ ଆଡମିଶନ ଆଜି

## ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ

ଢେଙ୍କାନାଳ,୧୮।୬ (ରତନ ନାୟାର)

ଢେଙ୍କାନାଳ ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଗୁରୁବାର ଓଡିଆ ସାମ୍ବାଦିକତା ପିଜି ଡିପ୍ଲୋମାରେ ସ୍ପଟ୍ ଆଡିମିଶନ ପାଇଁ ଲିଖିତ ଓ ସାକ୍ଷାତକାର ପୂର୍ବାହ୍ନ ୧୧ଟା ସମୟରେ ଅନୁଷ୍ଠିତ ହେବ । ବିଶେଷକରି ଅନୁସୂଚିତ ଜାତି ଓ ଜନଜାତି, ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଓ ପଛୁଆବର୍ଗଙ୍କ ପାଇଁ ସିଟ୍ ରହିଛି । ସାଧାରଣବର୍ଗ ପ୍ରାର୍ଥୀମାନେ ମଧ୍ୟ ଆବେଦନ କରିପାରିବେ ବୋଲି ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି ।

# ବିକଶିତ ଓଡ଼ିଶା ପାଇଁ ବିକଶିତ ଢେଙ୍କାନାଳ ପରାମର୍ଶ କର୍ମଶାଳା

- ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭
- ବିକଶିତ ଓଡ଼ିଶା ଗଠନରେ ଢେଙ୍କାନାଳ ଜିଲା ପ୍ରମୁଖ ଭୂମିକା ଗ୍ରହଣ କରିବ

ଢେଙ୍କାନାଳ,୧୮।୬(ରତନ ନାୟାର)

ବିକଶୀତ ଓଡ଼ିଶା ପାଇଁ ଭିଜନ ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ ବୁଧବାର ଅପରାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କାମାକ୍ଷାନଗର ବିଧାୟକ ଶତୃଘନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାରେ ଜଳସମ୍ପଦ, ଆବଶ୍ୟକ ଜମି, ବିଦ୍ୟୁତ ଶକ୍ତି ଯୋଗାଣ, ଯୋଗାଯୋଗ ଓ ପରିବହନର ସୁବିଧା ସୁଯୋଗ ଥିବାରୁ ଶିଳ୍ପାୟନ, ପର୍ଯ୍ୟଟନ ଓ



ପରାମର୍ଶ କର୍ମଶାଳାରେ ବିଧାୟକ, ବିଧାୟିକାଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ।

କୃଷି ଉଦ୍ୟୋଗ କ୍ଷେତ୍ରରେ ଢେଙ୍କାନାଳ ଜିଲା ଶ୍ରେଷ୍ଠ ଜିଲ୍ଲା ଭାବେ ପରିଚିତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଆଗାମୀ ୫ବର୍ଷ ମଧ୍ୟରେ ଢେଙ୍କାନାଳ ଜିଲା ଏକ ଶ୍ରେଷ୍ଠ ଜିଲାରେ ପରିଣତ ହୋଇପାରିବ ବୋଲି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରକାଶ କରିଛନ୍ତି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନରେ ଢେଙ୍କାନାଳ ଜିଲା ପ୍ରମୁଖ ଭୂମିକା ଗ୍ରହଣ କରିବ। ଶିଳ୍ପାୟନ, ସୌର ପ୍ରକଳ୍ପ ପ୍ରତିଷ୍ଠା, ପର୍ଯ୍ୟଟନ ଓ କୃଷି ଉଦ୍ୟୋଗ ଆଦିର ବିକାଶ ସହିତ ଆଦ୍ୟ ସନାତନ ଧର୍ମର ପ୍ରଚାର ପ୍ରସାର ଘଟିବ ବୋଲି ସେ କହିଥିଲେ। ପ୍ରାରମ୍ଭରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତିରଞ୍ଜନ ସେଠୀ ବିଭିନ୍ନ ବିଭାଗରେ ହେଉଥିବା ବିଭିନ୍ନ ପ୍ରମୁଖ କାର୍ଯ୍ୟକ୍ରମ ଓ ଯୋଜନା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ଶିଳ୍ପ ଅନୁଷ୍ଠାନ ଓ ବାଣିଜ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା, ଶିକ୍ଷାବିତ୍, ଗଣମାଧ୍ୟମର ପ୍ରତିନିଧି, ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜିଲାର ସାମଗ୍ରୀକ ବିକାଶ ସମ୍ପର୍କରେ ପ୍ରସ୍ତାବ ରଖି ମତାମତ ପ୍ରଦାନ କରିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଦାଶିଳା ଗ୍ରାମରେ ଦ୍ୱିତୀୟ ରଜ ମହୋତ୍ସବ

ଢେଙ୍କାନାଳ,୧୮।୬(ରତନ ନାୟାର):

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଦାଶିଳା ଗ୍ରାମରେ ଦୁଇଦିନ ଧରି ଦ୍ୱିତୀୟ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ୧୪ ତାରିଖରେ ଅନୁଷ୍ଠିତ ଉତ୍ସବରେ ରାଜ ପରିବାର ସଦସ୍ୟ ରାଜୀବ ଲୋଚନ ସିଂହଦେଓ ଏବଂ ତାଙ୍କର ସ୍ତ୍ରୀ ସୁସ୍ମିତା ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ବିମଳକୃଷ୍ଣ ଥମ୍ବ, ସମ୍ମାନିତ ଅତିଥି ଭାବେ ପ୍ରଦ୍ୟୁମ୍ନ କୁମାର ନାୟକ, ମୁଖ୍ୟବକ୍ତା ଭାବେ ସୀତାଂଶୁ ଶେଖର ରଥ, ସରପଞ୍ଚ ପ୍ରତାପ କୁମାର ସାହୁ, ବନଜ କୁମାର ରଥ ଓ ପୁରୁଷୋତମ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ କୃପାସିନ୍ଧୁ ରଥ ଓ ସ୍ୱର୍ଗତ ବ୍ରଜବନ୍ଧୁ ମହାନ୍ତିଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ଓ ସ୍ୱର୍ଗତ ଶଶାଙ୍କ ଶେଖର ରଥଙ୍କୁ ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ଭାବେ ମରୋଣତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ଖବରଦାତା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଶିଶିର କୁମାର ଶତପଥୀଙ୍କ ସମେତ ନିତ୍ୟାନନ୍ଦ ରଥ, ରାଜ କିଶୋର ରାଉତ, ଚିତରଞ୍ଜନ ପାତ୍ର, ସୁରେଶ ରାଉତ, ବିକାଶ ଜେନା, ଦିପ୍ତିମୟୀ ପଣ୍ଡା, କମଳା ପରିଡା ଓ ଇତିଶ୍ରୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଦ୍ୱିତୀୟ ଦିନ ବୟନିକା ଓଡିଶାର ସଭାପତି ପ୍ରକାଶ ମେହେର ମୁଖ୍ୟ ଅତିଥି ଭାବେ, ଅନିତା ରଥ ମୁଖ୍ୟବକ୍ତା ଭାବେ, ଅମ୍ବିକା ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଏବଂ ପ୍ରତାପ କୁମାର ସାହୁ, ଯଶୋବନ୍ତ ରାଉତ, ପ୍ରାଧ୍ୟାପକ ଅବିନାଶ ପାଣି ଉପସ୍ଥିତ ଥିଲେ। ସେହିପରି ଆଇନଜୀବୀ ନିଶିକାନ୍ତ ସାହୁ ଓ ପୁରୁଷୋତ୍ତମ ରାଉତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଚେତନା କଳା ବିକାଶ କେନ୍ଦ୍ର ଗଦାଶିଳାର ଛାତ୍ରୀଛାତ୍ର ଓ ସ୍ଥାନିୟ ଅଞ୍ଚଳର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କଳାକାରମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଗଦାଶିଳା ରଜ ମହୋତ୍ସବ କମିଟିର ବିଭୁ ପ୍ରସାଦ ରଥ, ଅନିଲ କୁମାର ତୁଙ୍ଗ, ତାପସ ନାୟକ, ସମ୍ମିତ କୁମାର ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନଜ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଗୃହ, ଭତ୍ତା ବଣ୍ଟନ



କାମାକ୍ଷାନଗର, ୧୮।୬ (ସୁଧୀର କୁମାର ପରିଡ଼ା)

କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ବଣ୍ଟନ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଆବାସ ଗୃହ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡରୁ ୧୬ ଜଣ ହିତାଧିକାରୀଙ୍କୁ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ଦୁଇ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧକ୍ଷା ଶକୁନ୍ତଳା ସେଠୀ ଉପସ୍ଥିତ ରହି ବିକାଶ ରଥକୁ ଉଦ୍‌ଘାଟନ କରିଥିବା ବେଳେ କାଉନସିଲର ଝୁଲଣା ବେହେରା, ରୀତାଞ୍ଜଳି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ ପରିଚାଳନା କରିଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ।

# ଉଚିତ ସମୟରେ କ୍ଷତିଗ୍ରସ୍ତଙ୍କୁ ସ୍ଥାନାନ୍ତର କରିବାକୁ ଗୁରୁତ୍ୱାରୋପ

## ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ସମୀକ୍ଷା ବୈଠକ

ଢେଙ୍କାନାଳ,୧୮।୬(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ସଦଭାବନା ଗୃହଠାରେ ଆଗାମୀ ବର୍ଷା ଓ ବାତ୍ୟାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଯେକୌଣସି ସମୟରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଉଚିତ ସମୟରେ କ୍ଷତିଗ୍ରସ୍ତ ଆଶଙ୍କା ଥିବା ଲୋକଙ୍କୁ ଓ ଗୃହ ପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାକୁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ସରୋଜ କୁମାର ସାହୁ ଗୁରୁତ୍ୱାରୋପ କରିଥିଲେ । ସମସ୍ତ ବିଭାଗ



ଯଥାଶୀଘ୍ର ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଏବଂ ବନ୍ୟା-ବାତ୍ୟା ପରବର୍ତ୍ତି ସମୟର ପ୍ରସ୍ତୁତି ସମ୍ପର୍କିତ ପ୍ଲାନ ପ୍ରସ୍ତୁତ କରି ସଂପୃକ୍ତ ସମସ୍ତ ଗୃପରେ ଜଣାଇବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲା ଆପାତକାଳୀନ ଅଧିକାରୀ ସୁଦିପ୍ତ କୁମାର ସାହୁ ସାମ୍ଭାବ୍ୟ ବର୍ଷାକୁ ଦୃଷ୍ଟିକୁ ନେଇ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ବିଭାଗ, କୃଷି ଓ ଉଦ୍ୟାନ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ, ମତ୍ସ୍ୟ ବିଭାଗ, ଜିଲା ସମାଜ ମଙ୍ଗଳ, ଜିଲା ସାମାଜିକ ସୁରକ୍ଷା, ପରିବହନ ବିଭାଗ, ବେସାମରିକ ଯୋଗାଣ ବିଭାଗ ଏବଂ ଓଡ୍ରାଫ୍ ଟିମର କର୍ମକର୍ତ୍ତାମାନେ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସଂଜୟ କୁମାର ମହାପାତ୍ର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନଙ୍କ ସମେତ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସ୍ମାଇଲ୍‌ଶ୍ରୀ ପଟ୍ଟନାୟକ ରଜରାଣୀ ବିଜେତା

## ରଜ ଉତ୍ସବ-୨୦୨୫

ଢେଙ୍କାନାଳ,୧୮।୬(ରତନ ନାୟାର)

ଢେଙ୍କାନାଳ ସୂର୍ଯ୍ୟ କନଭେନସ ହଲଠାରେ ସୂର୍ଯ୍ୟ ଗ୍ରୁପ୍ ଓ ଗୁରୁଦେବଜୀ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ୩ଦିନ ଧରି ଅନୁଷ୍ଠିତ ରଜ ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ରଜରାଣୀ ୨୦୨୫ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚଳିତବର୍ଷ ଏହି ପ୍ରତିଯୋଗିତାରେ ସ୍ମାଇଲଶ୍ରୀ ପଟ୍ଟନାୟକ ନିଜ ପ୍ରତିଭା ପ୍ରଦର୍ଶନ କରି ରଜରାଣୀ ବିଜେତା ହୋଇଥିଲେ। ପ୍ରଥମ ରନର୍ସଅପ୍ ଭାବେ ଦେବସ୍ମିତା ସାହୁ, ଦ୍ୱିତୀୟ ରନର୍ସଅପ୍ ଭାବେ ସାଇଶ୍ୱେତା ବିଶ୍ୱାଳ ପୁରସ୍କୃତ ହୋଇଥିଲେ । ଉତ୍ସବରେ ପୁଚି, ମେହେନ୍ଦି, ଅଳତା, ଫୁଲ ଗୁନ୍ଥା, ନୃତ୍ୟ, ରଜଗୀତ, ଚିତ୍ରାଙ୍କନ, ଫଟୋ ଆଦି



ବିଭିନ୍ନ ପାରମ୍ପରିକ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ଶତୃଘ୍ନ ମାଟି, ଆୟୁଷୀ ମିଶ୍ର, ଦେବୋଲିନେ ବରାଳ, ବିଜୟ ମିଶ୍ର ଓ ରୋଜାଲିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ. ଶକୁନ୍ତଳା ଜେନା, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡିଆ ଅଧାପିକା ଡ. ମଞ୍ଜୁଲିକା ନାୟକ, ଶ୍ରୀଚୈତନ୍ୟ ସ୍କୁଲର ଅଧକ୍ଷା ସୁମନ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ । ପରେ ଅତିଥିମାନେ ରଜଦୋଳି, ପୋଡପିଠା ଓ ରଜ ପାନର ମଜାନେବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସୂର୍ଯ୍ୟ ଗ୍ରୁପର ସୌମେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଗୁରୁଦେବଜୀ ଫାଉଣ୍ଡେଶନର ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନିର୍ବାଣ ତିୱାରୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ପଶାସିଂ ଗ୍ରାମବାସୀଙ୍କ ଭରସା ନାଳଚୁଆ ପାଣି

## ୬୦ବର୍ଷ ବିତିଲା

ଢେଙ୍କାନାଳ,୧୮।୬(ରତନ ନାୟାର)

ଢେଙ୍କାନାଳ ଜିଲା ଓଡପଡା ବ୍ଲକ ପଶାସିଂ ଗ୍ରାମରେ ପାନୀୟଜଳ ଅଭାବ ଏକ ଜଟିଳ ସମସ୍ୟାରେ ପରିଣତ ହୋଇଛି । ବର୍ଷେ ନୁହେଁ କି ଦୁଇବର୍ଷ ନୁହେଁ, ୬୦ବର୍ଷ ବିତିବା ପରେ ମଧ୍ୟ ନାଳଚୁଆ ପାଣିରେ ଭରସା କରିଛନ୍ତି ଗ୍ରାମବାସୀ । ଗ୍ରାମ ଦେଇ ବହି ଯାଇଥିବା ଏକ ନାଳ କଡରେ ଚୁଆଖୋଳି ଗ୍ରାମର ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି । ହାତୀ ଭୟ ସତ୍ୱେ ଗ୍ରାମବାସୀ ଚୁଆରୁ ପାଣି ସଂଗ୍ରହ କରିବା ପାଇଁ ଆସୁଛନ୍ତି। ବାରମ୍ବାର ଆପତ୍ତି ଅଭିଯୋଗ ପରେ ମଧ୍ୟ ପାନୀୟଜଳ ଓ ପରିମଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ପଶାସିଂ



ପଶାସିଂ ଗ୍ରାମର ମହିଳାମାନେ ଚୁଆରୁ ପାଣି ସଂଗ୍ରହ କରୁଛନ୍ତି।


ଗ୍ରାମରେ ଏକ ବୋରିଂ ମେଶିନ କରାଯାଇ ସୋଲାର ବ୍ୟବସ୍ଥାରେ ପାନୀୟଜଳ ଯୋଗାଣ ବନ୍ଦୋବସ୍ତ କରାଯାଇଥିଲେ ମଧ୍ୟ ଏଥିରୁ ଯେଉଁ ପାଣି ବାହାରୁଛି, ତାହା ବ୍ୟବହାରଯୋଗ୍ୟ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରନ୍ତି । କେବଳ ପଶାସିଂ କାହିଁକି ଆଖପାଖର ବହୁ ଗ୍ରାମରେ ମଧ୍ୟ ଏଭଳି ପାନୀୟ ଜଳ ସମସ୍ୟା ଜଟିଳରୂପ ଧାରଣ କରିଛି । ଗ୍ରାମରେ ପିଇବା ପାଣି ସମସ୍ୟାକୁ ନେଇ ଅନେକ ଲୋକ କିଡନୀ ରୋଗରେ ଆକ୍ରାନ୍ତ ମଧ୍ୟ ହେଲେଣି । କିଛିଦିନ ତଳେ ଗ୍ରାମବାସୀ ପାନୀୟଜଳ ଯୋଗାଣ ଦାବିରେ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇ ପ୍ରତିବାଦ କରିଥିଲେ। ଏଥିରେ କୌଣସି ପଦକ୍ଷେପ ନିଆ ନଯିବାରୁ ସରପଞ୍ଚଙ୍କୁ ସାଥିରେ ଧରି ଜିଲା କାର୍ଯ୍ୟାଳୟକୁ ଆସି ମଧ୍ୟ ଅଭିଯୋଗ କରିଥିଲେ । ତଥାପି ସମସ୍ୟାର ସମାଧାନ ହେଲାନି । ଏ ସଂକ୍ରାନ୍ତରେ ସଦାଶିବପୁର ଗ୍ରାମପଞ୍ଚାୟତ ସରପଞ୍ଚ ଧରିତ୍ରୀ ମଲ୍ଲିକ କୁହନ୍ତି ଯେ, ଗ୍ରାମ ପଞ୍ଚାୟତର ପଶାସିଂ ସମେତ ୯ଟି ଗ୍ରାମରେ ପାନୀୟଜଳ ସମସ୍ୟା ଜଟିଳ ହେଲାଣି । ପାନୀୟଜଳ ସମସ୍ୟାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମବାସୀ ମୋତେ ଦିନେ ତାଲା ପକାଇ ଦେଇଥିଲେ । ଏ ସମ୍ପର୍କରେ ମୁଁ ଜିଲା ପ୍ରଶାସନଠାରେ ଆରମ୍ଭ କରି ବିଭିନ୍ନ ଅଧିକାରୀମାନଙ୍କୁ ଜଣାଇଥିଲି । ତଥାପି କୌଣସି ପଦକ୍ଷେପ ନିଆଗଲା ନାହିଁ । ପଶାସିଂ ଗ୍ରାମରେ ନାଳକଡ ଚୁଆରୁ ଗ୍ରାମର ମହିଳାମାନେ ନଡିଆ ଷଢେଇରେ ପାଣି ସଂଗ୍ରହ କରି ଗରାରେ ଭର୍ତି କରି ଆସୁଛନ୍ତି। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରି ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ଆମର ଦାବି ରହିଛି।

# ଶ୍ରୀଚୈତନ୍ୟଙ୍କ ବ୍ରହ୍ମଗିରି ପଦାର୍ପଣ

ଜ୍ୱରରେ ପଡ଼ିତ ହୋଇ ଦାରୁଦିଅଁ ଶ୍ରୀମନ୍ଦିର ଅଣସର ଘରେ ବିଶ୍ରାମ ନେଉଛନ୍ତି। ଏବେ ଭକ୍ତମାନେ ପଟିଦିଅଁଙ୍କୁ ଦର୍ଶନ କରୁଛନ୍ତି। ବିଶ୍ୱାସ ରହିଛି, ଏହି ସମୟରେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କୁ ଦର୍ଶନ କଲେ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଅଲାରନାଥଙ୍କ ଦର୍ଶନ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ବ୍ରହ୍ମଗିରି ଏକ ପବିତ୍ରତମ ସ୍ଥାନ। ପୌରାଣିକ ଯୁଗରୁ ଏହାର ଖ୍ୟାତି ରହିଛି। କିମ୍ବଦନ୍ତୀରୁ ଜଣାଯାଏ, ବିଷ୍ଣୁ ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୁରୁଷୋତ୍ତମ ନିମିତ୍ତ ମନ୍ଦିରର ପ୍ରତିଷ୍ଠା ପାଇଁ ସୃଷ୍ଟିକର୍ତ୍ତା ବ୍ରହ୍ମା ଯେଉଁ ଗିରିବେଷ୍ଟିତ ଅଞ୍ଚଳରେ ପାଦ ଦେଇଥିଲେ, ସେହି ପବିତ୍ର ଧାମ ହିଁ ବ୍ରହ୍ମଗିରି।

ଏହା ଏକ ପବିତ୍ର ସ୍ଥାନ ହୋଇଥିବାରୁ ତଥା ବିଷ୍ଣୁ ଉପାସକ ଆଲାୱାରମାନେ ଏଠାରେ ବସବାସ କରୁଥିବାରୁ ସେହି ଆଲାୱାର ସାଧୁମାନେ ବ୍ରହ୍ମଗିରିଠାରେ 'ଅଲୋୟାରନାଥ'ଙ୍କ ବିଗ୍ରହ ପ୍ରତିଷ୍ଠା କରି ପୂଜା ଉପାସନା କରୁଥିଲେ। ଏଣୁ ଅଲୋୟାରନାଥ ସ୍ଥାନୀୟ ଲୋକଙ୍କ ମୁଖରେ ଅପଭ୍ରଂଶ ହୋଇ ଅଲାରନାଥ ନାମରେ ନାମିତ ହେଲେ। ଶ୍ରୀଅଲାରନାଥଙ୍କ ପୂଜାପଦ୍ଧତିରେ ବୈଷ୍ଣବୀୟ ପରମ୍ପରାର ପ୍ରଭାବ ରହିଛି। ବିଷ୍ଣୁ ମନ୍ତ୍ରରେ ଶ୍ରୀଅଲାରନାଥଙ୍କ ଭୋଗପୂଜା ନୀତି ସମାହିତ ହୋଇଥାଏ। ଅଲୋୟାର ଏକ ଦ୍ରାବିଡ଼ ଶବ୍ଦ, ଯାହାର ଅର୍ଥ ହେଉଛି ଭକ୍ତ। ଅଲୋୟାରନାଥ ଅର୍ଥ 'ଭକ୍ତର ନାଥ'। ମହାପ୍ରଭୁ ଶ୍ରୀଅଲାରନାଥ ପ୍ରକୃତରେ ଭକ୍ତର ନାଥ। ପ୍ରଭୁଙ୍କ ଅଲାରନାଥ ନାମକରଣ ନେଇ ଏକ କିମ୍ବଦନ୍ତୀ ରହିଛି। ଶ୍ରୀଚୈତନ୍ୟଙ୍କ ପ୍ରଥମ ଦର୍ଶନରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀଅଲାରନାଥଙ୍କୁ ଏକ ଓ ଅଭିନ୍ନ ବୋଲି ଭାବି ତାଙ୍କ ଅନ୍ତରର ଭକ୍ତି ଅର୍ପଣ କରୁଥିଲେ। ପ୍ରାଚୀନ କବି ଗୋବିନ୍ଦ ଦାସ ବାବାଜିଙ୍କ ବିରଚିତ ଓ ପଣ୍ଡୁଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଦ୍ୱାରା ସମ୍ପାଦିତ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରୁ ଜଣାଯାଏ, ଶ୍ରୀଚୈତନ୍ୟଙ୍କର ଶ୍ରୀଅଲାରନାଥଙ୍କ ପ୍ରତି ଗଭୀର ଭକ୍ତି ଥିଲା। ୧୫୧୫ ମସିହାରେ ତୀର୍ଥାଟନ ସାରି ଶ୍ରୀଚୈତନ୍ୟ ତାଙ୍କର ଦ୍ୱିତୀୟବାର ଶ୍ରୀକ୍ଷେତ୍ର ଆଗମନ କାଳରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଅନୁଗ୍ରହ ଲାଭକରି ତତ୍କାଳୀନ କାଶୀ ମିଶ୍ରଙ୍କ ଘର ବା ବର୍ତ୍ତମାନର ରାଧାକାନ୍ତ ମଠ ଭାବେ ପରିଚିତ ଗମ୍ଭୀରାରେ ଦୀର୍ଘ ଅଠରବର୍ଷ କାଳ ଅବସ୍ଥାନ କରିଥିଲେ। ସେତେବେଳେ ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ପ୍ରାଚୀନ ପଞ୍ଚସଖାଙ୍କ ସହିତ ଶିଷ୍ୟବର୍ଗଙ୍କୁ ସାଙ୍ଗରେ ନେଇ ବହୁବାର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ନାମ ସଂକୀର୍ତ୍ତନ କରୁଥିଲେ।

ସୂଚନାଯୋଗ୍ୟ ୧୫୧୦ ମସିହାରେ ଶ୍ରୀଚୈତନ୍ୟ ତାଙ୍କ ଭକ୍ତିଧାରାର ପ୍ରଚାର ପାଇଁ ଶ୍ରୀକ୍ଷେତ୍ର ଆଗମନ କରିଥିଲେ। ମାତ୍ର ତତ୍କାଳୀନ ରାଗାନୁଗା ପ୍ରେମ ଭକ୍ତି ପ୍ରଚାରର ଅନୁକୂଳ ବାତାବରଣ ନ ଦେଖି ଶ୍ରୀକ୍ଷେତ୍ରରେ ସ୍ୱଳ୍ପକାଳ (ଚୈତନ୍ୟ ଚରିତାମୃତ ମତରେ ୩ ମାସ, ଚୈତନ୍ୟ ଚନ୍ଦ୍ରୋଦୟ ନାଟକ ମତରେ ୧୮ ଦିନ) ଅବସ୍ଥାନ କରି ସେ ଦକ୍ଷିଣ ଭାରତ ଚାଲିଯାଇଥିଲେ। ୧୫୧୦ରୁ ୧୫୧୫ ମସିହା ପର୍ଯ୍ୟନ୍ତ ସେ ଦକ୍ଷିଣ ଭାରତ, ଉତ୍ତର ଭାରତ, ପଶ୍ଚିମ ଭାରତର ବହୁ ତୀର୍ଥ ଭ୍ରମଣ ସାରି ପୁନର୍ବାର ଶ୍ରୀକ୍ଷେତ୍ରକୁ ଫେରି ଆସିଥିଲେ। ସେତେବେଳେ ଦକ୍ଷିଣରୁ ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ବର୍ତ୍ତମାନ ଭଳି ସଡ଼କପଥରେ କୌଣସି ସୁବିଧା ନ ଥିଲା। ଦକ୍ଷିଣରୁ ଆସିବାକୁ ହେଲେ ଚିଲିକା ପାରି ହୋଇ ଚିଲିକା ଉପକୂଳ ରାସ୍ତା ଦେଇ କିମ୍ବା ସମୁଦ୍ରକୂଳ ରାସ୍ତା ଦେଇ ମଙ୍ଗଳାଘାଟ ପାର ହୋଇ ଶ୍ରୀକ୍ଷେତ୍ରକୁ ଆସିବାକୁ ପଡୁଥିଲା। ଆସିବା ବାଟରେ ପଡୁଥିଲା ବ୍ରହ୍ମଗିରି ଓ ଶ୍ରୀଅଲାରନାଥ ମନ୍ଦିର। ୧୫୧୫ ମସିହାରେ ଶ୍ରୀଚୈତନ୍ୟ ଦକ୍ଷିଣ ଭାରତରୁ ଶ୍ରୀକ୍ଷେତ୍ର ଆସିବା ସମୟରେ ପ୍ରଥମଥର ପାଇଁ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିଥିଲେ। ତାଙ୍କ ଅଲାରନାଥ ଦର୍ଶନ ନେଇ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରେ କୁହାଯାଇଛି– 'ଉତ୍କଣ୍ଠିତ ପ୍ରଭୁ ତଥି ଘାଟିମାନ ବାଟ ଦେଇ, ବ୍ରହ୍ମଗିରି ପଥେ ତଥି ଉପସ୍ଥିତ ହୋଇ'।



–ଅଜିତ କୁମାର ମହାନ୍ତି, ପୁରୀ

# ବିଶ୍ୱସ୍ତରୀୟ ଉଦ୍ୟମର ଆବଶ୍ୟକତା ରହିଛି

## ଆଜି ବିଶ୍ୱ ସିକଲ୍ ସେଲ୍ ଦିବସ

ପ୍ରତିବର୍ଷ ଜୁନ୍ ୧୯ ତାରିଖକୁ 'ବିଶ୍ୱ ସିକଲ୍ ସେଲ୍ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି–'ବିଶ୍ୱସ୍ତରୀୟ ଉଦ୍ୟମ : ଏହାର ସ୍ଥାନୀୟ ପ୍ରଭାବ ଏବଂ ସମାଜକୁ ଏ ନେଇ ଅଧିକାର ଦେବା'। ସିକଲ୍ ସେଲ୍ ଏକ ଗୁଣସୂତ୍ରଜନିତ(ଜେନେଟିକ୍) ରୋଗ ହୋଇଥିବାରୁ ଏହି ସମସ୍ୟା ବିଶ୍ୱ ଜନସଂଖ୍ୟାର ପାଖାପାଖି ୪ ପ୍ରତିଶତ ବ୍ୟକ୍ତିଙ୍କ ପାଖରେ ଥାଏ। ଏ ସମ୍ପର୍କରେ ବରିଷ୍ଠ ଚିକିତ୍ସକ ଡା. ରାମଚନ୍ଦ୍ର ରାଉତ କହନ୍ତି, ପ୍ରତିବର୍ଷ ବିଶ୍ୱରେ ପାଖାପାଖି ତିନି ଲକ୍ଷ ଶିଶୁ ହିମୋଗ୍ଲୋବିନ୍ ତ୍ରୁଟି ଥାଇ ଜନ୍ମ ନେଇଥାଆନ୍ତି। ସିକଲ୍ ସେଲ୍ ରୋଗରେ ଗୋଲ ଓ ଚେପଟା ଆକାରର ଲୋହିତ ରକ୍ତ କଣିକା ଅଷ୍ଟମୀ ଚନ୍ଦ୍ର ପରି ହୋଇଥାଏ। ଫଳରେ ଏହା ରକ୍ତ ଶିରା ଓ ଧମନୀରେ ସ୍ୱଚ୍ଛନ୍ଦରେ ପ୍ରବାହିତ ନ ହୋଇ କମ୍ ସମୟରେ ନଷ୍ଟ ହୋଇଯାଏ। ରକ୍ତ ଧମନୀ ଓ ଶିରା ଅବରୋଧ ଦ୍ୱାରା ଯନ୍ତ୍ରଣା ହୋଇଥାଏ। ପରବର୍ତ୍ତୀ ସମୟରେ ସଂକ୍ରମଣ ହୋଇ କୋଷ ସମୂହ ନଷ୍ଟ ହୋଇଯାଏ। ଥାଲାସେମିଆ ରୋଗ ସମୂହରେ ମଧ୍ୟ ହିମୋଗ୍ଲୋବିନ୍‌ରେ ତ୍ରୁଟି ଥାଏ ଏବଂ ଆଲଫା ଓ ବିଟା ଶିକୁଳି ତ୍ରୁଟିଯୁକ୍ତ ହୋଇଥାଆନ୍ତି। ସ୍ଥଳ ବିଶେଷରେ ଏହି ହିମୋଗ୍ଲୋବିନୋପ୍ୟାଥି ସାମାନ୍ୟ ଓ ଗୁରୁତର ହୋଇଥାଏ।



ସିକଲ୍ ସେଲ ରୋଗ ସବୁ ମାତା–ପିତାଙ୍କ ଜିନ୍ (ଗୁଣସୂତ୍ର) ଦ୍ୱାରା ପିଲାମାନଙ୍କୁ ଆସିଥାଏ ଓ ଉଭୟଙ୍କର ତ୍ରୁଟି ଥିଲେ ପିଲାମାନଙ୍କୁ ଏହା ଗୁରୁତର ଭାବେ ଆକ୍ରାନ୍ତ କରିଥାଏ। ମା'ବାପାଙ୍କଠାରୁ ଶିଶୁମାନେ ଏହାଦ୍ୱାରା ଆକ୍ରାନ୍ତ ହେବା ପ୍ରାୟ ୨୫ ପ୍ରତିଶତ ଏବଂ ୫୦ ପ୍ରତିଶତ ଏହାର ବାହକ ହେବା ଆଶଙ୍କା ଥାଏ। ଏହି ରୋଗସମୂହର ହ୍ରାସ ପାଇଁ ରୋଗାକ୍ରାନ୍ତ ଶିଶୁଙ୍କର ଉପଯୁକ୍ତ ଚିକିତ୍ସା ଓ ପରିଚାଳନା ତଥା ଏହା କିପରି ନ ହେବ ସେଥିପ୍ରତି ପ୍ରତିଷେଧକ ବ୍ୟବସ୍ଥା କରାଯାଇଛି। ଏହି ରୋଗୀମାନେ ଉପଯୁକ୍ତ ତରଳ ପାନୀୟ, ସୁଷମ ଖାଦ୍ୟ, ଫଲିକ୍ ଏସିଡ୍ ବଟିକା ସେବନ, ଯନ୍ତ୍ରଣା ଲାଘବ ପାଇଁ ଔଷଧ (ସ୍ଥଳ ବିଶେଷରେ), ଅନ୍ୟ ସଂକ୍ରମଣ ନ ହେବା ପାଇଁ ଟିକା ଓ ଚିକିତ୍ସା ତଥା ଯେଉଁ ସମୟରେ କୌଣସି ଅନ୍ୟ ରୋଗ ହୁଏ ତାହାର ଆଶୁ ଚିକିତ୍ସା କରିବା ଦରକାର। ଏହା ସହିତ ଥାଲାସେମିଆ ମେଜରରେ ରକ୍ତ ସଞ୍ଚାଳନ ଦରକାର ପଡ଼େ। ଅସ୍ଥିମଜ୍ଜା ପ୍ରତିରୋପଣ ଆମ ରାଜ୍ୟରେ ଆରମ୍ଭ ହେବା ଏକ ଉଲ୍ଲେଖନୀୟ ଘଟଣା। ଏହା ସହିତ ଜିନ୍ ଥେରାପି ମଧ୍ୟ ସଫଳତାର ସହିତ କରାଯାଉଛି। ବିବାହ ପୂର୍ବରୁ ସବୁ ପରୀକ୍ଷା ସହ ସିକଲ୍ ସେଲ ପରୀକ୍ଷା କରାଇ ନେବା ଜରୁରୀ। ଶିଶୁଟି ଜନ୍ମ ହେବା ପରେ ଠିକ୍ ଭାବରେ ନ ବଢ଼ିବା, ବାରମ୍ବାର ଦେହ ଖରାପ ହେଲେ କିମ୍ବା ରକ୍ତହୀନତା ସମସ୍ୟା ଦେଖାଦେଲେ ଏହି ପରୀକ୍ଷା କରାଇ ନେବା ଆବଶ୍ୟକ।

# ତ୍ରିପୁରା, ଅରୁଣାଚଳ ପ୍ରଦେଶରେ ଓଡ଼ିଶା ଭିଜିଲାନ୍ସ

## ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମାଙ୍କ ଘର, ଶ୍ୱଶୁର ଘରେ ଚଢ଼ାଉ

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

ଲାଞ୍ଚ ନେବା ମାମଲାରେ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହ କରି ରାଜ୍ୟ ଭିଜିଲାନ୍ସ ଅଧିକ ଖୋଳତାଡ଼ ଚଳାଇଛି। ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସର ୩ଟି ଟିମ୍ ତ୍ରିପୁରା ଓ ଅରୁଣାଚଳ ପ୍ରଦେଶ ଯାଇ ଯାଞ୍ଚ କରୁଥିବା ବୁଧବାର ସୂଚନା ଦିଆଯାଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଉତ୍ତର ତ୍ରିପୁରା ଜିଲା କାଞ୍ଚନପୁରରେ ଥିବା ଧୀମାନଙ୍କ ବାସଭବନ, ହିମାଚଳପ୍ରଦେଶର କୁଲ୍ଲୁଜିଲା ମନାଲି ଥାନା ଅନ୍ତର୍ଗତ ସମିନାଲା ଏବଂ ଲାହୋଲେ ସ୍ପିତି ଜିଲା କିଲଙ୍ଗ୍ ଥାନା ଅନ୍ତର୍ଗତ ରଙ୍ଗବେଷ୍ଟିତ ଶ୍ୱଶୁର ଘର ରହିଛି। ଭିଜିଲାନ୍ସ ଅଧିକାରୀମାନେ ବ୍ୟାଙ୍କ ଜମା ଓ ନିବେଶ ସମ୍ବନ୍ଧୀୟ ଦସ୍ତାବିଜ ଆଦିକୁ ଯାଞ୍ଚ କରୁଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ଯାଞ୍ଚ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଧୀମାନଙ୍କ ଘରେ ଚଢ଼ାଉ ପାଇଁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ୧୩ ତାରିଖରେ ସର୍ଚ୍ଚ ୱାରେଣ୍ଟ ଜାରି ହୋଇଥିଲା। ରବିବାର ଭିଜିଲାନ୍ସ ଟିମ୍ ଦୁଇ ରାଜ୍ୟକୁ ଯାଇ ତଦନ୍ତ ଜାରି ରଖିଛି। କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଥିବା ଧୀମାନଙ୍କୁ ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନିଲମ୍ବନ କରିଥିଲେ। ମଙ୍ଗଳବାର କୋର୍ଟ ଧୀମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

ସୂଚନାଯୋଗ୍ୟ, ବ୍ୟବସାୟିକ ନିୟମରେ ତ୍ରୁଟି ଦର୍ଶାଇ ଧୀମାନ ଜଣେ କ୍ରସର ମାଲିକଙ୍କୁ କିଛିଦିନ ହେବ ଧମକାଉଥିଲେ। ୨୦ ଲକ୍ଷ ଟଙ୍କା ଟଙ୍କା ଲାଞ୍ଚ ନ ଦେଲେ ବ୍ୟବସାୟ ବନ୍ଦ କରିଦେବେ ବୋଲି ସେ ଚେତାବନୀ ଦେଉଥିଲେ। ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୁନ ୮ରେ ଭିଜିଲାନ୍ସ ଟିମ୍ ଧୀମାନଙ୍କୁ ଗିରଫ କରିଥିଲା। ଏହାପରେ ଧର୍ମଗଡ଼ସ୍ଥିତ ସରକାରୀ ଆବାସରୁ ଆଉ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା।

# ଜୁଲାଇ ୯ରେ ପରବର୍ତ୍ତୀ ଶୁଣାଣି, ପୁଣି ସମୟ ନେଲେ ସରକାର

## ହାଇକୋର୍ଟରେ ସାର୍ବଜନୀନ ପାଠାଗାର ମାମଲା

କଟକ,୧୮।୬(କାର୍ତ୍ତିକ ସାହୁ)

ସାର୍ବଜନୀନ ପାଠାଗାରକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ଏ ସଂକ୍ରାନ୍ତୀୟ ତଥ୍ୟର ସତ୍ୟପାଠ ଚଳିତ ଶୁଣାଣିରେ ପ୍ରଦାନ କରିପାରିନାହାନ୍ତି। ଅପରପକ୍ଷରେ ଏ ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ ସରିଛି, ସତ୍ୟପାଠ ଆକାରରେ ଦାଖଲ ପାଇଁ ଅଧିକ ସମୟ ଆବଶ୍ୟକ। ତେଣୁ ଅଧିକ ସମୟ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନ ଗ୍ରହଣ କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୯ ତାରିଖକୁ ଧାର୍ଯ୍ୟ ହୋଇଥିବା ଜଣାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ସାର୍ବଜନୀ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲେ ବି ସେହି ଅନୁସାରେ କାର୍ଯ୍ୟକାରୀ ହେଉନାହିଁ। ଅଧିନିୟମର ଧାରା–୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା–୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠନ ହୋଇନାହିଁ।

### ODISHA HYDRO POWER CORPORATION LTD.
### OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT

AT/PO: BARINIPUT, DIST: KORAPUT- 764006, PHONE:06854-242001, FAX-06854-242038
E-mail: sgmel.ukhep@gmail.com, CIN: U40101OR1995SGC003963

**E-Tender NOTICE No.-04/2025-26, Dated 17.06.2025**

**No.CAD-808:** The Unit Head, Upper Kolab Hydro Electric Project, Bariniput, Koraput, Odisha invites **percentage rate bid in double cover system** in **ONLINE MODE** only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/m to Shifting of Statue near Main Gate Power House, UKHEP, Bariniput and Signage of "UPPER KOLAB POWER HOUSE" UKHEP, Bariniput. | 5,29,462.34/- | 5,294/- | 4,720/- (Rs.40000 + 18% GST) | "C or D" Class | From 10.00 AM of Dt.23.06.2025 to 13.00 Hrs of Dt.30.06.2025 | At 12.30 Hrs. of 01.07.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

OIPR-04002/11/0099/2526 Sd./- Unit Head, UKHEP, Bariniput

### IN THE COURT OF THE ADDL. DISTRICT JUDGE, KAMAKHYANAGAR

R.F.A. 37/2022
No.F-28 First Appeal No.155/1983

1. Collector, Dhenkanal representing the State of Odisha At/Po/Ps- Dhenkanal, Dist- Dhenkanal, Others (Defendants)............ Appellants.

Vrs

Nityananda Panda and Others (plaintiff)............ Respondents

**DRAFT PUBLICATION OF NOTICE**

To
1 (a) Nityananda Panda
1 (b) Niranjan Panda
1 (c) Nirakar Panda
1 (d) Prakash Panda
All are sons of Late Kirtan Panda
At/Po- Anlabereni, Ps-Tumusinga, Dist-Dhenkanal
1 (e) Basanti Panigrahi, W/o- Dibakar Panigrahi, D/o- Late Kirtan Panda, Village/Po- Chitalpur, Ps-Tumusinga, Dist-Dhenkanal (plaintiff)............ Respondents.

Take notice that you are not appearing in the Court in spite of several summons issued to you by this Court, you are directed to appear in the undersigned Court on dt.20.06.25 At 10.30 AM failing which this Appeal shall be heard and decided in your absence.

Sd./-Addl. District Judge Kamakhyanagar
OIPR-24065/11/0001/2526

### idco | ODISHA NEW OPPORTUNITIES
No.CAD-809

### OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

Tender Call Notice No.IDCO/H.O./P&C/ EST/E-2902/01/2025/ 17317, dated: 13.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work:** Improvement and strengthening of road side berm and construction of balance portion drain with cover slab at I/E Angaragadia, Balasore 2025-26.
2. **Estimated Cost :** Rs.135.15 lakh (Approx.)
3. **Period of Completion:** 05 (Five) Calendar Months
4. **Other details :**

| Procurement Officer | Bid ID/ Tender reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-17/2025-26 | 24.06.2025 at 17.00 Hrs. | 11.07.2025 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

Sd./- Chief General Manager (P&C) IDCO, Bhubaneswar
OIPR-14003/11/0178/2526

### ODISHA UNIVERSITY OF TECHNOLOGY AND RESEARCH
P.O. : MAHALAXMI VIHAR, BHUBANESWAR - 751 029

Notice No. OUTR/Transport/2025-26/08Date:12/06/2025

**No.KK-87 : Sealed Tenders are invited** under two bid systems from reputed Registered Tour & Travel Agencies/ Experienced & financially sound Companies/ Private Individuals/ Partnership Firm for providing Light Commercial Vehicle (AC) on monthly/ daily basis to **OUTR, Bhubaneswar**.

Date of available in University Website : 12-06-2025 06:00 P.M.
Last date and time of submission of Bid : 14-07-2025 upto 03.00 P.M.
For details : Please visit : http://www.outr.ac.in
For any query please contact : Prof. Bishnu Narayan Mohapatra
Phone No- 7735430820, Email :- bnm@outr.ac.in

OIPR-16005/11/0095/2526 Sd./- REGISTRAR

### ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in

**INVITATION FOR BIDS (e-Procurement)**
**Bid identification no:- VI-08(06)/SERIFED/2025-26/ 747**

**No.CAD-802** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, for the 01 (One) no of works at Boudh. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 19.06.2025 to 17.00 hours up to dt. 25.06.2025. Online bids shall be received till 17.00 hours dt. 25.06.2025 & shall be opened at 11.30 AM on Dt. 26.06.2025. Any addendum / corrigendum / cancellation of tender can also be seen in the said website.

OIPR-39036/11/0051/2526 Sd./- MANAGING DIRECTOR

### DISTRICT PROJECT MANAGEMENT UNIT PRADHAN MANTRI POSHAN SHAKTI NIRMAN (PM POSHAN)

DISTRICT EDUCATION OFFICE, JAJPUR
Email- deojajpurtown13@gmail.com, dnojajpurmdm@gmail.com
NO. 153/DPMU/DATE: 13.06.2025

**TENDER CALL NOTICE FOR APPOINTMENT OF TRANSPORTING AGENT FOR TRANSPORTATION OF FOODSTUFF UNDER PM POSHAN & MM POSHAN YOJANA**

**No.n-73** : Sealed tenders in the prescribed form are invited from the intending firms/individuals/ Companies/Corporations/Transporting Agencies having valid Transporting agent license under Odisha motor vehicles (licensing of agent) rules, 1990 for transportation of foodstuff (Rice) under PM POSHAN & MM POSHAN YOJANA of School & Mass Education Deptt. in Jajpur District during the year 2024-25. The tender papers along with details of terms and conditions of tender EMD, Capability Certificate and Statutory Requirements can be obtained by downloading from the District Website i.e. **https://jajpur.odisha.gov.in**. The cost of tender paper is Rs.10,500/- (Rupees Ten Thousand Five Hundred) only which is non-refundable and should be submitted with the tender form in shape of Demand draft made in favour of **DISTRICT EDUCATION OFFICER DPMU MDM JAJPUR** payable at **Punjab National Bank, Jajpur Town Branch**. The tender paper complete in all respect alongwith other required documents may be sent in sealed cover superscripted as **"SEALED TENDER FOR UNDERTAKING "TRANSPORTATION WORK OF FOODGRAINS(RICE) UNDER PM POSHAN & MM POSHAN YOJANA"** addressed to the "District Education Officer, Jajpur, District Project Management Unit (MDM), District Education Office, Jajpur, by Registered post /Speed Post only so as to reach before **5 P.M. of 25.06.2025**. The tender shall be opened **at 11 A.M on 26.06.2025** by the Collector, Jajpur or by any officer authorized by him in presence of tenderers or their authorized representatives and tender committee members. The undersigned reserves the right to reject/ cancel any or all the tenders without assigning any reason thereof.

Sd./- Collector & District Magistrate, Jajpur
OIPR-27021/11/0001/2526

See Career Appointment on every Wednesday & Saturday

### OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR

E-Mail : eebbsrrwss@gmail.com
**QUOTATION CALL NOTICE No. 08 of 2025-26**

**No.O-302** : Executive Engineer, RWS&S Division, Bhubaneswar on behalf of the Governor of Odisha invities quotations in sealed covers for the following work as stated below from Authorised Dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (Online UPS-10 KVA & Replacement of Spray Chamber for ICP-MS) |
| 2 | No. of Item | 02(two) |
| 3 | Time for completion | 15 (fifteen) days |
| 4 | Cost of bidding document | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.20.06.2025 (10.00 A.M.) to Dt.30.06.2025 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.30.06.2025 up to 4.00 P.M. |
| 7 | Date & time of opening of Quotation | Dt.01.07.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

Sd./- Superintending Engineer, RWS&S Division, Bhubaneswar
OIPR-25011/11/0018/2526

### OFFICE OF THE MUNICIPAL COUNCIL : KHORDHA

H & UD Department, Govt. of Odisha, Khordha - 752055
E-Mail : khurda_municipality@yahoo.co.in, Phone No. 06755-220674

**"e" Procurement Notice**
**No.1977 / Date : 13.06.2025**

**No.C-535** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Tender Reference No. : KMPLTY/01/2025-26
2. Name of the Work : Civil Construction works as mentioned in website
3. No. of works : 2 Nos.
4. Eastimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From Date. **17.06.2025** at **11:00 A.M.**
8. Last date & time for receipt of bids in the portal : Date. **24.06.2025** up to **05:30 P.M.**
9. Bids received online shall be opened on : Date. **26.06.2025** from **11:00 A.M.**
10. Name and address of the Officer inviting Bid : O/o-Executive Officer, Khordha Municipality

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.

Sd./- Executive Officer Khordha Municipality
OIPR-13082/11/0021/2526

### WATCO OFFICE OF THE GENERAL MANAGER, WATCO DIVISION-II, BHUBANESWAR
No.C-534

Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd.13.06.2025**

1. Nos. of works : 02 Nos (Two Nos)
2. Estimate cost : Rs.364.76 Lakhs & Rs.106.36 Lakhs
3. Period of completion : 03 (Three) Months & 12 (Twelve) Months
4. Class of contractor : B & A Class
5. Date & Time of availability of bid document in the portal : From 11.00 A.M. of Dt. 18.06.25 to 5.00 P.M. of 08.07.2025
6. Last date / time of receipt of bids in the portal : 5.00 P.M. of 08.07.2025
7. Last date & time of seeking clarification : 5.00 P.M. of 23.06.2025
8. Date & time of opening of bids : At 12.30 P.M. of 09.07.2025
9. Name and address of the Officer Inviting Bid : General Manager, WATCO Division-II, BBSR

Further details can be seen from the e-Procurement portal "https://www.tendersorissa.gov.in".

Sd./- GENERAL MANAGER WATCO DIVISION-II, BHUBANESWAR
OIPR-13089/11/0022/2526

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com

Letter No.1904, **1st Corrigendum Notice** Date:12.06.25

1st Corrigendum to Bid Identification No. Tender Online RCK-10/25 invited this Office Letter No.1729, Dt.30.05.2025
**No.O-304:**The changes as detailed below are hereby made in the above N.I.T.:-
**1 Clause No.-06 of NIT modified below:-**

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-10/25 | From 09.06.2025 at 11.00 AM to 23.06.2025 upto 05.00 PM | From 21.06.2025 at 05.00 PM to 09.07.2025 upto 05.00 PM | 23.06.2025 upto 02.00 PM | 09.07.2025 upto 02.00 PM | 24.06.2025 at 11.00 AM | 10.07.2025 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.

Chief Construction Engineer Rural Works Circle, Kendrapara-Jajpur
OIPR-25129/11/0054/2526

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com

Letter No.1902, **2nd Corrigendum Notice** Date:12.06.25

2nd Corrigendum to Bid Identification No. Tender Online RCK-09/25 invited this Office Letter No.1575, Dt.19.05.2025
**No.O-305:**The changes as detailed below are hereby made in the above N.I.T.:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-09/25 | From 28.05.2025 at 11.00 AM to 21.06.2025 upto 05.00 PM | From 21.06.2025 at 05.00 PM to 05.07.2025 upto 05.00 PM | 21.06.2025 upto 02.00 PM | 05.07.2025 upto 02.00 PM | 21.06.2025 at 11.00 AM | 06.07.2025 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.

Sd./- Chief Construction Engineer Rural Works Circle, Kendrapara-Jajpur
OIPR-25129/11/0055/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଏଣ୍ଟ ଖାତା ଖୋଲିଲା ବ୍ଲାକ୍ ଟାଇଗର୍ସ

## ରଗ୍‌ବୀ ପ୍ରିମିୟର ଲିଗ୍

ମୁମ୍ବାଇ, ୧୮।୬

ସ୍ଥାନୀୟ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଦେଶର ସର୍ବପ୍ରଥମ ଜିଏମ୍‌ଆର ରଗ୍‌ବୀ ପ୍ରିମିୟର ଲିଗ୍‌ରେ ପଏଣ୍ଟ ଖାତା ଖୋଲିଛି ଭୁବନେଶ୍ୱର ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ। ପ୍ରଥମ ୨ଟି ମ୍ୟାଚରେ କ୍ରମାଗତ ପରାଜୟ ପରେ ଏହି ଦଳ ବୁଧବାର ଚେନ୍ନାଇ ବୁଲ୍ସ ବିପକ୍ଷ ମ୍ୟାଚକୁ ୨୬-୨୬ ପଏଣ୍ଟରେ ଡ୍ର ରଖିଛି। ଅନ୍ୟପକ୍ଷରେ ଚେନ୍ନାଇ ବୁଲ୍ସ ପ୍ରତିଯୋଗିତାରେ ଅପରାଜେୟ ଆଖ୍ୟା ବଜାୟ ରଖିଛି। ଚେନ୍ନାଇକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ବ୍ଲାକ୍ ଟାଇଗର୍ସ। ଫଳରେ ଦଳ ପାଇଁ ମ୍ୟାଚ ଡ୍ର ରଖିବା ସହଜ ହୋଇ ନ ଥିଲା। ତେବେ ଅଧିକାଂଶ ସମୟ ପଛୁଆ ରହିଥିଲେ ମଧ୍ୟ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟ ଭାଗ କରିଥିଲା। ୪ ମ୍ୟାଚରୁ ଚେନ୍ନାଇ ବୁଲ୍ସର ପଏଣ୍ଟ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୩ ମ୍ୟାଚରୁ ୨ ପଏଣ୍ଟ ହାସଲ କରିଛି। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଏହାର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ହାଇଦ୍ରାବାଦ ହିରୋଜଠାରୁ ୧୪-୨୪ ଓ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ ନିକଟରୁ ୧୦-୩୫ ପଏଣ୍ଟରେ ହାରିଥିଲା। ତୃତୀୟ ମ୍ୟାଚରେ ଦଳ ଚମତ୍କାର ପ୍ରଦର୍ଶନ କରି ଟେବୁଲ ଟପ୍ପର ଚେନ୍ନାଇ ବୁଲ୍ସ ବିପକ୍ଷରେ ମ୍ୟାଚ ଡ୍ର ରଖିଛି। ଚେନ୍ନାଇ ଦଳ ନିଜର ପ୍ରଥମ ୩ ମ୍ୟାଚରେ ଯଥାକ୍ରମେ ମୁମ୍ବାଇ ଡ୍ରିମର୍ସକୁ ୨ଟି ମ୍ୟାଚରେ ୨୪-୫ ଓ ୩୧-୧୭ ଏବଂ ଦିଲ୍ଲୀ ରେଜ୍‌କୁ ୨୧-୭ରେ ପରାସ୍ତ କରିଥିଲା। ବୁଧବାର ଦ୍ୱିତୀୟ ମ୍ୟାଚ ମୁମ୍ବାଇ ଡ୍ରିମର୍ସ ଓ ଦିଲ୍ଲୀ ରେଜ୍ ମଧ୍ୟରେ ଅନୁଷ୍ଠିତ ହେଉଛି।




### ଜନ୍ମଦିନ ଶୁଭେଚ୍ଛା



ଶୁଭଶ୍ରୀ ପୃଷ୍ଟି (ଗୁଗୁଲୁ)
ବାଜପୁର, କାକଟପୁର
ତୋର ୨୬ତମ ଜନ୍ମ ଉତ୍ସବ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା ଶ୍ରୀରାଧା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଆଇ, ବୁବୁଲୁ, ଡୁଡୁଲୁ


# ଆଜିଠୁ ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର



ଖବରଦାତା ସମ୍ମିଳନୀ ଅବସରରେ କର୍ମକର୍ତ୍ତା ଓ ଖେଳାଳିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୮।୬ (ତପନ ସ୍ୱାଇଁ)

ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ଫାଲକନ ଅଲ୍ ଓଡ଼ିଶା ଓପନ ୬ ରେଡ୍ ସ୍ନୁକର ଟୁର୍ନାମେଣ୍ଟ ଗୁରୁବାର ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହେବ। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ କ୍ୟାଲେଣ୍ଡର ବର୍ଷରେ ବିଏସ୍‌ଏଓ ପକ୍ଷରୁ ଏହା ହେବ ୩ୟ ଇଭେଣ୍ଟ। ୬ରେଡ୍ ଫର୍ମାଟ ଚାମ୍ପିୟନଶିପ୍‌ରେ ଏପର୍ଯ୍ୟନ୍ତ ୪୦ ଖେଳାଳି ଅଂଶଗ୍ରହଣ ପାଇଁ ସ୍ୱିକୃତି ଦେଇ ସାରିଛନ୍ତି। ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦, ରନରଅପ୍‌ଙ୍କୁ ୧୧,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଏହା ବ୍ୟତୀତ ସେମିଫାଇନାଲିଷ୍ଟଙ୍କୁ ୫,୦୦୦, କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୨,୫୦୦, ସର୍ବାଧିକ ବ୍ରେକ୍ ପାଇଁ ୫,୦୦୦ ଓ ସର୍ବାଧିକ (୭୫) ପଏଣ୍ଟ ପାଇଁ ୧୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ବିଏସ୍‌ଏଓ ସମ୍ପାଦକ ସମିର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭିନ୍‌ଟେଜ କ୍ଲବର ପ୍ରତିଷ୍ଠାତା ତଥା ମାଲିକ ଅମିୟ ରଞ୍ଜନ ନାୟକ, ପାର୍ଟନର ସତ୍ୟଦୀପ ଦାସ ଏବଂ ଅନ୍ୟ ଅଂଶଗ୍ରହଣକାରୀ ଖେଳାଳିମାନେ ଉପସ୍ଥିତ ଥିଲେ।



ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିବା ଟେମ୍ବା ବାଭୁମାଙ୍କ ଦଳକୁ ବୁଧବାର ଦକ୍ଷିଣ ଆଫ୍ରିକାରେ ଭବ୍ୟ ସ୍ୱାଗତ କରାଯାଇଛି।

# ଜରୁରିକାଳୀନ ବୈଠକ ଡକାଇଲେ ଇସି ସଦସ୍ୟ

## ଏଆଇଟିଏ ବିବାଦ ଘନେଇଲା

ନୂଆଦିଲ୍ଲୀ, ୧୮।୬ (ପି.ଟି.)

ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ନିର୍ବାଚନକୁ ନେଇ ଦେଖାଦେଇଥିବା ବିବାଦ ଘନେଇବାରେ ଲାଗିଛି। ଗତ ବର୍ଷ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିବା ସଭାପତି ଅନିଲ ଜୈନ ଗତ ମେ' ୨୬ ତାରିଖରେ ଫେଡେରେଶନ ନିର୍ବାଚନକୁ ବାତିଲ କରିବା ଲାଗି ଦିଲ୍ଲୀ ହାଇକୋର୍ଟକୁ ଅନୁରୋଧ କରିଥିଲେ। ଏହାର ପ୍ରତିକ୍ରିୟାରେ ଫେଡେରେଶନର କାର୍ଯ୍ୟକାରୀ କମିଟି (ଇସି) ସଦସ୍ୟମାନେ ଆସନ୍ତା ୨୭ ତାରିଖରେ ବୈଠକ ଲାଗି ଡାକରା ଦେଇଛନ୍ତି।

ଜୈନ ବ୍ୟକ୍ତିଗତ ଫାଇଦା ଲାଗି ଫେଡେରେଶନରେ ନିଜ ପଦବୀକୁ ବ୍ୟବହାର କରିଥିବା ନେଇ ଅଭିଯୋଗ ସହ ଏଆଇଟିଏର ଏକ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଆସୋସିଏଶନ ପକ୍ଷରୁ ଅନସ୍ଥା ପ୍ରସ୍ତାବ ଅଣାଯାଇଥିଲା। ପରେ ଅନାସ୍ଥା ପ୍ରସ୍ତାବକୁ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପୂର୍ବରୁ ପ୍ରତ୍ୟାହାର କରାଯାଇଥିଲା। ଏଜିଏମ୍‌ରେ ନୂଆ କାର୍ଯ୍ୟକାରୀ କମିଟି ଲାଗି ସଦସ୍ୟ ନିର୍ବାଚିତ ହୋଇଥିଲେ। ହେଲେ ପୂର୍ବତନ ଖେଳାଳି ସୋମଦେବ ବର୍ମନ ଓ ପୁରବ ରାଜା ନିର୍ବାଚନର ବୈଧତାକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଫଳରେ ସେବେଠାରୁ ନିର୍ବାଚନର ଫଳାଫଳ ବନ୍ଦ ଲିଫାପାରେ କୋର୍ଟଙ୍କ ନିକଟରେ ରହିଛି। ଏଥିଯୋଗୁ ନବ ନିର୍ବାଚିତ ସଦସ୍ୟ ଏପର୍ଯ୍ୟନ୍ତ ନିଜ ଦାୟିତ୍ୱ ସମ୍ଭାଳି ପାରିନାହାନ୍ତି।

ବର୍ମନଙ୍କ ଆବେଦନରେ ପ୍ରତିକ୍ରିୟା ରଖି ଜୈନ ଗତ ମେ' ୨୬ ତାରିଖରେ ନିଜ ଅନୁରୋଧରେ କହିଥିଲେ ଯେ, ଏଆଇଟିଏ ନିର୍ବାଚନକୁ ବାତିଲ କରାଯିବା ଉଚିତ। କିନ୍ତୁ ଫେଡେରେଶନର ପରିଚାଳନା ପାଇଁ ପ୍ରଶାସନିକ କମିଟି (ସିଓଏ)କୁ ନିଯୁକ୍ତ ନକରିବାକୁ ଅନୁରୋଧ କରିଥିଲେ। ନହେଲେ ସିଓଏକୁ ନିଯୁକ୍ତ କରାଯିବା ଦ୍ୱାରା ଆନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ଓ ଏସିଆନ ଟେନିସ ମହାସଂଘ (ଏଟିଏଫ୍) ଆପତ୍ତି ଉଠାଇବେ ଏବଂ ଏଆଇଟିଏ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି, ଯାହାକି ଫେଡେରେଶନର କାର୍ଯ୍ୟରେ ବାଧକ ସାଜିବ। ଅନ୍ୟପକ୍ଷରେ ଜୈନ କୋର୍ଟରେ ତାଙ୍କ ପ୍ରତିକ୍ରିୟା ରଖିବା ପୂର୍ବରୁ ସେମାନଙ୍କ ପରାମର୍ଶ ନେଇନଥିଲେ ବୋଲି ଇସି ସଦସ୍ୟମାନେ ଦାବି କରିଛନ୍ତି। ଏଭଳି ପ୍ରତିକ୍ରିୟା ରଖିବା ଲାଗି ଇସି ସଦସ୍ୟଙ୍କର ସହମତି ଦରକାର। ସେ ଏହାକୁ ସିଧାସଳଖ କୋର୍ଟରେ ଦାଖଲ କରିପାରିବେ ନାହିଁ। ଇସିକୁ ପ୍ରଥମେ ପ୍ରସ୍ତାବ ପାରିତ କରିବାର ଥିଲା। ତା' ପରେ କୋର୍ଟରେ ଉତ୍ତର ରଖାଯାଇପାରିବ। ଜୈନ ସମସ୍ତ ସଦସ୍ୟଙ୍କୁ ଅଯୋଗ୍ୟ କରିବାକୁ ଚେଷ୍ଟା କରୁଛନ୍ତି। ଆଜି ବି ସ୍ୱୀକୃତି ପାଇନଥିବା ବ୍ୟକ୍ତି ଫେଡେରେଶନ ପରିଚାଳନା କରୁଛନ୍ତି ବୋଲି ହିରନମୟ ଚାଟାର୍ଜୀ କହିଛନ୍ତି। ହିରମନ ଆସନ୍ତା ୨୭ ତାରିଖରେ ଇସି ବୈଠକ ଲାଗି ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ ଜୈନ କହିଛନ୍ତି ଯେ, ମୁଁ ଏବେ ବି ଏଆଇଟିଏ ସଭାପତି। ସାଧାରଣ ସମ୍ପାଦକଙ୍କ ବିରୋଧରେ ରିଟ ପିଟିସନ ଦାଖଲ କଲା ବେଳେ ସେମାନେ ମୋ ପରାମର୍ଶ ନେଇନଥିଲେ। ସେମାନଙ୍କର ଲୁକାୟତ ଉଦ୍ଦେଶ୍ୟ ରହିଛି। ମୁଁ ନିର୍ବାଚନ ପ୍ରକ୍ରିୟାରେ ଖୁସି ନଥିଲି। ଏଣୁ ମୁଁ ନାମାଙ୍କନ ଦାଖଲ କରି ନଥିଲି। ସେମାନେ ସ୍ପୋର୍ଟ୍ସ କୋର୍ଡର କାର୍ଯ୍ୟକାଳ ଗାଇଡ୍ ଲାଇନ ପାଳନ କଲେ ନାହିଁ। ଏଆଇଟିଏ ସ୍ପୋର୍ଟ୍ସ କୋଡ୍ ପାଳନ କରିବା ଉଚିତ। ସେମାନେ ଡକାଇଥିବା ଇସି ବୈଠକ ବେଆଇନ। ସାଧାରଣ ସମ୍ପାଦକ ଏହାକୁ ଡକାଇ ନାହାନ୍ତି ଏବଂ ମୋ ପରାମର୍ଶ ମଧ୍ୟ ନିଆଯାଇ ନାହିଁ। ସେମାନେ ମୋ ବିରୋଧରେ ଖରାପ ଓ ଭିତ୍ତିହୀନ ଆଧାରରେ ମୋ ବିରୋଧରେ ଅନସ୍ଥା ପ୍ରସ୍ତାବ ଆଣିଥିଲେ।

## ମାଷ୍ଟର୍ସ କପ୍ ହକି ଆରମ୍ଭ

# କର୍ଣ୍ଣାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ବିଜୟୀ

ଚେନ୍ନାଇ, ୧୮।୬

ହକି ଇଣ୍ଡିଆ ଆନୁକୂଲ୍ୟରେ ବହୁ ପ୍ରତୀକ୍ଷିତ ସର୍ବପ୍ରଥମ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ମହିଳା ବିଭାଗରେ ୮ଟି ଶ୍ରେଷ୍ଠ ଦଳ ଓଡ଼ିଶା, କର୍ଣ୍ଣାଟକ, ହରିୟାଣା, ହିମାଚଳ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ଓ କେରଳ ଦଳ ଅଂଶଗ୍ରହଣ କରିଛନ୍ତି। ସେହିପରି ପୁରୁଷ ବିଭାଗରେ ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଚଣ୍ଡିଗଡ଼, ହରିୟାଣା, କର୍ଣ୍ଣାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ, କେରଳ, ପୁଡୁଚେରୀ ଓ ମଣିପୁର ଆଦି ୧୧ଟି ଦଳ ପରସ୍ପର ସହ ମୁକାବିଲା କରିବେ। ୨୭ ତାରିଖରେ ପ୍ରତିଯୋଗିତା ଶେଷ ହେବ। ପ୍ରଥମ ଦିବସରେ ମର୍ଣାଟକ ଓ ମହାରାଷ୍ଟ୍ର ମହିଳା ଏବଂ ପଞ୍ଜାବ ଓ ତାମିଲନାଡୁ ପୁରୁଷ ବିଭାଗରେ ବିଜୟ ହାସଲ କରିଛନ୍ତି।

ଦିବସର ପ୍ରଥମ ମ୍ୟାଚରେ କର୍ଣ୍ଣାଟକ ମହିଳା ଦଳ ୭-୦ ଗୋଲରେ କେରଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସ୍ନେହା ସି. ୧୫, ୧୭ ଓ ୫୦ତମ ମିନିଟରେ ଗୋଲ ଦେଇ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଅଧିନାୟିକା କେ.କେ. କାର୍ତ୍ତିକ ୪୨ ଓ ୫୫ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ମହାରାଷ୍ଟ୍ର ୫-୦ ଗୋଲରେ ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ପୁରୁଷ ବିଭାଗର ପ୍ରଥମ ମ୍ୟାଚରେ ପଞ୍ଜାବ ୩-୨ ଗୋଲରେ ପୁଡୁଚେରୀକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ପଞ୍ଜାବ ବାଜି ମାରିଛି। ଅନ୍ୟଏକ ମ୍ୟାଚରେ ତାମିଲନାଡୁ ୮-୦ ଗୋଲରେ କେରଳକୁ ହରାଇଛି। ତାମିଲନାଡୁ ପକ୍ଷରୁ ରାମାଦୋସ ଭି. ୧୪ ଓ ୪୪ତମ ମିନିଟରେ ୨ଟି ଗୋଲ ଦେଇଥିଲେ।


# Classified Everyday
0674-2580101, 9692975378



REAL ESTATE

SALE

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9 0 9 0 7 4 6 4 4 5, 7008067338.** D-76275

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**A Commercial Plot Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452** D-76467

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

Positively health benefits SPA expert female therapist homely atmosphere. 8658088274. D-974

LOST

ମୁଁ ଓହିଦ ଶାହା, ବୟସ ୬୧ ବର୍ଷ, ପିତା- ଖଲିଲ ଶାହା ମରହୁମ, ସା- ଦହନାଶୁଣୀ (କାଜିବଜାର), ପୋଷ୍ଟ- ଗରଦପୁର, ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ, ଏକ ଘରବାଡ଼ି ବୃତ୍ତି ପାଇଁ ତୋହିଦ ଶାହାଙ୍କ ଠାରୁ ରେଜିଷ୍ଟ୍ରି ଦଲିଲ ନମ୍ବର ୩୭୩୧ ଗତ ୦୨।୧୧।୨୦୧୭ ରେ ଖରିଦ କରିଥିଲୁ। ଉକ୍ତ ଦଲିଲ ଘରୁ କଚେରି ବଜାର ମାର୍କେଟ ଯିବା ବାଟରେ ହଜିଯାଇଛି, ମୁଁ ଶତଚେଷ୍ଟା କରିସାରିବା ପରେ ମଧ୍ୟ ଉପରଲିଖିତ ଦଲିଲ ପାଇବାରେ ସକ୍ଷମ ହୋଇନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଫୋନ୍- 8249554228, 9776189770 D-985

AFFIDAVIT

I, Suresh Kumar Peddina, S/o Late Pedina Ananta Rao, Resident of ward No.-5, At- Dera Sahi, Gudari, P.O./P.S.- Gudari, Dist.- Rayagada, Odisha, PIN- 765026 declare by this affidavit No.- 480, dated- 21.05.2025, that now onwards I shall be known as Suresh Kumar Pedina for all future purposes. D-980

By virtue of affidavit sworn before the Executive Magistrate, Bhubaneswar, on dated- 17th June 2025, I Smt. Prabhati Badatya, Address: At- Baliapata Basti, GGP Colony, Bhubaneswar- 751025, Odisha, have changed my Minor son name from " Santosh Badadia (old name) to Santosh Badatya" ( new name). Henceforth my minor son shall be known as " Santosh Badatya" for all purposes. D- 972

By virtue of an affidavit sworn before the Notary Public, Sonepur, dated- 10.06.2025, I, Pinki Biswal, At/P.O.- Bhimtikira, P.S.- Binka, Dist.- Subarnapur, Odisha- 767019 declare that I have changed my name from Pinki Swain to Pinki Biswal. Henceforth, I Shall be known as Pinki Biswal for all purposes. D-977

By virtue of an affidavit No.- 1616, dated- 17.06.25, sworn before Executive Magistrate, Bhandaripokhari. I Balaram Sahoo(39) S/o Narahari Sahoo, Vill- Kaharapokhari, P.O.- Piripur, P.S.- Bhandaripokhari, Dist.- Bhadrak, declare that my real name is Balaram Sahoo as per Aadhar xxxx xxxx 2643 & SBI A/C. But in LIC pol. NO.- 586231371, wrongly mentioned as Balabhadra Sahoo. So Balaram Sahoo, Balabhadra Sahoo one & same person for future purposes. D-981

By virtue of an affidavit sworn before the Executive Magistrate, Titilagarh, No.- 413, dated- 10.06.2025, I Anita Poddar, W/o- Late Govind Poddar, R/o. At/P.O./P.S.- Titilagarh, Dist.- Balangir, Odisha, PIN- 767033, declare that I have changed my daughter's name from Krapali Poddar to Kripali Poddar. Henceforth she shall be known as Kripali Poddar for all purposes.
Anita Poddar D-979

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before the Executive Magistrate, Boudh No.- 938, dated- 11.06.25, I Seshadev Meher, R/o. Village- Baghapali, P.O.- Sarasara, P.S./ Dist.- Boudh, Odisha, PIN- 762026, declare that I have changed my son's name from Dipak Meher to Deepak Meher. Henceforth he shall be known as Deepak Meher for all Purposes.
Seshadev Meher D-978

By virtue of an affidavit sworn before in the Court of Executive Magistrate, Hatadihi, Keonjhar, dated- 28.05.2025, I, Shibani Mana, Address- At/P.O./Via- Hatadihi, P.S.- Nandipada, PIN- 758083, Dist.- Keonjhar, State- Odisha, declare that I have changed my name from Shibani Baitha to Shibani Mana. Henceforth, I shall be Known as Shibani Mana for all purposes. D-976

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ଜୁରିଆ ମୁଦୁଲି
ସ୍ଥାନ- ବ୍ରହ୍ମନଗର ୩ୟ ଲାଇନ୍, ହନୁମାନ ମନ୍ଦିର ନିକଟ, ବ୍ରହ୍ମପୁର, ଗଞ୍ଜାମ
ତିରୋଧାନ : ୨୯.୦୬.୨୦୨୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀକୃତ ଜୀବନାଦର୍ଶକୁ ପାଥେୟ କରି ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ପୁତ୍ର- କୃପାସିନ୍ଧୁ ମୁଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ। D-976

**ବାଇକ୍ ଜବତ, ଚାଳକ ଗିରଫ**

**ବଇଣ୍ଡା,(ପରିକ୍ଷିତ ସାହୁ):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ମଙ୍ଗଳବାର ରାତିରେ ଠାକୁରଗଡ଼ ଅଞ୍ଚଳରେ ଗାଡ଼ିମୋଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ଆଠମଲ୍ଲିକ ବାହାଳି ଅଞ୍ଚଳର ଶାନ୍ତନୁ ବାଘଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ୍ (ନମ୍ବର ଓଡି ୨୭- ୫୭୭୧)କୁ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

# ୨୦୩୬ ବେଳକୁ ଓଡ଼ିଶା ସମୃଦ୍ଧ ରାଜ୍ୟ ହେବ: ମନ୍ତ୍ରୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

## ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

**ଅନୁଗୋଳ,୧୮।୬ (ମାନସ ବିଶ୍ୱାଳ)**

ରାଜ୍ୟ ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଗୋଳ ସହରସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ବିକାଶ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ୨୦୩୬ ବେଳକୁ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ ଏବଂ ଅନୁଗୋଳ ଜିଲା ବିକଶିତ ହେଲେ ଓଡ଼ିଶା, ଭାରତ ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସୁଭଦ୍ରା ଯୋଜନାରେ ମା' ମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ, ଓଡ଼ିଶାର ଐତିହ୍ୟ ବିଦ୍ୟାଳୟ ଯୋଜନାରେ ଶତାୟୁ ବିଦ୍ୟାଳୟଗୁଡ଼ିକର ନବୀକରଣ ଆଦି ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଜନମନ ଆଦିବାସୀ ଯୋଜନା, ଜନସାଧାରଣଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ, ସମୃଦ୍ଧ କୃଷକ ଯୋଜନାରେ କୃଷକ ବନ୍ଧୁମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଇନପୁଟ ସହାୟତା, ଉଚ୍ଚ ଶିକ୍ଷାରେ ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ସଂରକ୍ଷଣ, ସୁଦକ୍ଷ ଜଳ ପରିଚାଳନା, ରାସ୍ତା ସଂଯୋଗୀକରଣ, ମହିଳା ସଶକ୍ତୀକରଣ, କୃଷକ ସଶକ୍ତୀକରଣ ଆଦି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଜିଲାପାଳ ଅବଦଲ ମହମ୍ମଦ ଅଖତାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜିଲା ଶ୍ରମ ବିଭାଗ ତରଫରୁ ଶ୍ରମିକମାନଙ୍କୁ ବିଭିନ୍ନ ପ୍ରକାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷରେ ପଦଯାତ୍ରା




ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳନ ଅବସରରେ ପଦଯାତ୍ରାର ଶୁଭାରମ୍ଭ କରାଯାଉଛି।

**ଅନୁଗୋଳ,୧୮।୬ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳନ ଅବସରରେ ଏକ ଜନ ସଚେତନତା ପଦଯାତ୍ରା ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ବୁଧବାର ଆୟୋଜିତ ହୋଇଥିଲା। ଏହା ବିକାଶ ମେଳା ଠାରୁ ବାହାରି ଅନୁଗୋଳ ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସି, ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଜିଲା ଶ୍ରମ ଅଧିକାରୀ (କଲ୍ୟାଣ) ଲିରିକା ରାୟ, ଜିଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ପ୍ରିୟମ୍ବଦା ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ଦେବ ପ୍ରସାଦ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଟ୍ରେଡ୍ ୟୁନିୟନର ସଦସ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧିଙ୍କ ସମେତ ଶ୍ରମ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଛେଣ୍ଡିପଦାରେ ଗଡ଼ିଲା ସଚେତନତା ରଥ



ସଚେତନତା ରଥକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

**ଛେଣ୍ଡିପଦା,୧୮।୬(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ବୁଧବାର ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ 'ଆମ ସଂକଳ୍ପ ନିଶା ନୁହେଁ,ଜୀବନ' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଏକ ନିଶା ନିବାରଣ ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଲୋକନୃତ୍ୟ ମାଧ୍ୟମରେ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଲୋକଙ୍କୁ ସଚେତନ କରାଯାଇଛି। ଅନୁଗୋଳ ଅବକାରୀ ଇନ୍ସପେକ୍ଟର ରମ୍ଭା ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହକାରୀ ସଚିବ ଗୀତାଞ୍ଜଳି ନାଏକ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ବିଜୟ ମାଝୀ ଓ ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରା ପ୍ରମୁଖ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଅବକାରୀ ବିଭାଗ ତତ୍ତ୍ୱାବଧାନରେ ପ୍ରତ୍ୟେକ ପଞ୍ଚାୟତରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବୁଲି ସଚେତନତା କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅବକାରୀ ବିଭାଗର କର୍ମଚାରୀ, ବ୍ଲକ କର୍ମଚାରୀ, ମିଶନ ଶକ୍ତି ମା'ମାନେ ଯୋଗ ଦେଇଥିଲେ।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୧୮।୬(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଢୁରୁଢ଼ା ଗ୍ରାମର କେଶବ ମାଝୀଙ୍କୁ ହଣ୍ଡପା ଥାନା କନ୍ଧରାମୁଣ୍ଡା ଗ୍ରାମର ପବିତ୍ର ସାହୁ ଟାଙ୍ଗିଆରେ ଆକ୍ରମଣ କରିଥିବା କେଶବ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୨୬/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, କେଶବଙ୍କ ଏକ ଛେଳିକୁ ପବିତ୍ର ଆଣିଥିଲେ। ଏ ସମ୍ପର୍କରେ କେଶବ ପଚାରିବାରୁ ଛେଳିକୁ କିଏ ମାରି ଖାଇଦେଲା ବୋଲି ପବିତ୍ର କହିଥିଲେ। ଏହା ମିଛ ବୋଲି କେଶବ କହିବାରୁ ଏଥିରେ ଉତ୍ତକ୍ଷିପ୍ତ ହୋଇ ପବିତ୍ର ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ସ୍ଥଗିତ

**ତାଳଚେର,୧୮।୬ (ମନୋଜ ନନ୍ଦ)**



ବୈଠକରେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ।

ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ଗଣଧାରଣାକୁ ସ୍ଥଗିତ ରଖାଯାଇଛି। କମିଟି ପକ୍ଷରୁ ବୁଧବାର ଏକ ବୈଠକ କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜରେ ରୋଗୀସେବା ସହିତ ଭେଷଜ ଶିକ୍ଷାଦାନ କରାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ କ୍ରିୟାନୁଷ୍ଠାନ କମିଟି ସହିତ କୌଣସି ଆଲୋଚନା ନ କରି ଧାରଣାସ୍ଥଳ ପବିତ୍ର ମୋହନ ମେଡିକାଲ କଲେଜ ସମ୍ମୁଖରେ ୧୬୩ ଧାରା ଲଗାଇ ଧାରଣାକୁ ବନ୍ଦ କରିଛନ୍ତି। ତେଣୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଧାରଣାକୁ ସ୍ଥଗିତ ରଖାଯାଇଛି। ଗଣଧାରଣା ସମ୍ବନ୍ଧରେ ପରବର୍ତ୍ତୀ ସମୟରେ ସୂଚନା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ବୈଠକରେ କମିଟି ସଭାପତି ପଦ୍ମ ଚରଣ ସାମଲ, ସମ୍ପାଦକ ବିଜୟ ପ୍ରଧାନ, ସୁରେଶ ପଟ୍ଟନାୟକ, ମୁରଲୀଧର ସାହୁ, ଦିଗାମ୍ବର ଗଡ଼ନାୟକ, ଚୈତନ୍ୟ ପ୍ରଧାନ, ସୁକାନ୍ତ ଦାସ, ବିଭୂତି ଭୂଷଣ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ନିଟ୍‌ରେ ସଫଳତା ପାଇଲେ ଶୁଭସ୍ମିତା


**ସନ୍ତ୍ରିଛକ, ୧୮।୬ (ସନ୍ତୋଷ ପରିଡ଼ା)**



ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକ ଗଡ଼ସନ୍ତ୍ରୀ ଗ୍ରାମର ଶୁଭସ୍ମିତା ବାରିକ ୫୫୨ ନମ୍ବର ରଖି ନିଟ୍‌ରେ ସଫଳତା ପାଇବା ସହ ସର୍ବଭାରତୀୟ ସ୍ତରରେ ୧୧,୪୫୧ ର୍‍ୟାଙ୍କ ରଖିଛନ୍ତି। ଶୁଭସ୍ମିତାଙ୍କ ବାପା ଲଳିତ ମୋହନ ବାରିକ ଦିନ ମଜୁରିଆ ଭାବେ କାମ କରନ୍ତି। ଆଗାମୀ ଦିନରେ ଡାକ୍ତର ହେବେ ବୋଲି ଶୁଭସ୍ମିତା ଲକ୍ଷ୍ୟ ରଖିଥିବା କହିଛନ୍ତି।

# ନିଆଁ ଲାଗି ଜଳିଗଲା ଏଟିଏମ୍

**ଛେଣ୍ଡିପଦା, ୧୮।୬ (ଅଜିତ ଧଳ)**



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ହାଟପଦା ଠାରେ ଥିବା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଏଟିଏମ୍‌ରେ ବୁଧବାର ମଧ୍ୟାହ୍ନରେ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ଲିଭାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବରପାଇ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଏଟିଏମ୍ କର୍ତ୍ତୃପକ୍ଷ ଆସିବା ପରେ କ୍ଷୟକ୍ଷତିର ସୂଚନା ମିଳିପାରିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମାଷ୍ଟର ଡ୍ରେନ୍ ପାଇଁ ଡ୍ରୋନ୍ ସର୍ଭେ

**ଅନୁଗୋଳ,୧୮।୬ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ପୌରପାଳିକା ମଧ୍ୟରେ ଡ୍ରେନ୍‌ର ମାଷ୍ଟର ପ୍ଲାନ୍ ତିଆରି ପାଇଁ ବୁଧବାରଠାରୁ ସର୍ଭେ କାମ ଆରମ୍ଭ ହୋଇଛି। ହଳଦିଆକଟା ବନ୍ଧ ନିକଟରୁ ଏହି ସର୍ଭେ କାର୍ଯ୍ୟ କରାଯାଉଛି। ଅନୁଗୋଳ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏହି ସର୍ଭେ ଦାୟିତ୍ୱ ନେଇଥିବା ସଂସ୍ଥା କାମ ଆରମ୍ଭ କରିଥିଲା। ଅନୁଗୋଳ ପୌରପାଳିକାର କେତେକ ଅଂଶରେ ଲୋକେ କୋଠାବାଡ଼ି ନିର୍ମାଣ ବେଳେ ତାମଡା ପ୍ଲାନ ଉଲ୍ଲଂଘନ କରି ନିର୍ମାଣ କାର୍ଯ୍ୟ କରିଥିବାରୁ ଡ୍ରେନ୍ ବ୍ୟବସ୍ଥାକୁ ଠିକ୍ ରୂପେ କାର୍ଯ୍ୟକାରୀ କରାଯାଇପାରିନାହିଁ। ଫଳରେ ବର୍ଷା ଦିନେ ସେସବୁ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଉଛି। ଏ ସମସ୍ୟା ଦୂର ପାଇଁ ଅନୁଗୋଳ ବିଧାୟକ ଏହି ପ୍ରସଙ୍ଗ ବିଧାନସଭାରେ ଉପସ୍ଥାପନ କରିବା ସହ ଅନୁଗୋଳରେ ଡ୍ରେନେଜ୍ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ପ୍ରାୟ ୯ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଇଥିଲେ। ଏବେ ଏହାର ଚୂଡ଼ାନ୍ତ ରୂପରେଖ ପାଇଁ ରାଜ୍ୟ ସରକାର କୋଟିଏ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ସମ୍ପୂର୍ଣ୍ଣ ଡ୍ରେନ୍ ପ୍ଲାନ ତିଆରି ହେବ। ବଡ଼ ବଡ଼ ଡ୍ରେନ ନିର୍ମାଣ ବେଳେ ଯେଉଁ ବ୍ୟକ୍ତି କିମ୍ବା ବିଲଡର ଯଦି ଜାଗା ଜବରଦଖଲ କରିଥାନ୍ତି ତେବେ ତାହା ଉଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।



ପୌର କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଡ୍ରେନ୍ ପାଇଁ ସର୍ଭେ କରାଯାଉଛି।

# ଶ୍ରୀଗୋପାଳ ଗୋଶାଳାକୁ ମିଳିଲା ସହାୟତା ରାଶି

**ଅନୁଗୋଳ,୧୮।୬ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ରନ୍ତଲେଇଠାରେ ଥିବା ଶ୍ରୀଗୋପାଳ ଗୋଶାଳାକୁ ସହାୟତା ରାଶି ମିଳିଛି। ଗତ ୧୭ ତାରିଖରେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଗୋଶାଳାକୁ ସୂଚନା ପ୍ରଦାନ କରାଯାଇଛି। ଦୀର୍ଘଦିନରୁ ଏହି ଗୋଶାଳା ଆର୍ଥିକ ସମସ୍ୟା ଦେଇ ଗତି କରି ଆସୁଥିବା ବେଳେ ଏହି ଅର୍ଥରାଶି ନିଶ୍ଚିତ ଭାବରେ ଗୋଶାଳାର ରକ୍ଷଣାବେକ୍ଷଣ ନିମନ୍ତେ ସହଯୋଗ କରିବ ବୋଲି ଶ୍ରୀ ଗୋପାଳ ଗୋଶାଳାର ପରିଚାଳନା ସମିତି ପକ୍ଷରୁ କୁହାଯାଇଛି।

ସମିତି କହିଛି, ୨୦୦୧ ମସିହାରୁ ଶ୍ରୀଗୋପାଳ ଗୋଶାଳାରେ ଗୋସେବା କରାଯାଉଛି। ଗତ ଫେବୃଆରୀ ୨୦୧୯ରେ ପୋଲିସ ପ୍ରଶାସନ ଦ୍ୱାରା ଗୋଚାଲାଣ ରୋକାଯିବା ସହ ଉଦ୍ଧାର ଗୋରୁଙ୍କୁ ଗୋଶାଳାକୁ ହସ୍ତାନ୍ତର କରାଯାଇଥିଲା। ପ୍ରାୟ ୧୨୦୦ରୁ ଅଧିକ ଗୋରୁଙ୍କୁ ପାଳିବା ସହଜ ନ ଥିଲେ ମଧ୍ୟ ଉକ୍ତ ଦାୟିତ୍ୱକୁ ଯଥାସାଧ୍ୟ ତୁଲାଯାଇ ଆସୁଥିଲା। ଗୋବଂଶ ହସ୍ତାନ୍ତର ସମୟରେ ପୋଲିସ ଓ ପ୍ରଶାସନ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ ନିମନ୍ତେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ତାହା ପୂରଣ କରାଯାଇ ନ ଥିଲା। ତେଣୁ ପ୍ରାୟ ୩ ମାସ ତଳେ କେନ୍ଦ୍ରମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ ସମୟରେ ତାଙ୍କୁ ଗୋଶାଳା ତରଫରୁ ସାକ୍ଷାତ କରାଯାଇ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନା ବେଳେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଏବଂ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ତେବେ ଇତିମଧ୍ୟରେ ଗୋଶାଳାକୁ ଅନୁଦାନ ମିଳିଥିବାରୁ ଏଥିପାଇଁ ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଏମ୍‌ପି, ବିଧାୟକ ଏବଂ ଅନୁଗୋଳ ଜିଲା ପ୍ରଶାସନଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ପ୍ରକାଶ କରୁଛନ୍ତି ବୋଲି ଗୋଶାଳା ପରିଚାଳନା ସମିତି ପକ୍ଷରୁ କୁହାଯାଇଛି।

# ଚଳିତବର୍ଷ ଜିଲାରେ ୧୦ ହଜାର ସଦସ୍ୟ ଏବିଭିପିର ଲକ୍ଷ୍ୟ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଏବିଭିପି କର୍ମକର୍ତ୍ତାମାନେ।

**ଅନୁଗୋଳ,୧୮।୬ (ଜ୍ୟୋତିରଞ୍ଜନ ସାହୁ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଅନୁଗୋଳ ତରଫରୁ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଆଗାମୀ ଏକ ବର୍ଷର ଯୋଜନା ସମ୍ପର୍କରେ ଏବିଭିପି ପକ୍ଷରୁ ସୂଚନା ଦିଆଯାଇଥିଲା। କର୍ମକର୍ତ୍ତାମାନେ କହିଥିଲେ ଯେ, ଗତ ୫, ୬, ୭ ଓ ୮ ତାରିଖରେ ବାରିପଦାଠାରେ ପ୍ରାନ୍ତ ଅଭ୍ୟାସ ବର୍ଗ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ବିଦ୍ୟାର୍ଥୀ ପରିଷଦର ଆଗାମୀ ଏକ ବର୍ଷର ଯୋଜନା ସ୍ଥିର ହେବା ସହିତ ସାରା ଓଡ଼ିଶାରେ ୧ ଲକ୍ଷ ୪୦ ହଜାର ସଦସ୍ୟତା ଲକ୍ଷ୍ୟ ସ୍ଥିର କରାଯାଇଛି। ଚଳିତବର୍ଷ କେବଳ ଅନୁଗୋଳ ଜିଲାରେ ୧୦ ହଜାର ସଦସ୍ୟତା ସୃଷ୍ଟି କରାଯିବ। ଏଥିସହ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ କରାଯିବା ନେଇ ରାଜ୍ୟ ସରକାରଙ୍କ ଘୋଷଣାକୁ ବିଦ୍ୟାର୍ଥୀ ପରିଷଦ ସ୍ୱାଗତ କରିବା ସହିତ ସମସ୍ତ କ୍ୟାମ୍ପସରେ ପୂର୍ଣ୍ଣଶକ୍ତିର ସହ ଲଢ଼ି ବିଜୟର ଧ୍ୱଜା ଉଡ଼ାଇବ।

ଏହି ଅବସରରେ ବିଭିନ୍ନ ବିଭାଗ ଏବଂ ଜିଲାର ଦାୟିତ୍ୱ ମଧ୍ୟ ଘୋଷଣା କରାଯାଇଥିଲା। ଢେଙ୍କାନାଳ ବିଭାଗ ପ୍ରମୁଖ ଭାବେ ଅଧ୍ୟାପକ ମୁରଲୀ ଜେନାମଣି, ବିଭାଗ ସହପ୍ରମୁଖ ଭାବେ ଅଧ୍ୟାପକ ଶଶାଙ୍କ ଶେଖର ପ୍ରଧାନ, ବିଭାଗ ସଂଯୋଜକ ଭାବେ ଅରୂପ ପଟ୍ଟନାୟକ, ବିଭାଗ ସହସଂଯୋଜକ ଭାବେ ଆଶିଷ କୁମାର ବେହେରା, ବିଭାଗ ଖେଳ ଭାରତ ପ୍ରମୁଖ ଭାବେ ସୁମନ ସାହୁ, ଅନୁଗୋଳ ଜିଲା ପ୍ରମୁଖ ଭାବେ ଅଧ୍ୟାପକ ଅବିନାଶ ଦୁବେ, ସଂଯୋଜକ ଭାବେ ଉମେଶ ବାଘ, ସହସଂଯୋଜକ ଭାବେ ଯୋଗେଶ କୁମାର ସାହୁ, ସାଇ ବିଘ୍ନେଶ ସାହୁ ଏବଂ ପୂର୍ଣ୍ଣକାଳୀନ ଭାବେ କାର୍ଯ୍ୟ କରିବା ପାଇଁ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀଙ୍କୁ ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଢେଙ୍କାନାଳ ବିଭାଗ ସହ ସଂଯୋଜକ ଆଶିଷ କୁମାର ବେହେରା, ବିଭାଗ ଖେଳ ଭାରତ ପ୍ରମୁଖ ସୁମନ ସାହୁ, ଅନୁଗୋଳ ଜିଲା ସଂଯୋଜକ ଉମେଶ ବାଘ, ଖେଳ ଭାରତ ପ୍ରମୁଖ ସୁମନ ସାହୁ, ଅନୁଗୋଳ ନଗର ଏସ୍‌ଏଫ୍‌ଡି ପ୍ରମୁଖ ଶୁଭଙ୍କର ଦେହୁରୀ ଉପସ୍ଥିତ ଥିଲେ।

# ତାଳଚେର ମେଡିକାଲ କଲେଜକୁ ନେଇ ରାଜନୀତି ଦୁର୍ଭାଗ୍ୟଜନକ

## ଖବରଦାତା ସମ୍ମିଳନୀରେ ବର୍ଷିଲେ ଢେଙ୍କାନାଳ ଏମ୍‌ପି, ୩ ବିଧାୟକ

**ଅନୁଗୋଳ,୧୮।୬ (ଜ୍ୟୋତିରଞ୍ଜନ ସାହୁ)**

ତାଳଚେର ପବିତ୍ର ମୋହନ ମେଡିକାଲ କଲେଜକୁ ନେଇ ବିଜେଡି ରାଜନୀତି କରିବା ଦୁର୍ଭାଗ୍ୟଜନକ। କିଛି ନ ବୁଝି କିଛି ନ ଜାଣି ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦି ତାଳଚେରର ବିଜେଡି ବିଧାୟକ ଓ ତାଙ୍କ ଦଳର ପୂର୍ବତନ ଏମ୍‌ପି ତାଳଚେରବାସୀଙ୍କ ମଧ୍ୟରେ ଯେଉଁ ଭ୍ରମ ତିଆରି କରିବା ପାଇଁ ଚାହୁଁଛନ୍ତି ତାହାକୁ କଡ଼ା ଶବ୍ଦରେ ନିନ୍ଦା କରାଯାଉଛି। ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସହ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ ଏହା କହିଛନ୍ତି।




ଖବରଦାତା ସମ୍ମିଳନୀରେ ଢେଙ୍କାନାଳ ଏମ୍‌ପି, ଅନୁଗୋଳ, ପାଲଲହଡ଼ା ଓ ଛେଣ୍ଡିପଦା ବିଧାୟକ ଉପସ୍ଥିତ ଅଛନ୍ତି।

ଢେଙ୍କାନାଳ ଏମ୍‌ପି ଓ ୩ ବିଧାୟକ କହିଛନ୍ତି, ତାଳଚେର ପବିତ୍ର ମୋହନ ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିବା ପାଇଁ ପୂର୍ବ ବିଜେଡି ସରକାର କେବେ ବି ଆଗ୍ରହ ପ୍ରକାଶ କରି ନ ଥିଲା। ବିଜେଡିର ବୈମାତୃକ ମନୋଭାବ ଓ ଇଚ୍ଛାଶକ୍ତି ଅଭାବରୁ ଦୀର୍ଘବର୍ଷ ଧରି ତାଳଚେରବାସୀ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ ତାଳଚେର ମେଡିକାଲ କଲେଜ ସହିତ ଜଡ଼ିତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଓଡ଼ିଶା ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସ ଭୁବନେଶ୍ୱର ପକ୍ଷରୁ ତାଳଚେର ମେଡିକାଲ କଲେଜରେ ୨୦୨୫-୨୬ବର୍ଷରୁ ୧୦୦ ଏମ୍‌ବିବିଏସ୍ ସିଟ୍ ଆରମ୍ଭ କରିବା ପାଇଁ ମଞ୍ଜୁର ଦିଆଯାଇଛି। ଡିନ୍, ପ୍ରିନ୍ସିପାଲ, ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି। ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ସହ ଅନ୍ୟାନ୍ୟ ପଦପଦବୀ ଓ ଆନୁଷଙ୍ଗିକ କାମ ପୂରଣ ହୋଇଛି। ଏହି ମେଡିକାଲ ପାଇଁ ଜାତୀୟ ମେଡିକାଲ ପରିଷଦର ଆନୁଷ୍ଠାନିକ ଯାଞ୍ଚ ପ୍ରକ୍ରିୟା ଚାଲୁରହିଥିବା ବେଳେ ଖୁବଶୀଘ୍ର ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବ ବୋଲି ଢେଙ୍କାନାଳ ଏମ୍‌ପି ଓ ୩ ବିଧାୟକ ପ୍ରକାଶ କରିଛନ୍ତି।

# ଶୁବମନ ୪ ନମ୍ବରରେ ବ୍ୟାଟିଂ କରିବେ

ହେଡିଂଲେ,୧୮।୬(ପି.ଟି.)

ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ଶୁବମନ ଗିଲ ନଂ-୪ ଓ ଉପ ଅଧିନାୟକ ରିଷଭ ପନ୍ତ ନଂ-୫ ପୋଜିଶନରେ ବ୍ୟାଟିଂ କରିବେ। ଏ ନେଇ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପନ୍ତ ପ୍ରକାଶ କରିଛନ୍ତି। ବିରାଟ କୋହଲିଙ୍କ ଅବସର ଯୋଗୁ ନଂ-୪ ପୋଜିଶନ ଲାଗି ନୂଆ ବ୍ୟାଟର ଖୋଜିବା ବାଧ୍ୟତାମୂଳକ ଥିଲା। ଏହି ପୋଜିଶନରେ ଗିଲ୍ ବ୍ୟାଟିଂ କରିବେ।

ମୋ ମତରେ ନଂ-୩ ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ନେଇ ଏବେ ବି ଆଲୋଚନା ଚାଲିଛି। କିନ୍ତୁ ନଂ-୪ ଓ ୫ ବ୍ୟାଟିଂ ପୋଜିଶନ ଫିକ୍ସ ରଖାଯାଇଛି। ମୋ ମତରେ ଶୁବମନ ନଂ-୪ ଏବଂ ମୁଁ ପଞ୍ଚମ କ୍ରମରେ ବ୍ୟାଟିଂ କରିବୁ। ବଳକା ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ସମ୍ପର୍କରେ ଆମେ ଚର୍ଚ୍ଚା ଜାରି ରଖିଛୁ ବୋଲି ପନ୍ତ କହିଛନ୍ତି। ଏତଦ୍ ବ୍ୟତୀତ ଅଧିନାୟକ ଗିଲ୍‌ଙ୍କ ସହ ବନ୍ଧୁତା ସମ୍ପର୍କରେ ପନ୍ତ ପ୍ରକାଶ କରିଛନ୍ତି ଯେ, ଗିଲ ଓ ମୁଁ ଫିଲ୍ଡ ବାହାରେ ବହୁତ ଭଲ ବନ୍ଧୁ। ଯଦି ଫିଲ୍ଡ ବାହାରେ ତୁମେ ଭଲ ବନ୍ଧୁ, ତେବେ ତାହା ଫିଲ୍ଡରେ ମଧ୍ୟ ଦେଖାଯିବ। ଆମେ ପରସ୍ପର ସହିତ ସହଜ ଅନୁଭବ କରୁ ଏବଂ ବହୁତ କଥା ହେଉ। ଗତ ୧୯ ବର୍ଷରେ ପ୍ରଥମ ଥର ପାଇଁ ଇଂଲଣ୍ଡ ଦଳ ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ବିନା ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ଏ ସମ୍ପର୍କରେ ପନ୍ତ କହିଛନ୍ତି ଯେ, ଆଣ୍ଡରସନ ଓ ବ୍ରଡ ଏଥର ନଖେଳିବା ଆମ ପାଇଁ ନିଶ୍ଚିତ ଭାବେ ଭଲ ଖବର। କାରଣ ସେମାନେ ଦୀର୍ଘ ବର୍ଷ ହେଲା ଇଂଲଣ୍ଡ ପାଇଁ ଖେଳୁଥିଲେ। ମୁଁ କେବଳ ଦୁଇଟି ଟୁରରେ ସେମାନଙ୍କ ବିପକ୍ଷରେ ଖେଳିଛି। କିନ୍ତୁ ସେମାନଙ୍କ ଅନୁପସ୍ଥିତି ପରେ ବି ଇଂଲଣ୍ଡ ନିକଟରେ ଯଥେଷ୍ଟ ଦକ୍ଷ ପେସ ବୋଲର ରହିଛନ୍ତି। ଆମେ କାହାକୁ ବି ହାଲୁକା ଭାବେ ନେବାକୁ ଚାହୁଁନୁ। କାରଣ ଆମ ଦଳରେ ପ୍ରାୟ ଯୁବ ଖେଳାଳି ରହିଛନ୍ତି। ସେମାନେ ଏବେ ବି ନିଜକୁ କ୍ରିକେଟର ଭାବେ ଇମ୍ପ୍ରୁଭ କରୁଛନ୍ତି। କିନ୍ତୁ ଆମକୁ କ୍ରିକେଟ ଖେଳିବାର ଅଛି ଏବଂ ଦରକାର ଥିଲା ବେଳେ ପ୍ରତିପକ୍ଷ ବୋଲରଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରିବାକୁ ପଡ଼ିବ।



ଖବରଦାତା ସମ୍ମିଳନୀରେ ରିଷଭ ପନ୍ତ।





ହେଡିଂଲେରେ ବୁଧବାର ଭାରତୀୟ ଦଳର ନେଟ୍ସ ସେସନରେ ଅଧିନାୟକ ଶୁବମନ ଗିଲ୍ ଓ କୋଚ୍ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଆଲୋଚନା। ଯଶପ୍ରୀତ୍ ବୁମ୍‌ରାଙ୍କ ଅଭ୍ୟାସ।

# ଗ୍ରୁପ୍-୧ରେ ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୧୮।୬




**ଜୁନ୍ ୧୪ରେ ପାକିସ୍ତାନକୁ ଭେଟିବ ଭାରତ**

ଇଂଲଣ୍ଡରେ ହେବାକୁଥିବା ୨୦୨୬ ମହିଳା ଟି୨୦ କ୍ରିକେଟ୍ ବିଶ୍ୱକପ୍ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ଜୁନ୍ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାରତ, ପାକିସ୍ତାନ ଓ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଆଉ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୧ରେ ଖେଳିବେ। ଆୟୋଜକ ଇଂଲଣ୍ଡ, ଗତଥରର ଚାମ୍ପିୟନ ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ଅନ୍ୟ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୨ରେ ସ୍ଥାନ ପାଇବେ। ଓଭାଲରେ ୨ଟି ଯାକ ସେମିଫାଇନାଲ ଏବଂ ଲର୍ଡ୍ସରେ ଫାଇନାଲ ଅନୁଷ୍ଠିତ ହେବ।

ଟୁର୍ଣ୍ଣାମେଣ୍ଟରେ ମୋଟ ୩୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଇଂଲଣ୍ଡର ୭ଟି ଭେନ୍ୟୁରେ ଏହା ୨୪ ଦିନଧରି ଖେଳାଯିବ। ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଓଭାଲ ଏବଂ ଲର୍ଡ୍ସ ବ୍ୟତୀତ ମ୍ୟାଚ୍‌ଗୁଡ଼ିକ ଓଲ୍ଡ ଟ୍ରାଫୋର୍ଡ, ହେଡିଂଲେ, ସାଉଥ୍ମ୍ପଟନ, ବ୍ରିଷ୍ଟଲ ଓ ଏଜ୍‌ବାଷ୍ଟନରେ ୩ଟି ଭିନ୍ନ ଭିନ୍ନ ସମୟ ପୂର୍ବାହ୍ନ ୧୦ଟା ୩୦, ଅପରାହ୍ନ ୨ଟା ୩୦ ଓ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହେବ। ଜୁନ୍ ୧୨ରେ ଉଦ୍‌ଘାଟନୀ ମ୍ୟାଚ୍ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଏଜ୍‌ବାଷ୍ଟନଠାରେ ଅନୁଷ୍ଠିତ ହେବ। ଏହା ଗତ ସଂସ୍କରଣ ସେମିଫାଇନାଲର ରିମ୍ୟାଚ୍ ସଦୃଶ ହେବ। ଚାମ୍ପିୟନ ନ୍ୟୁଜିଲାଣ୍ଡ ଜୁନ୍ ୧୩ରେ ସାଉଥ୍ମ୍ପଟନରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଦିନ ଅଷ୍ଟ୍ରେଲିଆ ୨୦୨୪ ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମାଞ୍ଚେଷ୍ଟରରେ ମ୍ୟାଚ୍ ଖେଳିବ। ଜୁନ୍ ୧୪ରେ ଏଜ୍‌ବାଷ୍ଟନରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଗ୍ରୁପ୍-୧ର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟରେ ଜୁନ୍ ୨୧ରେ ମାଞ୍ଚେଷ୍ଟରରେ ଭାରତ-ଦକ୍ଷିଣ ଆଫ୍ରିକା ଏବଂ ୨୮ରେ ଲର୍ଡ୍ସଠାରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ହେବ। ଭାରତ-ଅଷ୍ଟ୍ରେଲିଆ ମୁକାବିଲା ପ୍ରତିଯୋଗିତାର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ହେବ। ସେହିପରି ପାକିସ୍ତାନ ଜୁନ୍ ୧୭ରେ ଦକ୍ଷିଣ ଆଫ୍ରିକା ଓ ୨୩ରେ ଅଷ୍ଟ୍ରେଲିଆକୁ ଭେଟିବ।

ଗ୍ରୁପ୍-୨ରେ ଥିବା ଇଂଲଣ୍ଡ ଏହାର ମ୍ୟାଚ୍‌ଗୁଡ଼ିକ ୫ଟି ଭେନ୍ୟୁରେ ଖେଳିବ। ଏହି ଦଳ ଜୁନ୍ ୨୪ରେ ଲର୍ଡ୍ସରେ ୱେଷ୍ଟଇଣ୍ଡିଜ ଓ ୨୭ରେ ଓଭାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ଶ୍ରୀଲଙ୍କା ଜୁନ୍ ୧୬ରେ ସାଉଥ୍ମ୍ପଟନରେ ନ୍ୟୁଜିଲାଣ୍ଡ ଓ ୨୧ରେ ବ୍ରିଷ୍ଟଲରେ ୱେଷ୍ଟଇଣ୍ଡିଜ ସହିତ ମୁକାବିଲା କରିବ। ଆୟୋଜକ ଇଂଲଣ୍ଡ ଏବଂ ୨୦୨୪ ବିଶ୍ୱକପ୍‌ର ଟପ୍-୫ ଦଳ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସ୍ୱାଭାବିକଭାବେ ଯୋଗ୍ୟତା ହାସଲ କରିଛନ୍ତି। ପାକିସ୍ତାନ ଓ ଶ୍ରୀଲଙ୍କା ସେହିବର୍ଷ ଅକ୍ଟୋବର ୨୧ ବେଳକୁ ପରବର୍ତ୍ତୀ ୨ ଶ୍ରେଷ୍ଠ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ଥିବାରୁ ଯୋଗ୍ୟତା ହାସଲ କରିଛନ୍ତି। ଅନ୍ୟ ୪ଟି ଦଳ ୨୦୨୬ ପ୍ରାରମ୍ଭରେ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରୁ ଆସିବେ। ୧୦ ଦଳକୁ ନେଇ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ପାଇଁ ବାଂଲାଦେଶ, ସ୍କଟ୍‌ଲାଣ୍ଡ, ଆମେରିକା, ନେପାଳ ଓ ଥାଇଲାଣ୍ଡ ମନୋନୀତ ହୋଇସାରିଛନ୍ତି। ୟୁରୋପ, ଆଫ୍ରିକା ଏବଂ ଇଷ୍ଟ ଏସିଆ-ପାସିଫିକ କ୍ୱାଲିଫାୟର୍ସଗୁଡ଼ିକ ହେବାକୁ ବାକିଅଛି।

# କଙ୍ଗନା ବ୍ରାଣ୍ଡ୍ ଆମ୍ବାସାଡର

ନୂଆଦିଲ୍ଲୀ,୧୮।୬(ପି.ଟି.)

**ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**



କଙ୍ଗନା ରାଣାୱତ୍

ବଲିଉଡ୍ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାୱତ୍‌ଙ୍କୁ ବୁଧବାର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ୍ ଆମ୍ବାସାଡର କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ନୂଆଦିଲ୍ଲୀରେ ହେବ। 'ଫ୍ୟାଶନ' ଓ 'କ୍ୱିନ୍' ଭଳି ଫିଲ୍ମରେ ନିଜ ଅଭିନୟ ଜରିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ୩୯ ବର୍ଷୀୟା କଙ୍ଗନା ବର୍ତ୍ତମାନ ହିମାଚଳ ପ୍ରଦେଶର ମଣ୍ଡି ନିର୍ବାଚନମଣ୍ଡଳୀରୁ ଏମ୍‌ପି ଅଛନ୍ତି। ଭାରତୀୟ ପାରା ଆଥ୍‌ଲେଟମାନେ ପ୍ରତ୍ୟେକ ଦିନ ଯାହା ସମ୍ଭବ ତାହା କରି ଦେଖାଉଛନ୍ତି। ସେମାନଙ୍କୁ ସମର୍ଥନ ଏବଂ ସେମାନଙ୍କ ଅବିଶ୍ୱସନୀୟ ଉପଲବ୍ଧି ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିପାରୁଥିବାରୁ ମୁଁ ନିଜକୁ ଗର୍ବିତ ମନେକରୁଛି। ଆମ ଚାମ୍ପିୟନଙ୍କ ସହ ଛିଡ଼ାହୋଇଥିବାରୁ ମୁଁ ଗର୍ବିତ ବୋଲି ରାଣାୱତ୍ କହିଛନ୍ତି। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ(ପିସିଆଇ) ସଭାପତି ତଥା ଭାଜପା ନେତା ଦେବେନ୍ଦ୍ର ଝାଝାରିଆ ପ୍ରକାଶ କରିଛନ୍ତି ଯେ, ଭାରତୀୟ ଆଥ୍‌ଲେଟଙ୍କ ପ୍ରତି ତାଙ୍କର ପ୍ୟାଶନ, ପ୍ରଭାବ ଓ ପ୍ରତିବଦ୍ଧତା କଙ୍ଗନାଙ୍କୁ ନୂଆଦିଲ୍ଲୀରେ ହେବାକୁଥିବା ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି ଉପଯୁକ୍ତ ଆମ୍ବାସାଡର ଭାବେ ବିବେଚିତ କରୁଛି। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ଦେଶର ପାରା ଆଥ୍‌ଲେଟ ଭାଗନେବେ।

# ଇଂଲଣ୍ଡ ଭଲ ସର୍ଫେସ୍ ଚାହୁଁଛି: ଲିଡ୍ସ କ୍ୟୁରେଟର

ଲିଡ୍ସ,୧୮।୬(ପି.ଟି.)

ଆସନ୍ତା ଶୁକ୍ରବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହା ଉଭୟ ବ୍ୟାଟିଂ ଓ ବୋଲିଂକୁ ସୁହାଉଥିବା ପିଚ୍‌ରେ ଖେଳାଯିବ ବୋଲି ଲିଡ୍ସର ହେଡ୍ ଅଫ୍ ଗ୍ରାଉଣ୍ଡ୍ସ ରିଚାର୍ଡ ରବିନସନ କହିଛନ୍ତି। ଲିଡ୍ସରେ ସାଧାରଣତଃ ସିରିଜ୍‌ର ମଧ୍ୟବର୍ତ୍ତୀ ମ୍ୟାଚ୍ ଖେଳାଯାଇଥାଏ। କିନ୍ତୁ ଦୀର୍ଘବର୍ଷ ପରେ ଲିଡ୍ସ କୌଣସି ସିରିଜ୍‌ର ପ୍ରଥମ ଟେଷ୍ଟ ଆୟୋଜନ କରିବାକୁ ଯାଉଛି। ଏଣୁ ମ୍ୟାଚ୍‌ରେ କେଉଁଭଳି ପିଚ୍ ବ୍ୟବହାର କରାଯିବ, ତାହା ଚର୍ଚ୍ଚାର ବିଷୟ ପାଲଟିଛି।

ଇଂଲଣ୍ଡ ଦଳ ଏକ ଭଲ ସର୍ଫେସ୍ ଚାହୁଁଛି। ଏଣୁ ପିଚ୍ ପର୍ଯ୍ୟାୟକ୍ରମେ ଉଭୟ ବୋଲିଂ ଓ ବ୍ୟାଟିଂକୁ ସୁହାଇବ। ସେମାନେ ତାହା ହିଁ ଚାହୁଁଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇବ। ପରେ ଅତ୍ୟଧିକ ଖରା କାରଣରୁ ପିଚ୍ ଫ୍ଲାଟ୍ ହେବ ଏବଂ ବ୍ୟାଟିଂ କରିବା ସହଜ ହେବ ବୋଲି ରବିନସନ କହିଛନ୍ତି। ରୋହିତ୍ ଶର୍ମା ଓ ବିରାଟ କୋହଲି ଅବସର ନେଇସାରିଥିବାରୁ ଲୋକେଶ ରାହୁଲ ଭାରତୀୟ ଦଳର ସବୁଠୁ ସିନିୟର ଖେଳାଳି ପାଲଟିଛନ୍ତି। ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଦଳରେ ପ୍ରାୟତଃ ଯୁବଖେଳାଳି ସ୍ଥାନ ପାଇଛନ୍ତି। ଦଳରେ ସ୍ଥାନ ପାଇଥିବା ଯଶସ୍ୱୀ ଜୟସ୍ୱାଲ କ୍ୟାରିୟରରେ ପ୍ରଥମଥର ପାଇଁ ଇଂଲଣ୍ଡ ଟୁର୍ କରିଥିବା ବେଳେ କରୁନ ନାୟାର ଅନ୍ତିମଥର ୨୦୧୭ରେ ଟେଷ୍ଟ ଖେଳିଥିଲେ। ଭାରତୀୟ ଦଳ ସୋମବାର ହେଡିଂଲେରେ ପହଞ୍ଚିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଟିମ୍ ଇଣ୍ଡିଆ ଏଠାରେ ଅଧିକ ମ୍ୟାଚ୍ ଖେଳିନାହିଁ। ୨୦୨୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ଏକ ଇନିଂସ ବ୍ୟବଧାନରେ ପରାସ୍ତ ହୋଇଥିଲା। ଏଥିପୂର୍ବରୁ ୨୦୦୨ରେ ଏଠାରେ ଭାରତ ଏକ ଐତିହାସିକ ବିଜୟ ହାସଲ କରିଥିଲା।

# ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷିତ

ହେଡିଂଲେ,୧୮।୬

**ଭାରତ ବିପକ୍ଷ ପ୍ରଥମ ଟେଷ୍ଟ**

ଆସନ୍ତା ଶୁକ୍ରବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲାଗି ଇଂଲଣ୍ଡ ପକ୍ଷରୁ ବୁଧବାର ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି। ଏହି ମ୍ୟାଚ୍ ସହିତ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିର ଅଭିଯାନ ଓ ଉଭୟ ଦଳର ୨୦୨୫-୨୭ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ ଆରମ୍ଭ ହେବ।

ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳରେ ଯୁବ ଓ ଅଭିଜ୍ଞ ଖେଳାଳି ସ୍ଥାନ ପାଇଛନ୍ତି। ଜେମି ସ୍ମିଥଙ୍କୁ ଉଇକେଟ କିପିଂ ଦାୟିତ୍ୱ ଦିଆଯାଇଥିବା ବେଳେ ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଦଳରେ କ୍ରିସ ୱୋକ୍ସ ଓ ବ୍ରାଇଡନ କାର୍ସେଙ୍କ ଭଳି ପେସ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ଓଲି ପୋପ ନଂ-୩ ପୋଜିଶନ ବଜାୟ ରଖିଛନ୍ତି ଏବଂ ଦଳରେ ଏକମାତ୍ର ସ୍ପିନର ଭାବେ ଶୋଏବ ବଶୀରଙ୍କୁ ସ୍ଥାନ ମିଳିଛି। **ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଏକାଦଶ:** ଜ୍ୟାକ କ୍ରଲି, ବେନ ଡକେଟ, ଓଲି ପୋପ (ଉପ ଅଧିନାୟକ), ଜୋ ରୁଟ, ହ୍ୟାରି ବ୍ରୁକ, ବେନ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ (ଉଇକେଟକିପର), କ୍ରିସ ୱୋକ୍ସ, ବ୍ରାଇଡନ କାର୍ସେ, ଜୋଶ ଟଙ୍ଗ ଓ ଶୋଏବ ବଶୀର।

# ବିଶ୍ୱକପ ପୂର୍ବରୁ ପ୍ରକୃଷ୍ଟ ଟୁର୍ଣ୍ଣାମେଣ୍ଟ: ହୁଣ୍ଡାଲ

ବେଙ୍ଗାଲୁରୁ, ୧୮।୬

**ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି**

ଜର୍ମାନୀର ବର୍ଲିନଠାରେ ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୧ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳ ବୁଧବାର ବର୍ଲିନ ଯାତ୍ରା କରିଛି। ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲଙ୍କ ନେତୃତ୍ୱରେ ଭାରତ ଏହାର ପ୍ରଥମ ମ୍ୟାଚ ୨୧ ତାରିଖରେ ଜର୍ମାନୀ ବିପକ୍ଷରେ ଖେଳିବ। ଏହାପରେ ୨୨ରେ ଅଷ୍ଟ୍ରେଲିଆ ଓ ୨୪ରେ ସ୍ପେନ୍ ବିପକ୍ଷରେ ମୁକାବିଲା କରିବ। ପୁଲ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ୨୫ରେ ଅନୁଷ୍ଠିତ ହେବ। ସେହିଦିନ ଅନ୍ୟ ୨ ଦଳକୁ ନେଇ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ।

ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ ୨୦୨୫ ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକପ ଆଉ ଅଳ୍ପ କିଛିମାସ ବାକିଥିବାରୁ ଆମେ ନିଜର ଦୋଷ ଦୁର୍ବଳତା ଜାଣିବା ପାଇଁ ଏହା ହିଁ ପ୍ରକୃଷ୍ଟ ଟୁର୍ଣ୍ଣାମେଣ୍ଟ। ଏଥିରୁ ଆମେ ଟିମ୍ କମ୍ବିନେଶନ ପ୍ରସ୍ତୁତ କରିବୁ ଏବଂ ଦୁର୍ବଳ ଦିଗ ଉପରେ କାମ କରିବୁ। ଆମେ ବିଶ୍ୱର କେତେକ ଶ୍ରେଷ୍ଠ ଦଳକୁ ଭେଟିବାକୁ ଯାଉଛୁ। ଏଥିରୁ ଆମର କେତେ ଶକ୍ତି ତାହା ଜଣାପଡ଼ିବ ଏବଂ ମ୍ୟାଚ ଗୁଡ଼ିକରେ ଭିନ୍ନ ରଣନୀତିରେ ଖେଳିବାକୁ ଚେଷ୍ଟା କରିବୁ'' ବୋଲି ଭାରତୀୟ ଦଳର ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲ ପ୍ରକାଶ କରିଛନ୍ତି। ୨୦୨୫ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ ଆଉ ୬ ମାସରୁ କମ୍ ସମୟ ଥିବାରୁ ଚତୁଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ୪ଟି ଯାକ ଦଳ ଭଲ ଅଭ୍ୟାସ ପାଇପାରିବେ।




ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ଣ୍ଣାମେଣ୍ଟ ପାଇଁ ବୁଧବାର ଜର୍ମାନୀ ଗସ୍ତ କରିଥିବା ଭାରତୀୟ ହକି ଦଳ।

## ସର୍ଜରିର ସମ୍ମୁଖୀନ ହୋଇପାରନ୍ତି ସୂର୍ଯ୍ୟକୁମାର

ନୂଆଦିଲ୍ଲୀ,୧୮।୬(ପି.ଟି.): ଭାରତର ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହର୍ନିଆ ସମ୍ପର୍କିତ ଇଞ୍ଜୁରିର ଚିକିତ୍ସା ଲାଗି ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ପାଇଁ ଇଂଲଣ୍ଡ ଗସ୍ତ କରିଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ୩୩ ବର୍ଷୀୟ ସୂର୍ଯ୍ୟ ଗତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଲାଗି ୭୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ। ଆଇପିଏଲ୍ ପରେ ସେ ମୁମ୍ବାଇ ପ୍ରିମିୟର ଲିଗ୍ ଟି୨୦ରେ ମଧ୍ୟ ଭାଗ ନେଇଥିଲେ। ସୂର୍ଯ୍ୟ ଏବେ ସ୍ପୋର୍ଟ୍ସ ହର୍ନିଆ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେ ବିଶେଷଜ୍ଞଙ୍କ ସହ ପରାମର୍ଶ ଲାଗି ୟୁକେ ଯାଇଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ଆସନ୍ତା ଅଗଷ୍ଟ-ସେପ୍ଟେମ୍ବର ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ନ ଥିବାରୁ ସୂର୍ଯ୍ୟ ତାଙ୍କ ଇଞ୍ଜୁରିର ଉପଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପଚାର ପରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ରହିବା ଲାଗି ତାଙ୍କୁ ଯଥେଷ୍ଟ ସମୟ ମିଳିବ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ